NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
25 APRIL 2026
ଶନିବାର
୨୫ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 337 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୩୭ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

### ବଲାଙ୍ଗୀରରେ ରାଜ୍ୟସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

# ଭେଟିଦେଲେ ୫୮୧ କୋଟିର ୩୦୪ ପ୍ରକଳ୍ପ

**ଭୁବନେଶ୍ୱର, ବଲାଙ୍ଗୀର, ୨୪।୪/ଏନ୍ଏନ୍ଏସ୍:**




ବଲାଙ୍ଗୀରଠାରେ ରାଜ୍ୟସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ' ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଲାଙ୍ଗୀର ଜିଲ୍ଲା ପାଇଁ ୫୮୧ କୋଟି ଟଙ୍କା ମୂଲ୍ୟର ୩୦୪ଟି ଉନ୍ନୟନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୩୨୯ କୋଟି ଟଙ୍କାର ୨୬୮ଟି ପ୍ରକଳ୍ପର ଲୋକାର୍ପଣ ଓ ୨୫୨ କୋଟି ଟଙ୍କାର ୩୬ଟି ପ୍ରକଳ୍ପର ଶିଳାନ୍ୟାସ କରଯାଇଛି। ଏଥିରେ ଭୀମଭୋଇ ମେଡିକାଲ୍ କଲେଜ୍‌ରେ ଏକ ନୂତନ ନର୍ସିଂ କଲେଜ ପାଇ ମଧ୍ୟ ଶିଳାନ୍ୟାସ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀରରେ ଚିନି କଳ ଓ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା ପାଇବାକୁ ଯାଉଥିବା ଘୋଷଣା କରିଥିଲେ। ଏଥି ସହିତ ଅନ୍ତୋଦୟ ଗୃହ ଯୋଜନାରେ ୫୦,୦୦୦ ରୁ ଅଧିକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ପ୍ରଥମ କିସ୍ତି ରାଶି ପ୍ରଦାନର ଶୁଭାରମ୍ଭ କରିଥିଲେ। ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲ୍ ଓ ଇ-ପଞ୍ଚାୟତ ସଭା ପୋର୍ଟାଲ୍‌କୁ ମଧ୍ୟ ଉନ୍ମୋଚନ କରିଥିଲେ। ଏହି ଅବସରରେ ନିଜର ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଆଜି କେବଳ ଯୋଜନା କାର୍ଯ୍ୟକାରୀ କରିବା ▶▶ ୬

**ବଲାଙ୍ଗୀରରେ ହେବ ଚିନି କଳ, ଟେକ୍ସଟାଇଲ୍ ପାର୍କ**

**ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ**

**ପଞ୍ଚାୟତିରାଜ ସମୀକ୍ଷା ପୋର୍ଟାଲ୍, ଇ- ପଞ୍ଚାୟତ ସଭା ପୋର୍ଟାଲ୍ ଉନ୍ମୋଚିତ**





## ଓଡ଼ିଶାରେ ଜାପାନର ୧୫ ହଜାର କୋଟି ଟଙ୍କା ପୁଞ୍ଜିନିବେଶ

▶▶ ରିପୋର୍ଟ: ପୃଷ୍ଠା–୩

## ୩୦ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:**

ଆସନ୍ତା ଏପ୍ରିଲ ୩୦ ଅର୍ଥାତ ଗୁରୁବାର ପୂର୍ବାହ୍ଣ ୧୧ରେ ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ବସିବ। ଏହି ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଏନେଇ ରାଜ୍ୟପାଳ ଅନୁମତି ଦେଇଛନ୍ତି। ଶୁକ୍ରବାର ବିଧାନସଭା ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୭୪ ଖଣ୍ଡ(୧) ରେ ଅର୍ପିତ କ୍ଷମତା ପ୍ରୟୋଗ ପୂର୍ବକ ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ସପ୍ତଦଶ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ୩୦ ଏପ୍ରିଲ ୨୦୨୬ ଗୁରୁବାର ପୂର୍ବାହ୍ଣ ୧୧ ଘଟିକା ସମୟକୁ ବିଧାନସଭାରେ ଅନୁଷ୍ଠିତ ହେବା ପାଇଁ ରାଜ୍ୟପାଳ ସଦୟ ସମନ କରିଛନ୍ତି। ଓଡିଶା ବିଧାନସଭାର ସଭାର ▶▶ ୬

**ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ ସମ୍ପର୍କରେ ହେବ ଆଲୋଚନା**

### ଆଗୁଆ ଖରାଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

## ୨୭ରୁ ସ୍କୁଲ୍ ବନ୍ଦ

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:**

ଏପ୍ରିଲ୍ ୨୭ରୁ ସ୍କୁଲ୍ ଛୁଟି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟରେ ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି। ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ସମୟରେ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। କିନ୍ତୁ ଏହି ସମୟ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା ଓ ଅନ୍ୟାନ୍ୟ ଅଫିସ କାର୍ଯ୍ୟ ଜାରି ରହିବ। ସେପଟେ ଯେଉଁ ସ୍କୁଲ୍ ▶▶ ୬

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରସ୍ତାବକୁ ଅନୁମୋଦନ**

**ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିଷ୍ପତ୍ତି**

**ଜାରି ରହିବ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା**

## ଟ୍ରେନ୍ ଟ୍ରାକ୍‌ରେ ଶ୍ୱଶୁର, ଜ୍ୱାଇଁଙ୍କ ମୃତଦେହ

**ରାୟଗଡ଼ା,୨୪।୪/ଏନ୍ଏନ୍ଏସ୍:**

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଚିକିତ୍ସା ସାରି ଘରକୁ ଫେରୁଥିବାବେଳେ ଟ୍ରେନ ଟ୍ରାକରୁ ମିଳିଛି ଶ୍ୱଶୁର ଓ ଜ୍ୱାଇଁଙ୍କ ମୃତଦେହ। ରାୟଗଡ଼ା ରେଳ ଷ୍ଟେସନ ୫ ନମ୍ବର ପ୍ଲାଟଫର୍ମରେ ଶ୍ୱଶୁର ଲିଙ୍ଗରାଜ ସାହା(୮୦) ଓ ଦହିଖାଲ ନିକଟରେ ଜ୍ୱାଇଁ ସୁଦାମ ନାୟକ(୬୨)ଙ୍କ ମୃତଦେହ ମିଳିଛି। ଗତକାଲି ରାତିରେ ଏହି ଅଭାବନୀୟ ଘଟଣା ଘଟିଥିବାବେଳେ ମୃତକ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ କିକିଆ ଗ୍ରାମର ବୋଲି ଜଣାପଡ଼ିଛି। ଉଭୟଙ୍କ ମୃତ୍ୟୁ କିଭଳି ଓ କେଉଁ ପରିସ୍ଥିତିରେ ହେଲା ସ୍ପଷ୍ଟ ହୋଇନଥିବାବେଳେ ରାୟଗଡ଼ା ଓ ମୁନିଗୁଡା ଜିଆରପି ପୁଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ, ଗତକାଲି ରାତିରେ କୋରବା ଲିଙ୍କ ଏକ୍ସପ୍ରେସରେ ଶ୍ୱଶୁର ଓ ଜ୍ୱାଇଁ କେସିଙ୍ଗା ଫେରୁଥିଲେ। ପ୍ରବଳ ଭିଡ଼ ଯୋଗୁଁ ଅଲଗା ବଗିର ଗେଟ୍ ପାଖରେ ଦୁଇ ଜଣ ଭିନ୍ନ ଭାବରେ ବସି ରହିଥିଲେ। ତେବେ ରାତି ପ୍ରାୟ ୧୧.୩୦ସମୟରେ ରାୟଗଡ଼ା ରେଳ ଷ୍ଟେସନ ସିଗ୍ନାଲ ବକ୍ସ ନିକଟରେ ପ୍ରଥମେ ଲିଙ୍ଗରାଜ ପଡ଼ି ଯାଇଥିଲେ। କିନ୍ତୁ ଏହା ସୁଦାମ ▶▶ ୬

### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

## ଜମି ଚିହ୍ନଟ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:**

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (ଜିଏମ୍ଏପିଭି) ଯୋଜନା ଅଧୀନରେ ବିଦ୍ୟାଳୟ ନିର୍ମାଣ ପାଇଁ ୫ ଏକର ଉପଯୁକ୍ତ ଜମି ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରିବା ନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ ଯେ, ଗ୍ରାମପଞ୍ଚାୟତସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଜିଏମଏପିଭି ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହି ଯୋଜନା ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୧୧୮ଟି ବିଦ୍ୟାଳୟ ଚୟନ କରାଯାଇ, ରାଜ୍ୟସ୍ତରୀୟ ଶିଳାନ୍ୟାସ କାର୍ଯ୍ୟକ୍ରମ ଗତ ଜାନୁଆରୀ ୭ ତାରିଖରେ ଆୟୋଜିତ ହୋଇଥିଲା। ପୁନଶ୍ଚ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ୨୧୨ଟି ବିଦ୍ୟାଳୟ ମଧ୍ୟ ଇତିମଧ୍ୟରେ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଏତଦ୍‌ବ୍ୟତୀତ ଉକ୍ତ ▶▶ ୬

## ନଦୀରେ ବୁଡ଼ିଗଲେ ଜେଜେ ମା', ନାତୁଣୀ

**ତିହିଡ଼ି,୨୪।୪/ଏନ୍ଏନ୍ଏସ୍:**

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ତଳଗୋପବିନ୍ଧା ପଞ୍ଚାୟତରେ ନଦୀ ପାରି ହେଉଥିବା ବେଳେ ପାଣିରେ ବୁଡ଼ି ଜେଜେ ମା' ଓ ନାତୁଣୀ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ସେମାନେ ହେଲେ ତଳଗୋପବିନ୍ଧା ପଞ୍ଚାୟତ ଅନ୍ତର୍ଗତ ପଦାସାହିର ଉମାକାନ୍ତ ବେହେରାଙ୍କ ମା' ଦ୍ରୌପଦୀ ବେହେରା (୬୩) ଓ ଦଶମ ଶ୍ରେଣୀରେ ପଢୁଥିବା ତାଙ୍କ କନ୍ୟା ଲକ୍ଷ୍ମୀପ୍ରିୟା ବେହେରା। ଶୁକ୍ରବାର ଅପରାହ୍ଣରେ ଉମାକାନ୍ତ ନିଜ ଗାଁ ପାର୍ଶ୍ୱ ସାଳନ୍ଦୀ ନଦୀର ଅପରପାର୍ଶ୍ୱରେ ଚାଷ କରୁଥିଲେ। ତେବେ ତାଙ୍କ ଫେରିବାରେ ବିଳମ୍ବ ହେବାରୁ ଦ୍ରୌପଦୀ ଓ ଲକ୍ଷ୍ମୀପ୍ରିୟା ସାଳନ୍ଦୀ ନଦୀର ଅପରପାର୍ଶ୍ୱକୁ ଯିବା ପାଇଁ ପାଣିରେ ପଶିଥିଲେ। ତେବେ ଦୁର୍ଭାଗ୍ୟବଶତଃ ନଦୀରେ ଡୋଜର ସାହାଯ୍ୟରେ ଖୋଳାଯାଇଥିବା ଏକ ଖାଲରେ ଉଭୟ ପଡ଼ି ପାଣିରେ ବୁଡ଼ିଯାଇଥିଲେ। ତେବେ ପରିବାରର ୩ ଜଣ ଫେରିବାରେ ବିଳମ୍ବ ହେବାରୁ ଉମାକାନ୍ତଙ୍କୁ ଘରୁ ଫୋନ୍ ଯାଇଥିଲା। ଉମାକାନ୍ତ ସେମାନଙ୍କୁ ଖୋଜାଖୋଜି କରି ଘରକୁ ଫେରୁଥିବା ବେଳେ ନଦୀରେ ମା'ଙ୍କର ମୃତଦେହ ଭାସୁଥିବା ▶▶ ୬

# ଆପ୍ ଛାଡ଼ିଲେ ୭ ରାଜ୍ୟସଭା ସାଂସଦ

### ବିଜେପିରେ ମିଶିଲେ ରାଘବ, ସନ୍ଦୀପ୍ ଓ ଅଶୋକ

**ନୂଆଦିଲ୍ଲୀ, ୨୪।୪/ଏଜେନ୍ସି:**

ବେଶ୍ କିଛି ଦିନ ଧରି ଆମ୍ ଆଦ୍‌ମୀ ପାର୍ଟି (ଆପ୍)ରେ କୋଣଠେସା ହୋଇ ଆସୁଥିବା ରାଜ୍ୟସଭା ସାଂସଦ ରାଘବ ଚଢ଼ା, ଏକ ବଡ଼ ପଦକ୍ଷେପ ନେଇଛନ୍ତି ଯାହାଦ୍ୱାରା ଆପ୍‌ର ପାଦ ତଳୁ ମାଟି ଖସିଯିବା ଭଳି ପରିସ୍ଥିତି ହୋଇଛି। ରିପୋର୍ଟ ଅନୁସାରେ ରାଘବ ଚଢ଼ାଙ୍କ ସମେତ ଆପ୍‌ର ମୋଟ୍ ୭ ରାଜ୍ୟସଭା ସାଂସଦ ଶୁକ୍ରବାର ଆକସ୍ମିକ ଭାବେ ଦଳରୁ ଇସ୍ତଫା ଦେଇଛନ୍ତି। ସମସ୍ତେ ନିଜ ନିଜ ଇସ୍ତଫା ପତ୍ର ଦଳର ହାଇକମାଣ୍ଡଙ୍କ ନିକଟକୁ ପଠାଇବା ସହ ଏମାନେ ସମସ୍ତେ ଆପ୍ ଛାଡୁଥିବା ନେଇ ଏକ ମିଳିତ ସ୍ୱାକ୍ଷରନାମା ପ୍ରସ୍ତୁତ କରି ରାଜ୍ୟସଭା ଅଧ୍ୟକ୍ଷ (ଉପରାଷ୍ଟ୍ରପତି) ସିପି ରାଧାକ୍ରିଷ୍ଣନ୍‌ଙ୍କ ନିକଟକୁ ମଧ୍ୟ ପଠାଇଛନ୍ତି। ଦଳୀୟ ସାଂସଦଙ୍କ ଏପ୍ରକାର ସାମୂହିକ ଇସ୍ତଫାକୁ ନେଇ ଆପ୍ ଯେତେମାତ୍ରାରେ ବିଚଳିତ ନହୋଇଛି, ଅନ୍ୟ ଏକ ଘଟଣା ଆପ୍‌କୁ ଭିତରୁ ହିଁ ଦୋହଲାଇ ଦେଇଛି। ଦଳର ଏହି ୭ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୨ ରାଜ୍ୟସଭା ସାଂସଦ ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲ, ରାଘବ ଚଢ଼ାଙ୍କ ସହ ଶୁକ୍ରବାର ବିଧିବଦ୍ଧ ଭାବେ ବିଜେପିରେ ସାମିଲ ମଧ୍ୟ ହୋଇଛନ୍ତି। ବିଜେପି ଅଧ୍ୟକ୍ଷ ନିତିନ୍ ନବୀନ ଶୁକ୍ରବାର ସନ୍ଧ୍ୟାରେ ବିଜେପି କାର୍ଯ୍ୟାଳୟରେ ରାଜ୍ୟସଭା ସାଂସଦ ରାଘବ ଚଢ଼ା, ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲଙ୍କୁ ମିଠା ଖୁଆଇ ଦଳର ସଦସ୍ୟତା ଗ୍ରହଣ କରାଇଛନ୍ତି।

ଅନ୍ୟପକ୍ଷେ ଏକ ସାମ୍ବାଦିକ ସମ୍ମିଳନୀ କରି ରାଘବ ସୂଚନା ଦେଇଛନ୍ତି ଯେ ଆଜି ସେ, ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲଙ୍କୁ ମିଶାଇ ମୋଟ୍ ୩ଜଣ ବିଜେପିରେ ସାମିଲ ହୋଇଛନ୍ତି। ▶▶ ୬

**ଖୁବ୍‌ଶୀଘ୍ର ପଦ୍ମ ଶିବିରକୁ ଆସିବେ ହରଭଜନ, ରାଜିନ୍ଦର, ବିକ୍ରମଜିତ୍, ସ୍ୱାତୀ**



# ବନ୍ଦ ହେବ ଅକାମୀ ଯୋଜନା

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:**



**୩ରୁ ୪ବର୍ଷ ଧରି କୌଣସି ବଜେଟ୍ ବରାଦ ପାଇନଥିବା ଯୋଜନା ହେବ ବନ୍ଦ**

ସରକାରୀ ଯୋଜନାରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଅକାମୀ ଯୋଜନା ଗୁଡ଼ିକୁ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ଅଧିକ ପ୍ରଭାବଶାଳୀ ଓ ଫଳପ୍ରଦ କରିବା ଲକ୍ଷ୍ୟରେ, ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗତ ଏପ୍ରିଲ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୨୩ଟି ବିଭାଗର ଯୋଜନାଗୁଡ଼ିକୁ ସମୀକ୍ଷା କରାଯାଇଛି। ଏଥିରେ ଅକାମୀ ଯୋଜନାଗୁଡ଼ିକୁ ବନ୍ଦ କରିବାକୁ ଆଲୋଚନା ହୋଇଛି।

ସରକାର ସମସ୍ତ ରାଜ୍ୟ ପରବର୍ତ୍ତୀ ଯୋଜନା (ଷ୍ଟେଟ ସେକ୍ଟର ଯୋଜନା) ଗୁଡ଼ିକୁ ସେଗୁଡ଼ିକର ପ୍ରଭାବ ଆଧାରରେ ଉଚ୍ଚ, ମଧ୍ୟମ ଏବଂ ନିମ୍ନ ପ୍ରାଥମିକତା ବର୍ଗରେ ବିଭକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଚ୍ଚ ପ୍ରାଥମିକତାପ୍ରାପ୍ତ ଯୋଜନାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ। ଏଥିସହିତ, ଗତ ତିନିରୁ ଚାରି ବର୍ଷ ଧରି କୌଣସି ବଜେଟ୍ ବରାଦ ପାଇନଥିବା କିମ୍ବା କେବଳ ନାମମାତ୍ର ବରାଦ ହୋଇଥିବା ଯୋଜନାଗୁଡ଼ିକୁ ବନ୍ଦ କରିବା ନେଇ ବିଚାର କରାଯାଇଛି। ସେହିପରି ସମାନ ପ୍ରକୃତିର ଯୋଜନାଗୁଡ଼ିକୁ ଏକତ୍ର କରି ଗୋଟିଏ ଅମ୍ବ୍ରେଲା ଯୋଜନା ଅଧୀନରେ ଆଣିବାକୁ କୁହାଯାଇଛି।

ଏହାଛଡ଼ା, କେନ୍ଦ୍ରୀୟ ଯୋଜନାଗୁଡ଼ିକରୁ ସର୍ବାଧିକ ହିତାଧିକାରୀ ଯେପରି ଉପକୃତ ହୋଇପାରିବେ, ସେ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। କୌଣସି ଅବଶିଷ୍ଟ ତ୍ରୁଟି ରହିଲେ ତାହା ରାଜ୍ୟ ସରକାର ପୂରଣ କରିବେ। ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ଓ ତଥ୍ୟଭିତ୍ତିକ ଆକଳନ ପାଇଁ 'ଅନୁସନ୍ଧାନ, ମୂଲ୍ୟାୟନ ଏବଂ ନୀରିକ୍ଷଣ' ବାବଦରେ ପ୍ରତ୍ୟେକ ବଡ଼ ଯୋଜନାରେ ▶▶ ୬

### ୨୯ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍: ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ

## ଟିଏମ୍‌ସିର ଦୀପ ଲିଭିବା ସ୍ଥିତିରେ ଉପନୀତ: ମୋଦୀ

**କୋଲକାତା, ୨୪।୪/ଏଜେନ୍ସି:**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ପଶ୍ଚିମବଙ୍ଗର ଦମ୍‌ଦମ୍ ଏବଂ ଯାଦବପୁରରେ ରାଲି କରିଛନ୍ତି। ଏଠାରେ ଆୟୋଜିତ ନିର୍ବାଚନ ରାଲିକୁ ସମ୍ବୋଧିତ କରିବା ଆଳରେ ସେ ରାଜ୍ୟରେ କ୍ଷମତାସୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ୍ କରିବା ଦେଖିବାକୁ ମିଳିଛି। ମୋଦୀ କହିଛନ୍ତି ଯେ ଟିଏମ୍‌ସିର ଦୀପ ଲିଭିବାକୁ ଯାଉଛି ଏବଂ ଲିଭିବା ପୂର୍ବରୁ ଦୀପଟି ଫଡ଼ଫଡ଼ ହେଉଛି। ବଙ୍ଗଳାରେ ପରିବର୍ତ୍ତନର ଲହର ଅଛି ଏବଂ ପ୍ରଥମ ପର୍ଯ୍ୟାୟ ମତଦାନ ଏହା ଉପରେ ମୋହର ମାରିଦେଇଛି। ସେହିପରି ମହିଳା ସଂରକ୍ଷଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିଜେପି ଝିଅମାନଙ୍କ ସ୍ୱପ୍ନକୁ ଚୂରମାର ହେବାକୁ ଦେବ ନାହିଁ ଏବଂ ମହିଳାଙ୍କ ସୁରକ୍ଷା ଆମର ପ୍ରାଥମିକତା ହେବ।

ମୋଦୀ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇ କହିଛନ୍ତି, ବଙ୍ଗଳାକୁ ଏବେ ଟିଏମ୍‌ସି ଠାରୁ ମୁକ୍ତି ଦରକାର। ଟିଏମ୍‌ସିର ଭୟରୁ ମୁକ୍ତି, ଦୁର୍ନୀତିରୁ ମୁକ୍ତି, ସିଣ୍ଡିକେଟ୍ ରାଜ୍‌ରୁ ମୁକ୍ତି ଏବଂ ଝିଅମାନଙ୍କ ଉପରେ ଅତ୍ୟାଚାର ତଥା ବେକାରୀ ସମସ୍ୟାରୁ ମୁକ୍ତି। ଟିଏମ୍‌ସି ବଙ୍ଗଳାରେ ଗଣତନ୍ତ୍ରର ମନ୍ଦିରକୁ ଦଳି ଦେଇଥିଲା, କିନ୍ତୁ ପ୍ରଥମ ପର୍ଯ୍ୟାୟରେ ଜନସାଧାରଣ ଏହି ଗଣତନ୍ତ୍ରର ମନ୍ଦିରକୁ ପୁନଃ ନିର୍ମାଣ କରିଛନ୍ତି। ଯେତେବେଳେ ବଙ୍ଗଳାର ଝିଅମାନେ ନ୍ୟାୟ ମାଗନ୍ତି, ଟିଏମ୍‌ସି ସେମାନଙ୍କୁ ଘରୁ ବାହାରକୁ ନବାହାରିବାକୁ ପରାମର୍ଶ ଦିଏ। ଟିଏମ୍‌ସି ଚାହୁଁନାହିଁ ଯେ ମହିଳାମାନେ ସ୍ୱପ୍ନ ଦେଖନ୍ତୁ। ମୋଦୀ ଜୋର ଦେଇ କହିଛନ୍ତି, ମେ' ୪ ରେ ବିଜେପି ସରକାର ଗଠନ ହେବା ପରେ ମହିଳାମାନଙ୍କ ଉପରେ ହୋଇଥିବା ସମସ୍ତ ଅତ୍ୟାଚାରର ଫାଇଲ୍ ଖୋଲାଯିବ। ବିଜେପି ସରକାରରେ ବଳାତ୍କାରୀମାନେ ସୁରକ୍ଷିତ ରହିବେ ନାହିଁ, ଏହା ହେଉଛି ମୋଦୀ' ଗ୍ୟାରେଣ୍ଟି। ପ୍ରଧାନମନ୍ତ୍ରୀ ମୋଦୀ ଶୁକ୍ରବାର ରାଲି ସମୟରେ ଆରଜି କର ପୀଡ଼ିତାଙ୍କ ମା'ଙ୍କୁ ମଧ୍ୟ ଭେଟିଥିଲେ। ସେ କହିଲେ ଯେ ଯେଉଁ ମା' ନିଜ ଝିଅକୁ ଡାକ୍ତର କରିବାରେ ସାହାଯ୍ୟ କରିଥିଲେ, ଟିଏମ୍‌ସି ସେହି ଝିଅକୁ ତାଙ୍କଠାରୁ ଛଡ଼ାଇ ନେଲା।

ମୋଦୀ କହିଛନ୍ତି, ତାଙ୍କ ସରକାର ଚାହେଁ, ପ୍ରତ୍ୟେକ ଯୋଜନାରେ ମହିଳାଙ୍କ ଅଂଶଗ୍ରହଣ ବୃଦ୍ଧି ଘଟୁ। ଦେଶ ରାଜନୀତିରେ ମହିଳାଙ୍କ ଅଂଶଗ୍ରହଣ ତାଙ୍କ ସରକାର ଚାହୁଁଛି, କିନ୍ତୁ ଟିଏମ୍‌ସି ଏହା ଚାହୁଁନାହିଁ। ଟିଏମ୍‌ସି ଏବଂ ଏହାର ସହଯୋଗୀମାନେ ସଂସଦରେ ମହିଳା ସଂରକ୍ଷଣକୁ ବିରୋଧ କରିଆସୁଛନ୍ତି। ନିକଟରେ ସଂସଦରେ ▶▶ ୬

## ୧୫୨ ଆସନରୁ ୧୧୦ରୁ ଅଧିକ ଜିତିବ ବିଜେପି

### ବଙ୍ଗ ମାଟିରେ ଜନ୍ମିତ ବ୍ୟକ୍ତି ବିଜେପିର ନୂଆ ମୁଖ୍ୟମନ୍ତ୍ରୀ ହେବେ: ଶାହ

**କୋଲକାତା, ୨୪।୪/ଏଜେନ୍ସି:**



୨୯ରେ ହେବାକୁ ଥିବା ୨ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମଧ୍ୟ ଆଜି ପଶ୍ଚିମବଙ୍ଗରେ ମାରାଥନ୍ ପ୍ରଚାର ତଥା ରାଲି କରିବା ଦେଖିବାକୁ ମିଳିଛି। ଶାହ ଏହି ଅବସରରେ ଦାବି କରିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ମତଦାନ ହୋଇଥିବା ୧୫୨ଟି ଆସନ ମଧ୍ୟରୁ ବିଜେପି ୧୧୦ରୁ ଅଧିକ ଆସନରେ ବିଜୟୀ ହେବାକୁ ଯାଉଛି। ମେ' ୪ ତାରିଖରେ ଫଳାଫଳ ପ୍ରକାଶ ପାଇବା ପରେ ଦଳ ସ୍ପଷ୍ଟ ବହୁମତ ସହ ସରକାର ଗଠନ କରିବ ବୋଲି ସେ ଆତ୍ମବିଶ୍ୱାସ ପ୍ରକଟ କରିଛନ୍ତି। ତାଙ୍କର ଏପ୍ରକାର ମନ୍ତବ୍ୟକୁ ନେଇ ଶାସକ ଦଳ ଟିଏମ୍‌ସି ପକ୍ଷରୁ ଆପତ୍ତି କରାଯାଇଛି। ଟିଏମ୍‌ସି ପ୍ରଶ୍ନ କରିଛି ଯେ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ କିପରି ଜଣାପଡିଗଲା ଯେ, ବିଜେପି ୧୧୦ରୁ ଅଧିକ ଆସନରେ ଜିତିବ ବୋଲି। ଏହାର ଅର୍ଥ ଇଭିଏମ୍‌ରେ କିଛି ଗଡବଡ଼ି କରାଯାଇଛି।

ସେହିପରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିଜେପିକୁ 'ବାହାର ଦଳ' କହିଥିବା ମନ୍ତବ୍ୟର ଉତ୍ତର ଦେଇ ଶାହ କହିଛନ୍ତି ଯେ, ପଶ୍ଚିମବଙ୍ଗର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଜଣେ ସ୍ଥାନୀୟ ବ୍ୟକ୍ତି ହେବେ ଯିଏ କି ବଙ୍ଗଳାରେ ଜନ୍ମିତ, ଶିକ୍ଷିତ ଏବଂ ବଙ୍ଗାଳୀ ଭାଷା କହୁଥିବେ। ସେ ସ୍ପଷ୍ଟ କରିଛନ୍ତି ଯେ ସେହି ବ୍ୟକ୍ତି ଜଣେ ବିଜେପି କର୍ମୀ ହେବେ। ବଙ୍ଗଳାର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଏହି ମାଟିରେ ଜନ୍ମ ହୋଇଥିବା ବ୍ୟକ୍ତି ହେବେ, କିନ୍ତୁ ସେ ଦିଦିଙ୍କ ପୁତୁରା କଦାପି ହେବେ ନାହିଁ। ଏହି ଅବସରରେ ସେ ବିଜେପି ନିଜ ମାନିଫେଷ୍ଟୋରେ ଦେଇଥିବା ପ୍ରତିଶ୍ରୁତିକୁ ଦୋହରାଇଛନ୍ତି ଶାହ। ଶାହ ଦୃଢ଼ତାର ସହ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ବିଜେପି ସରକାର ଗଢ଼ିବା ପରେ ମହିଳା ସୁରକ୍ଷା, ଆଇନ୍ କାନୁନ୍, ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଶୂନ୍ୟ ସହନଶୀଳ ନୀତିକୁ କଡାକଡି କରାଯିବ। ସେହିପରି ରାଜ୍ୟରୁ ଅନୁପ୍ରବେଶକାରୀଙ୍କୁ ହଟାଇବା ପାଇଁ ଶାହ ଆଣ୍ଟି-ଏନକ୍ରୋଚମେଣ୍ଟ ଡ୍ରାଇଭ୍ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଜେପି ସରକାର ଜଣେ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତିଙ୍କ ନେତୃତ୍ୱରେ ଟିଏମ୍‌ସିର ସମସ୍ତ ଦୁର୍ନୀତିର ତଦନ୍ତ କରିବେ ବୋଲି ସେ କହିଛନ୍ତି। ସେହିପରି ଯେଉଁ ଅପରାଧୀ, ଦୁଷ୍କର୍ମକାରୀମାନେ ଆଜି ପର୍ଯ୍ୟନ୍ତ ରାଜନୈତିକ ସୁରକ୍ଷା ପାଇଛନ୍ତି ସେମାନଙ୍କୁ ଜେଲ୍ ପର୍ଯ୍ୟନ୍ତ ଟଣାଯିବ ବୋଲି ଶାହ କହିଛନ୍ତି।

## କେନ୍ଦ୍ରୀୟ ନୋଡାଲ ଅଫିସରଙ୍କ ପିଏମ୍ ଶ୍ରୀ ସ୍କୁଲ ପରିଦର୍ଶନ



**ଫୁଲବାଣୀ,୨୪।୪/ଏନ୍ଏନ୍ଏସ୍:** ଶିକ୍ଷା ଏବଂ ଶିକ୍ଷାନୁଷ୍ଠାନର ବିକାଶ ପାଇଁ କେନ୍ଦ୍ର ସରକାର ଲାଗୁ କରିଥିବା ପିଏମ ଶ୍ରୀ ଯୋଜନାର କେନ୍ଦ୍ରୀୟ ନୋଡାଲ ଅଫିସର ଆନନ୍ଦ ମଧୁକାର ତିନି ଦିନିଆ କନ୍ଧମାଳ ଗସ୍ତରେ ଆସି ବିଭିନ୍ନ ପିଏମ ଶ୍ରୀ ବିଦ୍ୟାଳୟରେ ଚାଲୁଥିବା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଫୁଲବାଣୀ କେନ୍ଦ୍ରୀୟ ବିଦ୍ୟାଳୟ, ଜି.ଉଦୟଗିରି ପିଏମ ଶ୍ରୀ ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ, ପିଏମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ନେଡିପଦର ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ସାମଗ୍ରିକ ବିକାଶ, ପରିଷ୍କାର ପରିଚ୍ଛନ୍ନତା, ଆଇସିଟି ଲ୍ୟାବ, ଧନ୍ଦା ମୂଳକ ଶିକ୍ଷା କେନ୍ଦ୍ର, ଖେଳ ପଡିଆ, ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ସକ୍ଷମ କେନ୍ଦ୍ର ଓ ଛାତ୍ରାବାସ ଇତ୍ୟାଦି ବୁଲି ଦେଖିଥିଲେ। ଛାତ୍ରାବାସରେ ପାଣି ସୁବିଧା, ଶୌଚାଳୟ ବ୍ୟବହାର ଓ ପରିଷ୍କାର ପରିଚ୍ଛନ୍ନତା ପ୍ରତି ସଜାଗ ରହିବା ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଓସେପା ଅଧିକାରୀଙ୍କ ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ ଅତିରିକ୍ତ ଜିଲ୍ଲାଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବିଇଓ, ୨୮ଟି ପିଏମ ଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାବିଭାଗ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏ ଅବସରରେ ଜିଲ୍ଲାପାଳ ବେଦଭୂଷଣଙ୍କ ସହିତ ସାକ୍ଷାତ କରି ଜିଲ୍ଲାରେ ଶିକ୍ଷାନୁଷ୍ଠାନର ସ୍ଥିତି ଉପରେ ଆଲୋଚନା କରିଥିଲେ ନୋଡାଲ ଅଫିସର।

## ମେ ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ବ୍ରହ୍ମପୁର,୨୪।୪/ଏନ୍ଏନ୍ଏସ୍:** ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ, ବ୍ରହ୍ମପୁର ପକ୍ଷରୁ ମେ ମାସ ୫ ତାରିଖ ଶନିବାର ଦିନ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତ ବ୍ରହ୍ମପୁର ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହେବ ବୋଲି ସଚିବ ବ୍ୟୋମକେଶ ନାୟକ ସୂଚନା ଦେଇଛନ୍ତି । ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ମକଦ୍ଦମା ଯେପରିକି ଦୀର୍ଘ ଦିନ ହେବ କୌଣସି ମକଦ୍ଦମା ଯଦି କୋର୍ଟରେ ବିଚାରଧୀନ ଅଛି ଅଥବା କୌଣସି ବିବାଦର ସହଜ ତଥା ଆପୋଷ ସମାଧାନ ପାଇଁ ଚାହୁଁଛନ୍ତି, ତା'ହେଲେ ଲୋକ ଅଦାଲତର ସାହାଯ୍ୟ ନେଇପାରିବେ । ଏହା ସହିତ ଦେଓ୍ୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ କରାଯିବ । ଏଥିସହ ପ୍ରାକ୍ ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମବିବାଦ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ କରାଯିବ । ସରଳ ଓ ସହଜ ସମାଧାନ ତଥା ଆର୍ଥିକ ଏବଂ ସମୟ ଅପଚୟରୁ ମୁକ୍ତି ପାଇବା ପାଇଁ ଏହି ସୁଯୋଗର ଲାଭ ଉଠାଇବାକୁ ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି।

## ବିଶ୍ୱ ପୃଥିବୀ ଦିବସ ପାଳିତ

**ଫୁଲବାଣୀ,୨୪।୪/ଏନ୍ଏନ୍ଏସ୍:** ବିଶ୍ୱ ପୃଥିବୀ ଦିବସ ଅବସରରେ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ସ୍ୱାକ ପକ୍ଷରୁ ଏହି ଦିବସ ଅତି ସୁନ୍ଦର ଭାବେ ଯୁବ ପିଢ଼ିଙ୍କୁ ଜଳବାୟୁ ପରିବର୍ତ୍ତନ ପାଇଁ ସଚେତନ ଉଦ୍ଦେଶ୍ୟରେ ପାଳନ ହୋଇଅଛି। ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ମାଣିକେଶ୍ୱରୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବନପାଳ ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ଶିକ୍ଷାବିତ୍ ଗୋଲକ ବିହାରୀ ପଟ୍ଟନାୟକ, ପରାମର୍ଶଦାତା ସମିର କୁମାର ପାଢ଼ୀ, ସଭାପତି ଅରୁଣ କୁମାର ଷଡଙ୍ଗୀ, ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ସୁଧାରାଣୀ ପାତ୍ର, ଚିନ୍ମୟ କୁମାର ସେଠୀ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ, ସମ୍ପାଦକ ହୃଷୀକେଶ ପ୍ରଧାନ, ମିନାକ୍ଷୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷର ଶୀର୍ଷକ 'ଆମର ଶକ୍ତି ଆମର ଗ୍ରହ' ପାଇଁ ଛାତ୍ରୀମାନଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ କରିବା ପାଇଁ ଜଳସଙ୍କଟ ପାଇଁ ଜଳ ସଞ୍ଚୟ ଓ ଆବଶ୍ୟକ ଅନୁସାରେ ବ୍ୟବହାର କରିବା, ଜଙ୍ଗଲ ସୁରକ୍ଷା ସହିତ ବନୀକରଣ କରିବା, ବନାଗ୍ନି ନିରାକରଣ, ବର୍ଷା ଜଳ ସଂରକ୍ଷଣ, ବିଶ୍ୱ ତାପ ରୋକିବା, ବିଦ୍ୟୁତ ସଞ୍ଚୟ, ଦୂଷିତ ହେଉଥିବା ଜଳର ବିଶୁଦ୍ଧ କରିବାକୁ ପ୍ରୟାସ କରିବା ସହିତ ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ ଗୁରୁତ୍ୱ ବହୁତ ମାତ୍ରାରେ ସଚେତନ ସୃଷ୍ଟି କରିବା ପାଇଁ ବୁଝାଇଥିଲେ । ଆଗାମୀ ଦିନରେ ଛାତ୍ରୀମାନଙ୍କ ଦ୍ୱାରା ବୃକ୍ଷ ରୋପଣ ଓ ତାହାର ଯତ୍ନ ନେବା ନିମନ୍ତେ ଶପଥ ଗ୍ରହଣ କରିଥିବା ଦେଖିବାକୁ ମିଳିଛି। ପୃଥିବୀର ସୁରକ୍ଷା ପାଇଁ ଏକମାତ୍ର ଉପାୟ ଯାହା ପର୍ଯ୍ୟାପ୍ତ ପରିମାଣରେ ବୃକ୍ଷ ରୋପଣ କରି ଜଙ୍ଗଲ ସୃଷ୍ଟି କରିବା ଯାହା ଦ୍ୱାରା ଜଳବାୟୁ ପରିବର୍ତ୍ତନରେ ସହାୟ ହୋଇପାରିବ ବୋଲି ଅତିଥିଙ୍କ ଦ୍ୱାରା ମତ ପ୍ରକାଶ କରାଯାଇଛି। କାର୍ଯ୍ୟକ୍ରମକୁ ସ୍ୱାକ୍‌ର ସଭାପତି ଆମନ୍ ଚନ୍ଦ୍ର ନାୟକ ପରିଚାଳନା କରିଥିବା ବେଳେ ସସ୍ମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକା ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ

**ଫୁଲବାଣୀ,୨୪।୪/ଏନ୍ଏନ୍ଏସ୍:** ଏକ ନାବାଳିକା ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାର କରି ଅତିରିକ୍ତ ଜିଲା ଦୌରାଜଜ କୈଳାଶ ଚନ୍ଦ୍ର ସ୍ୱାଇଁ ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡ ସହିତ ୫ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକା ୧ ବର୍ଷ କାରାଦଣ୍ଡ ପାଇଁ ମଧ୍ୟ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ସଦରଥାନା ଅଂଚଳର ଜାକବ ଦିଗାଲ ବୋଲି ଜଣାଯାଇଛି। ଘଟଣାରୁ ପ୍ରକାଶଯେ, ପୀଡ଼ିତା ଜଣକ ସନ୍ଧ୍ୟାରେ ଟିଉସନରୁ ଫେରୁଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କୁ ବାଟରେ ଅଟକାଇ ଜୋର ଜବରଦସ୍ତ ଏକ ଜଙ୍ଗଲ ମଧ୍ୟକୁ ନେଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଏନେଇ ପୀଡ଼ିତା ଜଣକ ଘରେ ଜଣାଇବା ପରେ ପରିବାର ଲୋକେ ସଦରଥାନାରେ ଏକ ଏତଲା ଦେଇଥିଲେ। ଏତଲା ପ୍ରକାରେ ପୋଲିସ୍ କେସ ନଂ ୧୮୦ ତା ୨୭.୭.୨୫ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ଏହି ମାମଲାର ବିଚାରକରି ଉପରୋକ୍ତ ଦଣ୍ଡାଦେଶ ଦିଆଯାଇଛି। ପୀଡ଼ିତାଙ୍କୁ ଦୁଇ ଲକ୍ଷ ଟଙ୍କା କ୍ଷତି ପୂରଣ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ରାଜ କୁମାର ବେହେରା ମାମଲା ପରିଚାଳନା କରୁଥିବା ବେଳେ ସଦରଥାନାର ଏସ୍.ଆଇ ଲକ୍ଷ୍ମୀ ଖୁଣ୍ଟିଆ ମାମଲାର ତଦନ୍ତ କରୁଥିଲେ।

### ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

# ମଞ୍ଜୁର ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ ତୁରନ୍ତ ସାରିବାକୁ ନିର୍ଦ୍ଦେଶ



**ଛତ୍ରପୁର,୨୪।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ପରିଷଦ ରଷୁକଲ୍ୟା ଭବନ ସମ୍ମିଳନୀ କକ୍ଷରେ ଆଜି ମହିଳା ଓ ଶିଶୁ ବିକାଶ, ମିସନ୍ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗର ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଅଧ୍ୟକ୍ଷତା କରି ଜିଲ୍ଲାରେ ଅଙ୍ଗନବାଡି କେନ୍ଦ୍ର ଗୁଡିକର ସ୍ଥିତି ନେଇ ଆଲୋଚନା କରିଥିଲେ । ଜିଲ୍ଲାରେ ୫୧୬୨ ଟି ଅଙ୍ଗନବାଡି କେନ୍ଦ୍ର ପାଇଁ ଅନୁଦାନ ମଞ୍ଜୁର ହୋଇଥିବା ବେଳେ ୩୯୦୮ଟି କେନ୍ଦ୍ର ନିଜସ୍ୱ କୋଠାରେ କାର୍ଯ୍ୟକ୍ଷମ ହେଉଛି । ୪୪୨ଟି କେନ୍ଦ୍ର ଭଡାରେ ଚାଲିଛି । ୪୭୦ଟି କେନ୍ଦ୍ର ସ୍କୁଲ କୋଠାରେ ଚାଲିଛି । ୩୪୨ଟି କେନ୍ଦ୍ର କୋଠଘର ଗୁଡିକରେ ଚାଲିଥିବା ବେଳେ ୬୧୭ ଟି କେନ୍ଦ୍ର ନିର୍ମାଣଧୀନ ରହିଛି । ୪୭୧ଟି କେନ୍ଦ୍ରର କାମ ଆଦୌ ଆରମ୍ଭ ହୋଇନଥିବାରୁ ବିରକ୍ତି ପ୍ରକାଶ କରିବା ସହ କେଉଁ କାରଣରୁ କାମ ଅଟକିଛି ତାହାର ସମୀକ୍ଷା କରି ତୁରନ୍ତ କାମ ଆରମ୍ଭ କରିବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ପ୍ରାୟ ଏକ ହଜାର ଅଙ୍ଗନବାଡି କେନ୍ଦ୍ରରେ ବିଦ୍ୟୁତ୍ ସେବା ନଥିବା ବେଳେ ଏଥିରେ ଯଦି କିଛି ସମସ୍ୟା ରହୁଛି ତେବେ ସୌରଚାଳିତ ତଥା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ବ୍ୟବସ୍ଥା କରି ତୁରନ୍ତ କାର୍ଯ୍ୟକାରୀ କରିବା, ୨୦୦ କେନ୍ଦ୍ରରେ ରୋଷେଇ ଘର ନାହିଁ, ୫୦୦ କେନ୍ଦ୍ରରେ ପାନୀୟଜଳ ବ୍ୟବସ୍ଥା ନାହିଁ ଏବଂ ୪୬୦ କେନ୍ଦ୍ରରେ ଶୌଚାଳୟ ନଥିବା ନେଇ ସମୀକ୍ଷା ବେଳେ ଜଣାପଡିଥିଲା। ଏସମସ୍ତ ବ୍ୟବସ୍ଥା ଜୁଲାଇ ୩୧ ତାରିଖ ସୁଦ୍ଧା ସାରିବାକୁ ଉପମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖାଲି ପଡିଥିବା ୩୬ଟି ଅଙ୍ଗନବାଡି କର୍ମୀ, ୧୧୭ ଟି ହେଲପର ଏବଂ ୯୧ ଟି ସୁପରଭାଇଜର ପଦବୀ ତୁରନ୍ତ ପୂରଣ ନିମନ୍ତେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଜିଲ୍ଲାରେ ୩୨ଟି ଛତୁଆ ପ୍ରସ୍ତୁତ କେନ୍ଦ୍ର ରହିଥିବା ବେଳେ ଧରାକୋଟ ଓ ଚିକିଟି ଦୁଇଟି କେନ୍ଦ୍ରକୁ କ୍ୱାଲିଟି ଛତୁଆ ପ୍ରସ୍ତୁତ ନ କରୁଥିବାରୁ ସେହି ଦୁଇ ୟୁନିଟ୍‌କୁ ବନ୍ଦ କରିଦିଆଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା । ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲାକୁ କୁ-ପୋଷଣ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ। ସେହିପରି ସୁଭଦ୍ରା ଯୋଜନାରେ ଜିଲ୍ଲାର ୭୬୭ ଜଣ ହିତାଧିକାରୀଙ୍କୁ ସରକାର ୫ ହଜାର ଟଙ୍କା ଦେଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପାଇନଥିବା ଜଣାପଡିଥିଲା। ଘଟଣାର ତଦନ୍ତ କରି ହିତାଧିକାରୀଙ୍କୁ ତୁରନ୍ତ ଟଙ୍କା ପାଇବାରେ ସହଯୋଗ କରିବାକୁ କୁହାଯାଇଛି। ଗଞ୍ଜାମ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଦିଗରେ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତି ପରିଡା କହିଛନ୍ତି। ପୂର୍ବରୁ ଜିଲ୍ଲାର ୨୩ଟି ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ପାଇଛି । ୩୭ଟି ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ସର୍ଭେ ଚାଲିଛି । ଏହାକୁ ଜିଲ୍ଲାସ୍ତରୀୟ କମିଟିରେ ଉପସ୍ଥାପନ ହୋଇ ବିଭାଗକୁ ପଠାଯିବ ବୋଲି ଜଣାପଡିଛି। ଆସିକା ସାଂସଦ ଅନିତା ଶୁଭଦର୍ଶିନୀ ଆସିକା ସଂସଦୀୟ କ୍ଷେତ୍ରରେ ଥିବା ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ନେଇ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମା ରାମଚଣ୍ଡୀ ମନ୍ଦିରର ପ୍ରଚାର ଓ ପ୍ରସାର ଓ ତାମ୍ପରା ହ୍ରଦର ପୁନଃରୁଦ୍ଧାର ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ମଞ୍ଚାସୀନ ଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗିତାଞ୍ଜଳୀ ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇଙ୍କ ସମେତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ସିଡିପିଓମାନେ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

**ଗଞ୍ଜାମ ଜିଲ୍ଲାକୁ କୁ-ପୋଷଣ ମୁକ୍ତ ଜିଲ୍ଲା କରାଯିବ**

**ତାମ୍ପରା ହ୍ରଦର ପୁନରୁଦ୍ଧାର ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ**

### ନିର୍ମାଣ ଶ୍ରମିକଙ୍କ ଅଧିକାର ଦାବି

## ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଙ୍ଗଠନର ଧାରଣା

**ବ୍ରହ୍ମପୁର,୨୪।୪/ଏନ୍ଏନ୍ଏସ୍:** ନିର୍ମାଣ ଶ୍ରମିକମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ଅଧିକାରର ସୁରକ୍ଷା ପାଇଁ ଆଜି ସ୍ଥାନୀୟ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ ସଂଗଠନ ଓଡିଶା ଫରେଷ୍ଟ, ଉଡୁ ଏଗ୍ରିକଲ୍‌ଚର ବିଲ୍ଡିଂ କନ୍‌ଷ୍ଟ୍ରକସନ୍ ଓ୍ୱାର୍କସ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରମିକ ସଂଗଠନର ଜିଲ୍ଲା ସଭାପତି ପ୍ରବୀଣ କୁମାର ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ବହୁ କର୍ମଚାରୀ ସାମିଲ ହୋଇଥିଲେ। ସଂଗଠନ ପକ୍ଷରୁ ନିର୍ମାଣ ଶ୍ରମିକଙ୍କ ଅଧିକାର ପ୍ରଦାନ ଦାବିରେ ରାଜ୍ୟ ଶ୍ରମ କମିଶନରଙ୍କ ଉଦ୍ଦେଶ୍ୟରେ ଯୁଗ୍ମ ଶ୍ରମ ଆୟୁକ୍ତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡିକ ମଧ୍ୟରେ ବ୍ରହ୍ମପୁର ଶ୍ରମ କାର୍ଯ୍ୟାଳୟରେ ସ୍ଥାୟୀ ଶ୍ରମ ଅଧିକାରୀ ନିଯୁକ୍ତି କରିବା, ଛତ୍ରପୁର ଶ୍ରମ କାର୍ଯ୍ୟାଳୟରେ ଆଉ ଜଣେ ଶ୍ରମ ଅଧିକାରୀଙ୍କୁ ନିଯୁକ୍ତି ଦେବା, ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନରେ ଅନିୟମିତତା ବନ୍ଦ କରିବା, ନିର୍ମାଣ ଶ୍ରମିକଙ୍କ କାର୍ଡ ନବୀକରଣ ଅଗ୍ରାଧିକାର ଭିତ୍ତିରେ କରିବା, ନିର୍ମାଣ ଶ୍ରମିକଙ୍କୁ ସେବା ଯୋଗାଇବା ଆଳରେ ବାରମ୍ବାର ଅଫିସ୍‌କୁ ଆସୁଥିବା ଶ୍ରମିକଙ୍କୁ ହନ୍ତସନ୍ତ ନ କରିବା, ମୃତ୍ୟୁ କ୍ଷେତ୍ରରେ ନିର୍ମାଣ ଶ୍ରମିକଙ୍କ ନବୀକରଣ ଲେବର ଅଫିସର ଅବହେଳା ଯୋଗୁଁ ପୁନଃ ଏପ୍ରୁଭାଲ ନ ହୋଇଥିବା ବେଳେ ସହାୟତା ରାଶି ପ୍ରଦାନ ପାଇଁ ବୋର୍ଡ ତୁରନ୍ତ ରେଜୁସେନ୍ ସର୍କୁଲାର କରିବା ଆଦି ଦାବି ନେଇ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି ଧାରଣାରେ ପ୍ରବୀଣ ଦାଶ, ପ୍ରଦୀପ ସେଠୀ, କାମଦେବ ନାହାକ, ସାହାଜାହାନ, ସୁରେଶ ଦାଶ, ମହେନ୍ଦ୍ର ସେଠୀ, ପ୍ରଫୁଲ ଜେନାଙ୍କ ସମେତ ବହୁ ମହିଳା ଓ ପୁରୁଷ ନିର୍ମାଣ ଶ୍ରମିକ ସାମିଲ ହୋଇଥିଲେ।



## ଆସିକା ଓକିଲ ସଂଘ ପକ୍ଷରୁ ନୂତନ ବିଚାରପତିଙ୍କୁ ସମ୍ବର୍ଦ୍ଧନା




**ଆସିକା,୨୪।୪/ଏନ୍ଏନ୍ଏସ୍:** ଆସିକା ବିଚାରବିଭାଗୀୟ ଅଦାଲତରେ ନୂତନ ଭାବେ କନିଷ୍ଠ ଦେଓ୍ୱାନୀ ବିଚାରପତି ରୂପେ ଇର୍ଷିତା କେଶରଓ୍ୱାନୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆସିକାର ଅଦାଲତରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କନିଷ୍ଠ ଦେଓ୍ୱାନୀ ବିଚାରପତି ଇର୍ଷିତା କେଶରଓ୍ୱାନୀଙ୍କୁ ଆସିକା ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଆସିକା ଓକିଲ ସଂଘର ସଭାପତି ଛବିଳରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଜର୍ଜ ମନୋଜ କୁମାର, ବରିଷ୍ଠ ଦେଓ୍ୱାନୀ ବିଚାରପତି ସୁକାନ୍ତ କିଶୋର ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଏ.ଗୀତାଞ୍ଜଳୀ ନାଇଡୁ ଏବଂ ଜେ.ମୋହିନୀ, ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା କନିଷ୍ଠ ଦେଓ୍ୱାନୀ ବିଚାରପତି ଇର୍ଷିତା କେଶରଓ୍ୱାନୀ, ଆସିକା ଓକିଲ ସଂଘର ସଂପାଦକ ଚିତ୍ତରଞ୍ଜନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ଆସିକା ଓକିଲ ସଂଘର ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ରନାଥ ପଣ୍ଡା ଓ ରବିନ୍ଦ୍ରନାଥ ଶର୍ମା ଏବଂ ନାରାୟଣ ମୁନି ପ୍ରମୁଖ ଯୋଗଦେଇ ଆସିକାର ଐତିହ୍ୟ ଏବଂ ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଓକିଲ ସଂଘ ପକ୍ଷରୁ ନୂତନ କନିଷ୍ଠ ଦେଓ୍ୱାନୀ ବିଚାରପତି ଇର୍ଷିତା କେଶରଓ୍ୱାନୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନୂତନ ବିଚାରପତି ଓକିଲ ସଂଘ କାର୍ଯ୍ୟାଳୟ ନିକଟରେ ଥିବା ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ଆସିକା ଓକିଲ ସଂଘର ଉପସଭାପତି ଜି.ସୂର୍ଯ୍ୟପ୍ରକାଶ ରାଓ, କୋଷାଧ୍ୟକ୍ଷ ରାଘବ କୁମାର ନାହାକ, ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ଶର୍ମା, ସୁରେନ୍ଦ୍ରନାଥ ପଣ୍ଡା, ଦ୍ୱାରିକାନାଥ ପରିଡା, ସନ୍ତୋଷ କୁମାର ପାଣିଗ୍ରାହୀ, ନାରାୟଣ ବେହେରା, ନାରାୟଣ ମୁନି, ମାନସ ରଂଜନ ଗୌଡ, ଶିଶିର କୁମାର ନାୟକ, ଶରତେନ୍ଦୁ ପଣ୍ଡା, କେ.ବ୍ରହ୍ମାନନ୍ଦ ରାଓ, ପି.ଶିବଶଙ୍କର ପାତ୍ର, ପି.ରବିନ୍ଦ୍ର କୁମାର ପାତ୍ର, ବିଦେଶୀ ନାହାକ, ପ୍ରଭାତ କୁମାର ପାଢୀ, ମହେଶ୍ୱର ବେହେରା, ସନ୍ତୋଷ କୁମାର ମିଶ୍ର, ଗଙ୍ଗାଧର ନାହାକ, ଶିବଶଙ୍କର ମହାନ୍ତି, କାଳୁଚରଣ ଜେନା, ବି.ମୋହନ ରାଓ ଦୋରା, ସୁଧିର ତ୍ରିପାଠୀ, ଭି.ଖୋକନ୍ ରାଓଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

**ଫୁଲବାଣୀ, ୨୪।୪/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ଫୁଲବାଣୀ ସମ୍ମିଳନୀ କକ୍ଷରେ ବିଭିନ୍ନ ଆଇନ ସମ୍ପର୍କିତ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଉକ୍ତ ସଭାରେ ପରିବାର ଅଦାଲତ ବିଚାରପତି ଶ୍ରୀମତୀ ରୂପଶ୍ରୀ ଚୌଧୁରୀ, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରୀତିଶ କୁମାର ରାଉତରାୟ, ଏଫ.ଟି.ଏସ.ସି. କୋର୍ଟ ବିଚାରପତି କୈଳାଶ ଚନ୍ଦ୍ର ସ୍ୱାଇଁ, ସ୍ଥାୟୀ ଲୋକ ଅଦାଲତ ବିଚାରପତି ଦୋଳଗୋବିନ୍ଦ ବାରିକ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ରମାକାନ୍ତ ମହାନ୍ତି, ଏସଡିଜେଏମ ଶ୍ରୀମତୀ ସୌମ୍ୟା ସୋନାଲିକା, ଜେଏମ୍ଏଫସି ବଦ୍ରିନାଥ ବିଶ୍ୱାଳ, ପ୍ରୋବେସନର ସିଭିଲ ଜଜ ଅରୁଣିମା ପତି, ବାର ଆସୋସିଏସନ, ଫୁଲବାଣୀର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି, ବିଜୟ କୃଷ୍ଣ ପଟ୍ଟନାୟକ, ବାର ଆସୋସିଏସନ, ଫୁଲବାଣୀର ଅନ୍ୟାନ୍ୟ ବରିଷ୍ଠ ଆଇନଜୀବୀ, ପବ୍ଲିକ ପ୍ରୋସିକ୍ୟୁଟର ପୂର୍ଣ୍ଣଚନ୍ଦ୍ର ନାଗ, ଚିଫ ଲିଗାଲ ଏଡ ଡିଫେନ୍ସ କାଉନସେଲ ଦେବବ୍ରତ ପ୍ରଧାନ, ଡେପୁଟି ଚିଫ ଲିଗାଲ ଏଡ ଡିଫେନ୍ସ କାଉନସେଲ ନିରୋଦ କୁମାର ପାତ୍ର, ସହକାରୀ ଲିଗାଲ ଏଡ ଡିଫେନ୍ସ କାଉନସେଲ କେ. ଲକ୍ଷ୍ମୀ ନାରାୟଣ ଦୋରା ଓ ଶୁଭାଙ୍ଗୀ ହରିତସ୍ୟ, ଜିଲ୍ଲା ଆଇନ ସେବା ସମ୍ମୁଖ କାର୍ଯ୍ୟାଳୟର ରିଟେନର ପୀତାମ୍ବର ସାହୁ, ବନଖଣ୍ଡ ଅଧିକାରୀ, ପ୍ରତାପ କୋଟପଲ୍ଲୀ, ଡି.ଏସ.ପି ସର୍ବେଶ୍ୱର ବେହେରା ଏବଂ ପୋଲିସ ବିଭାଗ ଓ ବନ ବିଭାଗର ବିଭିନ୍ନ ଅଧିକାରୀମାନେ ଯୋଗଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ବିଶେଷକରି ଭାରତୀୟ ନାଗରିକ ସୁରକ୍ଷା ସଂହିତା , ୨୦୨୩ ଅନ୍ତର୍ଗତ ଏଫ୍.ଆଇ.ଆର୍, ଜାମିନ, ସମନ୍ସ ଓ ଓ୍ୱାରେଣ୍ଟ, ଆଇନଗତ ପ୍ରତିନିଧିତ୍ୱର ଅଧିକାର, ଆପିଲ୍ ପ୍ରକ୍ରିୟା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହା ସହିତ ବନ୍ୟପ୍ରାଣୀ ଦ୍ୱାରା ଶିକାର ହୋଇଥିବା ପୀଡିତ ମାନଙ୍କ ପାଇଁ ନ୍ୟାୟ ପ୍ରାପ୍ତି ସୁବିଧା ସମ୍ପର୍କିତ ନାଲସା ଯୋଜନା, ୨୦୨୫ ବିଷୟରେ ମଧ ସଚେତନତା ସୃଷ୍ଟି କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାମାକାନ୍ତ ମହାନ୍ତି ଏହି ସଚେତନତା ଶିବିରକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖରାରେ ପକ୍ଷୀଙ୍କ ସାହାରା ଏ. ବ୍ରହ୍ମାନନ୍ଦ

**ଆସିକା,୨୪।୪/ଏନ୍ଏନ୍ଏସ୍:** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗତ କିଛି ଦିନ ହେଲା ଆସିକା ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହେବାରେ ଲାଗିଛି । ତେବେ ଏଥିରୁ ବାଦ୍ ପଡିନାହାଁନ୍ତି ଉଡନ୍ତା ପକ୍ଷୀ । ପାଣି ଅଭାବରୁ ପକ୍ଷୀମାନେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଏହାକୁ ଦୃଷ୍ଟିରେ ରଖି କବିସୂର୍ଯ୍ୟନଗର ଏନ୍ଏସି ଅଧୀନସ୍ଥ ଦେଶୀବେହେରା ସାହିର ସ୍ୱେଚ୍ଛାସେବୀ ଏ. ବ୍ରହ୍ମାନନ୍ଦ ଆଚାରୀ ଆସିକା ସହରର କେତେକ ସାହିବସ୍ତିରେ ଜଳପାତ୍ର ଟାଙ୍ଗିବା ସହ ଉଡନ୍ତା ପକ୍ଷୀଙ୍କ ପାଇଁ ପାଣିର ବ୍ୟବସ୍ଥା କରିଥିବା ଦେଖିବାକୁ ମିଳିଛି। ସମାଜସେବୀ ଶ୍ରୀ ଆଚାରୀଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି। ଖରା ଦିନକୁ ଦିନ ବଢିବାରେ ଲାଗିଛି ଅଥଚ ପାଣି ମୁନ୍ଦେ ପାଇଁ ଉଡନ୍ତା ପକ୍ଷୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତ କିଛି ଦିନ ହେଲା ଟାଣ ଖରା ଲାଗି ରହୁଛି । ଘରୁ ଗୋଡ କାଢିଲା ବେଳକୁ ଦେହହାତ ଜଳିଲା ଭଳି ଲାଗୁଛି । ଏପରି ସ୍ଥିତିରେ ଅକୁହା ଉଡନ୍ତା ପକ୍ଷୀଙ୍କ ଅବସ୍ଥା କଣ ହେଉଥିବ ତାହା ସହଜରେ ଅନୁମେୟ । ପକ୍ଷୀମାନେ ଟୋପେ ପାଣି ଓ ଖାଦ୍ୟ ପାଇଁ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କ ପାଇଁ ସାହାରା ପାଲଟିଛନ୍ତି ସ୍ୱେଚ୍ଛାସେବୀ ଏ.ବ୍ରହ୍ମାନନ୍ଦ । ପ୍ରଚଣ୍ଡ ରୌଦ୍ରତାପରେ ଅଣନିଃଶ୍ୱାସୀ ହୋଇପଡୁଥିବା ପକ୍ଷୀମାନଙ୍କ ବାସ୍ତବ ସମସ୍ୟାକୁ ହୃଦୟଙ୍ଗମ କରି ଯୁବ ସ୍ୱେଚ୍ଛାସେବୀ ଏ. ବ୍ରହ୍ମାନନ୍ଦ ଆସିକା ସହରର ବିଭିନ୍ନ ସ୍ଥାନରେ ମାଟିରେ ଜଳଠେକି ବ୍ୟବସ୍ଥା କରି ପାଣି ବ୍ୟବସ୍ଥା କରୁଥିବା ଦେଖିବାକୁ ମିଳୁଛି । ପକ୍ଷୀମାନେ ଆପେ ଆପେ ସେଠାକୁ ଆସି ପାଣି ପିଇ ଶୋଷ ମେଣ୍ଟାଉଥିବା ଦେଖିବାକୁ ମିଳୁଛି। ଏ ସଂପର୍କରେ ଯୁବ ସ୍ୱେଚ୍ଛାସେବୀ ଏ.ବ୍ରହ୍ମାନନ୍ଦ ଆଚାରୀ ପ୍ରକାଶ କରିକହିଛନ୍ତି ଯେ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ସାଧାରଣ ଜନତା ବିଭିନ୍ନ ଉପାୟ ଅବଲମ୍ବନ କରୁଥିବା ବେଳେ ଉଡନ୍ତା ପକ୍ଷୀମାନେ ପାଣିମୁନ୍ଦେ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉଡନ୍ତା ପକ୍ଷୀଙ୍କ ପାଇଁ ଜଳସେବା ବ୍ୟବସ୍ଥା ଆୟୋଜନ କରି ସ୍ୱେଚ୍ଛାସେବୀ ଏ.ବ୍ରହ୍ମାନନ୍ଦ ଆଚାରୀ ଏକ ନିଆରା ଉଦାହରଣ ସୃଷ୍ଟି କରିଥିବା ବେଳେ ତାଙ୍କର ଏହି ମହନୀୟ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବା ଦେଖିବାକୁ ମିଳୁଛି।



### ଆଜି ବିଶ୍ୱ ମ୍ୟାଲେରିଆ ଦିବସ

## 'ମାଈ ଏନୋଫିଲିସ୍ ମଶା ମ୍ୟାଲେରିଆ ପରଜୀବୀର ବାହକ'

**ଆସିକା,୨୪।୪/ଏନ୍ଏନ୍ଏସ୍:** ଆସନ୍ତାକାଲି ଅର୍ଥାତ୍ ଏପ୍ରିଲ ମାସ ୨୫ ତାରିଖରେ ପାଳିତ ହେବ ବିଶ୍ୱ ମ୍ୟାଲେରିଆ ଦିବସ । ମ୍ୟାଲେରିଆର କାରଣ, ଲକ୍ଷଣ ଏବଂ ପ୍ରତିକ୍ରିୟା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଏପ୍ରିଲ ମାସ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ରୂପେ ପାଳନ କରାଯାଇଆସୁଛି । ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଆସିକା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର (ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର)ର ଚିକିତ୍ସାଧିକାରୀ ଡାକ୍ତର ଭାଗବତ ପ୍ରସାଦ ବିଷୋୟୀ ପରାମର୍ଶ ଦେଇ କହିଛନ୍ତି ଯେ ମ୍ୟାଲେରିଆ ଏକ ଜ୍ୱର ଭାବେ ଜଣାଶୁଣା। ସୁସ୍ଥ ମଣିଷର ଶରୀରକୁ କେତେକ ନିର୍ଦ୍ଦିଷ୍ଟ ମଶା କାମୁଡିବା କିମ୍ବା ଦଂଶନ କରିବା ଦ୍ୱାରା ମ୍ୟାଲେରିଆ ସଂକ୍ରମିତ ହୋଇଥାଏ । ସବୁ ପ୍ରକାରର ମଶା ମ୍ୟାଲେରିଆ ସଂକ୍ରମଣ କରିନଥାନ୍ତି । କେବଳ ଯେଉଁ ମାଈ ଆନୋଫିଲିସ୍ ମଶାର ଲାଳଗ୍ରନ୍ଥିରେ ମ୍ୟାଲେରିଆ ଜୀବାଣୁ ଥାଏ, ସେହି ମଶା କାମୁଡିଲେ କିମ୍ବା ଦଂଶନ କଲେ ହିଁ ମ୍ୟାଲେରିଆ ସଂକ୍ରମିତ ହୋଇଥାଏ । ମଶା କାମୁଡିବାର ୧୪ ରୁ ୨୧ ଦିନ ମଧ୍ୟରେ ଜ୍ୱର ହୁଏ ଓ ଗୋଟିଏ ମ୍ୟାଲେରିଆ ରୋଗୀ ଠାରୁ ଅନେକ ବ୍ୟକ୍ତିଙ୍କୁ ରୋଗ ବ୍ୟାପିଥାଏ । ମ୍ୟାଲେରିଆ ରୋଗ ହେଲେ ଶରୀରରେ ଜ୍ୱର ବୃଦ୍ଧି ପାଇବା ସହ ଶୀତ ଲାଗିବା ସାଙ୍ଗକୁ ମୁଣ୍ଡବ୍ୟଥା ହୋଇଥାଏ । ଏପରିକି ଖାଦ୍ୟ ଖାଇବାକୁ ଅରୁଚି ଲାଗିବା ସହ ବାନ୍ତି ହୋଇଥାଏ । ଅତ୍ୟଧିକ ଶୋଷ ସାଙ୍ଗକୁ ଦୁର୍ବଳ ମଧ ଲାଗିଥାଏ । ତେଣୁ ଶରୀରରେ ମ୍ୟାଲେରିଆ ଚିହ୍ନଟ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଖାଇବାର ଆବଶ୍ୟକତା ଜରୁରି । ମ୍ୟାଲେରିଆ ଜ୍ୱର ସାଧାରଣତଃ ବର୍ଷା ଋତୁରେ ହୋଇଥାଏ ଏବଂ ମ୍ୟାଲେରିଆ ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବା ସାଙ୍ଗକୁ ଘର ଓ ଆଖପାଖରେ ଥିବା ବଣବୁଦାକୁ ସଫା ରଖିବା ସହିତ ପାଣି ନ ଜମିବା ଦିଗରେ ପଦକ୍ଷେପ ନେବା ଏବଂ ମଶାରି ଟାଣି ଶୋଇବା ଆବଶ୍ୟକ ବୋଲି ଡାକ୍ତର ଭାଗବତ ପ୍ରସାଦ ବିଷୋୟୀ ପରାମର୍ଶ ଦେଇଛନ୍ତି।



## ୨୫ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

**କନ୍ଧମାଳ, ୨୪।୪/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଞ୍ଚଳ ବର୍ତ୍ତମାନ ଗଞ୍ଜେଇ ଚୋରଚାଲାଣର ହବ ପାଲଟିଥିବା ବେଳେ ବୁଧବାର ଏକ ବାଇକରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ସେହି ବାଇକ ରୁ ୨୫ କିଲୋ ଗଞ୍ଜେଇ ପୁଲିସ ଜବତ କରିବା ସହ ଏହି ଘଟଣାରେ ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ଫିରିଙ୍ଗିଆ ଥାନା ଭେଣ୍ଡରାପାଳି ଅଂଚଳରୁ ଜଣେ ବ୍ୟକ୍ତି ଏକ ବାଇକରେ ଫୁଲବାଣୀ ଅଂଚଳକୁ ଗଞ୍ଜେଇ ଚାଲାଣ କରୁଥିବା ସୂଚନା ମିଳିଥିଲା। ଏକ ସ୍ୱତନ୍ତ୍ର ଟିମ ସେହି ଭେଣ୍ଡରାପାଳି ଗାଁ ନିକଟରେ ହିଁ ବାଇକ ଟିକୁ ଧରିବାରେ ସଫଳ ହୋଇଥିଲେ । ଅଭିଯୁକ୍ତ ଜଣକ ଫିରିଙ୍ଗିଆ ଥାନା ମଝିପଡା ଗାଁର ସ୍ୱର୍ଗତ ଗାନ୍ଧୀରାମ ପାତ୍ରଙ୍କ ପୁଅ ସମ୍ପଦ ପାତ୍ର ବୋଲି ଜଣାପଡଛି।

# ଜେଏସ୍‌ଡବ୍ଲ୍ୟୁ-ଜାପାନର ଜେଏଫ୍‌ଇ ଷ୍ଟିଲ୍ ଯୌଥ ଉଦ୍ୟମର ଶୁଭାରମ୍ଭ

## ଓଡ଼ିଶାରେ ଜାପାନର ୧୫ ହଜାର କୋଟି ଟଙ୍କା ପୁଞ୍ଜିନିବେଶ

**‘ସମୃଦ୍ଧ ଓଡ଼ିଶା’ ଗଠନ ଦିଗରେ ଏକ ଐତିହାସିକ ପଦକ୍ଷେପ: ମୁଖ୍ୟମନ୍ତ୍ରୀ**



**ବିକଶିତ ହେବ ‘ସମ୍ବଲପୁର ଗ୍ରୋଥ୍ କରିଡର’**

**୧ ଲକ୍ଷ କୋଟିରୁ ଅଧିକ ପୁଞ୍ଜିନିବେଶ ସହ ସୃଷ୍ଟି ହେବ ୨ ଲକ୍ଷ ନିଯୁକ୍ତି ସୁଯୋଗ**

**କେନ୍ଦୁଝରରେ ନିବେଶ ପାଇଁ ଜେଏଫଇ ଷ୍ଟିଲକୁ ମୁଖ୍ୟମନ୍ତ୍ରୀଙ୍କ ଆମନ୍ତ୍ରଣ**

**ରେଙ୍ଗାଲି, ସମ୍ବଲପୁର,୨୪।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାକୁ ଏକ ଲୌହ ପଥର ଉତ୍ପାଦନକାରୀ ରାଜ୍ୟରୁ ବିଶ୍ୱସ୍ତରୀୟ ଉଚ୍ଚମାନର ଇସ୍ପାତ ନିର୍ମାଣ ହବ୍‌ରେ ପରିଣତ କରିବା ପାଇଁ ଆଜି ଏକ ବଡ଼ ପଦକ୍ଷେପ ନିଆଯାଇଛି। ସମ୍ବଲପୁରର ରେଙ୍ଗାଲୀ ଠାରେ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ଏବଂ ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ୍ ମଧ୍ୟରେ ଏକ ଯୁଗ୍ମ ସହଭାଗିତା ଆରମ୍ଭ ହୋଇଛି। ଏହି ସହଭାଗିତା ବିଶେଷ କରି ଇଲେକ୍ଟ୍ରିକାଲ ଷ୍ଟିଲ୍ ଉତ୍ପାଦନରେ ସହାୟକ ହେବ, ଯାହା ଇଲେକ୍ଟ୍ରିକ୍ ଯାନ ଏବଂ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ବିପ୍ଳବ ଆଣିବ। ଏହି ପ୍ରକଳ୍ପ ଜରିଆରେ ଜାପାନ ପକ୍ଷରୁ ଓଡ଼ିଶାରେ ପ୍ରଥମ ଥର ପାଇଁ ୧୫,୦୦୦ କୋଟି ଟଙ୍କାର ଏକକ ପୁଞ୍ଜିନିବେଶ କରାଯାଇଛି। ଏହାଦ୍ୱାରା ଜେଏସଡବ୍ଲ୍ୟୁ ଷ୍ଟିଲର ବର୍ତ୍ତମାନର କ୍ଷମତା ବାର୍ଷିକ ଅତିରିକ୍ତ ୧୦ ନିୟୁତ ଟନ୍ ବୃଦ୍ଧି ପାଇବ, ଯାହା ବିଶ୍ୱ ଇସ୍ପାତ ବଜାରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ୨୦୩୦ ସୁଦ୍ଧା ବାର୍ଷିକ ୧୦୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିବା ପାଇଁ ଆମେ ପ୍ରତିବଦ୍ଧ। ଏହି ଲକ୍ଷ୍ୟ ପୂରଣ ପାଇଁ ଆମ ପାଖରେ ଆବଶ୍ୟକୀୟ ସମ୍ବଳ, ନୀତି ଏବଂ ଭିତ୍ତିଭୂମି ରହିଛି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ଘୋଷଣା କରିଛନ୍ତି ଯେ, ରାଜଧାନୀ ଅଞ୍ଚଳ ଭଳି ରାଉରକେଲା, ଝାରସୁଗୁଡ଼ା, ବରଗଡ଼ ଏବଂ ଦେବଗଡ଼କୁ ନେଇ ‘ସମ୍ବଲପୁର ଗ୍ରୋଥ୍ କରିଡର’ ବିକଶିତ କରାଯିବ। ଏହି କରିଡରରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବା ସହ ୨ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ନିଜ ଗୃହ ଜିଲ୍ଲା କେନ୍ଦୁଝରରେ ନିବେଶ କରିବାକୁ ଜେଏଫଇ ଷ୍ଟିଲ୍ କମ୍ପାନୀକୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି। ସେ କହିଛନ୍ତି ଯେ କେନ୍ଦୁଝରରେ ଉଚ୍ଚମାନର ଲୌହ ପଥର ଓ ଉତ୍ତମ ପରିବହନ ବ୍ୟବସ୍ଥା ଯୋଗୁଁ ଉତ୍ପାଦନ ଖର୍ଚ୍ଚ ପ୍ରାୟ ୫୦% ହ୍ରାସ ପାଇବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଅତ୍ୟାଧୁନିକ ହାଇଗ୍ରେଡ୍ ଷ୍ଟିଲ ପ୍ରସ୍ତୁତ କ୍ଷେତ୍ରରେ ଜେଏସଡବ୍ଲ୍ୟୁ ଓ ଜେଏଫଇ ଷ୍ଟିଲ୍’ର ସହଭାଗିତା ଖୁବ୍ ସହାୟକ ହେବ। ଏହି ସହଭାଗିତା ଦ୍ୱାରା ଓଡ଼ିଶାରେ ସମୁଦାୟ ୩୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନାକୁ ସାକାର କରିବା ଦିଗରେ ଆଜିର ଏହି ଜଏଣ୍ଟ ଭେନ୍‌ଚର ଏକ ଐତିହାସିକ ପଦକ୍ଷେପ ସାବ୍ୟସ୍ତ ହୋଇଛି। ଏହାଦ୍ୱାରା ଓଡ଼ିଶା ବିଶ୍ୱର ପ୍ରତିଷ୍ଠିତ ନିବେଶକ ମାନଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନ ଭାବେ ନିଜର ସ୍ଥାନକୁ ଆହୁରି ସୁଦୃଢ଼ କରିପାରିଛି।

ସୂଚନାଯୋଗ୍ୟ ଯେ, ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓ ସାଉଥ କୋରିଆ କମ୍ପାନୀ ପୋସ୍କୋ ପକ୍ଷରୁ ଓଡ଼ିଶାର ଢେଙ୍କାନାଳ ଓ କେନ୍ଦୁଝରରେ ଦୁଇଟି ମେଗା ଷ୍ଟିଲ୍ ପ୍ଲାଣ୍ଟ୍ ସ୍ଥାପନ କରାଯାଉଛି। ଏହି ଦୁଇଟି ପ୍ରକଳ୍ପ ବର୍ଷକୁ ୧୧ ମିଲିଅନ ଟନ୍ ଇସ୍ପାତ ଉତ୍ପାଦନ କରିବ। ଏହାଦ୍ୱାରା ଅଗ୍ରଣୀ ଷ୍ଟିଲ ଉତ୍ପାଦକ ରାଜ୍ୟ ମାନଙ୍କ ମଧ୍ୟରେ ଓଡ଼ିଶାର ସ୍ଥାନ ଆହୁରି ସୁଦୃଢ଼ ହେବ। ଏହି କାର୍ଯ୍ୟକ୍ରମରେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ଓନୋ କେଇଚି, ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଭାରତରେ ଜେଏସଡବ୍ଲ୍ୟୁ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଜ୍ଜନ ଜିନ୍ଦଲ, ଜେଏଫଇ ଷ୍ଟିଲ୍ କର୍ପୋରେସନର ସିଇଓ ୟୋଶିହିସା କିତାନୋ ଏବଂ ଜାପାନର ଶିଳ୍ପ ପ୍ରତିନିଧିମାନେ ଯୋଗଦେଇଥିଲେ।



## ‘ଓଡ଼ିଶା ହେବ ଦେଶର ଅଗ୍ରଣୀ ଲଜିଷ୍ଟିକ୍ ହବ୍’



**ସମ୍ବଲପୁର,୨୪।୪/ଏନ୍‌ଏନ୍‌ଏସ୍:** ସମ୍ବଲପୁର ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭାରତର ଅଗ୍ରଣୀ ଇସ୍ପାତ ନିର୍ମାତା ଜେଏସଡବ୍ଲ୍ୟୁ ଏବଂ ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ଶୁକ୍ରବାର ଯୌଥ ଉଦ୍ୟମ ସ୍ଥାପନର ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ‘ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ଲିମିଟେଡ’ର ଏହି ବିକାଶମୂଳକ ପ୍ରକଳ୍ପ ଦ୍ୱାରା ସମ୍ବଲପୁର ଓ ଝାରସୁଗୁଡ଼ା ସମେତ ଓଡ଼ିଶା ଦେଶର ଅଗ୍ରଣୀ ମ୍ୟାନୁଫ୍ୟାକଚରିଂ ଏବଂ ଲଜିଷ୍ଟିକ୍ ହବରେ ପରିଣତ ହେବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ବୃହତ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ, ଯାହା ମୁଖ୍ୟତଃ ଉଚ୍ଚମାନର ଗୁଣାତ୍ମକ ଇସ୍ପାତ ଉତ୍ପାଦନ ଉପରେ କେନ୍ଦ୍ରିତ ହେବ। ଓଡ଼ିଶା ଏବଂ ଜାପାନ ମଧ୍ୟରେ ଥିବା ଗଭୀର ଆଧ୍ୟାତ୍ମିକ ସମ୍ପର୍କ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ଜେଏଫ୍‌ଇ କମ୍ପାନୀ ପ୍ରଥମ ଥର ପାଇଁ ଜାପାନ ବାହାରକୁ ଆସି ଭାରତର ଜେଏସଡବ୍ଲ୍ୟୁ ସହ ମିଶି ଓଡ଼ିଶାରେ କାର୍ଯ୍ୟ କରୁଛି, ଯେଉଁଠାରେ ଉଭୟ କମ୍ପାନୀ ମିଳିତ ଭାବେ ବାର୍ଷିକ ପ୍ରାୟ ୫୯ ମିଲିୟନ ମେଟ୍ରିକ ଟନରୁ ଅଧିକ ଇସ୍ପାତ ଉତ୍ପାଦନ କ୍ଷମତା ରଖୁଛନ୍ତି। ଏହି ପ୍ରକଳ୍ପ ‘ଗ୍ରୀନ୍ ଷ୍ଟିଲ୍’ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

ଜେଏସଡବ୍ଲ୍ୟୁ ଏବଂ ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ୫୦:୫୦ ଭାଗିଦାରୀରେ ସମ୍ବଲପୁରରେ ଅବସ୍ଥିତ ଜେଏସଡବ୍ଲ୍ୟୁ ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍‌ରୁ ୧୦ ମିଲିୟନ ଟନ୍‌କୁ ବୃଦ୍ଧି କରାଯିବାର ଯୋଜନା ରହିଛି। ଏହି ପୁଞ୍ଜିନିବେଶ ଦ୍ୱାରା ସମ୍ବଲପୁର, ଝାରସୁଗୁଡ଼ା ଏବଂ ସମଗ୍ର ପଶ୍ଚିମ ଓଡ଼ିଶା ଅଞ୍ଚଳ ଏକ ଅଗ୍ରଣୀ ମ୍ୟାନୁଫ୍ୟାକ୍‌ଚରିଂ ଏବଂ ଲଜିଷ୍ଟିକ୍ ହବ୍ ଭାବେ ଉଭା ହେବ। ଶିଳ୍ପ ପ୍ରତିଷ୍ଠା ସହିତ ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ ଏବଂ ସାମାଜିକ ସହଭାଗିତାକୁ ପ୍ରାଧାନ୍ୟ ଦେବା ପାଇଁ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏହି ପ୍ରକଳ୍ପ ଓଡ଼ିଶାର ଅର୍ଥନୀତି ପାଇଁ ଏକ ‘ଗେମ୍ ଚେଞ୍ଜର’ ସାବ୍ୟସ୍ତ ହେବ। ଏହି ପ୍ରକଳ୍ପ ଜରିଆରେ ଓଡ଼ିଶା ବିଶ୍ୱର ଇସ୍ପାତ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବ।



**ଜେଏସ୍‌ଡବ୍ଲ୍ୟୁ, ସମ୍ବଲପୁର ପ୍ଲାଣ୍ଟର ବାର୍ଷିକ ଉତ୍ପାଦନ କ୍ଷମତା ୧୦ ମିଲିୟନ ଟନ୍‌କୁ ବୃଦ୍ଧି ହେବ**

**ନିଯୁକ୍ତି ସୁଯୋଗ ସୃଷ୍ଟି ସହ ଓଡ଼ିଶାର ଅର୍ଥନୀତି ପାଇଁ ହେବ ‘ଗେମ୍ ଚେଞ୍ଜର’**

**ହାତୀ ଘଉଡ଼ାଇବାରେ ବିଳମ୍ବରୁ ତାତିଲେ ଗ୍ରାମବାସୀ**

## ବନ କର୍ମଚାରୀଙ୍କୁ ପିଟିଲେ, ଗାଡ଼ି ଭାଙ୍ଗିଲେ

**ରାଇରଙ୍ଗପୁର,୨୪।୪/ଏନ୍‌ଏନ୍‌ଏସ୍:** ଦନ୍ତାହାତୀ ଆତଙ୍କ ପରେ ଉତ୍ତେଜନା। ବନ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଗାଡ଼ି ଭାଙ୍ଗିଦେଲେ ଲୋକେ। ଗାଁ ଲୋକଙ୍କ ମାଡ଼ରେ ଫରେଷ୍ଟରଙ୍କ ସମେତ ୬ ଜଣ ଗୁରୁତର ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାରିପଦା ବନଖଣ୍ଡ ଅଧୀନ ବହଳଦା ଗାଁରେ ଏହି ଘଟଣା ଘଟିଛି। ଗତକାଲି ଶିମିଳିପାଳ ଅଭୟାରଣ୍ୟରୁ ଏକ ଦନ୍ତା ହାତୀ ଗାଁ ମୁହାଁ ହୋଇ ବହଳଦା ଗାଁକୁ ପଶି ଆସିଥିଲା। ବନବିଭାଗ କର୍ମଚାରୀମାନେ ଖବର ପାଇ ହାତୀକୁ ଘଉଡ଼ାଇବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଦନ୍ତା ହାତୀଟି ଗା ରେ ପଶି କିଛି ଲୋକଙ୍କ ଘର ଭାଙ୍ଗି ଦେଇଥିଲା। ବନବିଭାଗ କର୍ମଚାରୀମାନେ ହାତୀ ଘଉଡ଼ାଇବାକୁ ପ୍ରୟାସ ଜାରି ରଖିଥିଲେ ମଧ୍ୟ ହାତୀ ଘଉଡ଼ାଇବାରେ ବିଫଳ ହୋଇଥିଲେ। ହାତୀ ଘର ଭାଙ୍ଗିବା ଘଟଣାକୁ ନେଇ ବନବିଭାଗକୁ ଦାୟୀ କରିଥିଲେ ଗ୍ରାମବାସୀ। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ହାତୀକୁ ଟ୍ରାକ କରିବାକୁ ଏକ ବୋଲେରୋ ଗାଡ଼ିରେ ଆସିଥିବା ଫରେଷ୍ଟରଙ୍କ ସହ ବନ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଗାଁ ଲୋକେ ବୋଲେରୋ ଗାଡିକୁ ଭଙ୍ଗାରୁଜା କରିବା ସହ ବନ କର୍ମଚାରୀ ମାନଙ୍କୁ ନିର୍ଦ୍ଧୁମ ପିଟିଥିଲେ। ଫଳରେ ଫରେଷ୍ଟରଙ୍କ ସମେତ ୬ ଜଣ ବନ କର୍ମଚାରୀ ଗୁରୁତର ଭାବେ ଆହତ ହୋଇଥିଲେ। ସମସ୍ତଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଗ୍ରାମବାସୀଙ୍କ ଆକ୍ରମଣରେ ଫରେଷ୍ଟର ଖଗେଶ୍ୱର ସେଠୀ, ଫରେଷ୍ଟ ଗାର୍ଡ ରାଇଧନ ସିଂ ଏବଂ ମହିଳା ଗାର୍ଡ ମାଳତୀ ମୁର୍ମୁ ଙ୍କ ସହିତ ଅନ୍ୟ ତିନି ଜଣ ବନ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେପଟେ ଖୁଣ୍ଟା ଥାନା ପୁଲିସ ଘଟଣାର ଖବର ପାଇବା ପରେ ତଦନ୍ତ ଜାରି ରଖିଛି। ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ମେଡିକାଲରୁ ଡିସଚାର୍ଜ କରାଯାଇଛି। ଏନେଇ ବନବିଭାଗର କର୍ମଚାରୀମାନେ ଆଜି ଖୁଣ୍ଟା ଥାନାରେ,ଗ୍ରାମବାସୀ ଆକ୍ରମଣ କରିଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି ।



## ୨.୬ କୋଟି ଠକେଇ, ଦିଲ୍ଲୀରୁ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୪।୪/ଏନ୍‌ଏନ୍‌ଏସ୍:** ଓଡ଼ିଶା କ୍ରାଇମ୍ ବ୍ରାଞ୍ଚର ସାଇବର ୟୁନିଟକୁ ମିଳିଛି ଏକ ବଡ଼ ସଫଳତା। ରାଜ୍ୟରେ ହୋଇଥିବା ୨ କୋଟି ୬ ଲକ୍ଷ ଟଙ୍କାର ଏକ ବିରାଟ ସାଇବର ଠକେଇ ମାମଲାରେ ପୁଲିସ ଦିଲ୍ଲୀରୁ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପଶ୍ଚିମ ଦିଲ୍ଲୀର ବିନୟ କୁମାର ଶର୍ମା। ସୂଚନା ମୁତାବକ, ଏହି ଅଭିଯୁକ୍ତ ଜଣକ ଲୋକଙ୍କୁ ଠକି କୋଟି କୋଟି ଟଙ୍କା ହଡ଼ପ କରୁଥିଲା। ଏହି ଘଟଣାରେ ଓଡ଼ିଶା କ୍ରାଇମ୍ ବ୍ରାଞ୍ଚର ଟିମ୍ ଦିଲ୍ଲୀରେ ଚଢ଼ଉ କରି ଅଭିଯୁକ୍ତକୁ ବାନ୍ଧିବାରେ ସଫଳ ହୋଇଛି। ବର୍ତ୍ତମାନ ତାକୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଉଛି ଏବଂ ପରେ ତାକୁ ଭୁବନେଶ୍ୱରଏସଡିଜେଏମ କୋର୍ଟରେ ହାଜର କରାଯିବ ବୋଲି ଜଣାଯାଇଛି।

## ଖରିଆର୍ ଅତିରିକ୍ତ ତହସିଲ୍‌ଦାର ନିଲମ୍ବିତ

**ଭୁବନେଶ୍ୱର,୨୪।୪ /ଏନ୍‌ଏନ୍‌ଏସ୍:** ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖରିଆର ଅତିରିକ୍ତ ତହସିଲଦାର୍ ତଥା ଓଡ଼ିଶା ରାଜସ୍ୱ ସେବା ଅଧିକାରୀ (ଓଆରଏସ୍) ଭୂପିନ୍ଦର ସିଂହଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡ଼ିଶା ସରକାର ତାଙ୍କୁ ନିଲମ୍ବନ କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଓଡ଼ିଶା ସିଭିଲ ସର୍ଭିସର ଶ୍ରେଣୀବିଭାଗ, ନିୟନ୍ତ୍ରଣ ଓ ଅପିଲ୍ (ସିସି ଆଣ୍ଡ୍ ଏ) ନିୟମାବଳୀ, ୧୯୬୨ ଅନୁସାରେ ଗ୍ରହଣ କରାଯାଇଛି। ନିଲମ୍ବନ ସମୟରେ ଶ୍ରୀ ସିଂହଙ୍କର ମୁଖ୍ୟାଳୟ ରେଭେନ୍ୟୁ ଡିଭିଜନାଲ କମିଶନର (ଆରଡିସି, ନର୍ଥ ଡିଭିଜନ୍), ସମ୍ବଲପୁର କାର୍ଯ୍ୟାଳୟରେ ନିର୍ଦ୍ଧାରିତ ହୋଇଛି ଏବଂ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଏଥିସହିତ ନିଲମ୍ବନ ସମୟରେ ସେ ଓଡ଼ିଶା ସର୍ଭିସ କୋଡ୍ ଅନୁଯାୟୀ କେବଳ ଜୀବନ-ନିର୍ବାହ ଭତ୍ତା (ସବସିଷ୍ଟେନ୍ସ ଆଲାଉନ୍ସ) ପାଇପାରିବେ।


**ବିଡିଓଙ୍କ ଜାଲ୍ ଦସ୍ତଖତରେ ବ୍ୟାଙ୍କ୍ ଠକେଇ**

## ବ୍ଲକ୍‌ର ୨ କୋଟି ୨୬ ଲକ୍ଷ ଟଙ୍କା ଚଲୁ

**ବେତନଟୀ,୨୪।୪/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ସ୍ଥିତ ୟୁକୋ ବ୍ୟାଙ୍କ ଶାଖାରେ ହୋଇଛି ବଡ଼ ଧରଣର ଠକେଇ। ବିଡିଓଙ୍କ ଜାଲ୍ ଦସ୍ତଖତରେ ବେତନଟୀ ବ୍ଲକର ଦୁଇଟି ସରକାରୀ ଆକାଉଣ୍ଟରୁ ୨ କୋଟି ୨୬ ଲକ୍ଷ ଟଙ୍କା ଚଲୁ କରି ଦେଇଛନ୍ତି ଜଣେ ଅଣ ଓଡ଼ିଆ ଦୁର୍ବୃତ୍ତ। ବେତନଟୀ ୟୁକୋ ବ୍ୟାଙ୍କ ଶାଖା ପ୍ରବନ୍ଧକ ଅର୍ପିତା ପାଲ ଏନେଇ ଥାନାରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି।

ଅଭିଯୋଗ ଅନୁଯାୟୀ, ମାର୍ଚ୍ଚ ୨୪ ତାରିଖ ଅପରାହ୍ନ ୧ଟା୧୫ମିନିଟ ପାଖାପାଖି ଜଣେ ଅଣ ଓଡ଼ିଆ ବ୍ୟକ୍ତି ବ୍ୟାଙ୍କକୁ ଆସିଥିଲେ। ସେ ନିଜକୁ ବେତନଟୀ ବିଡିଓଙ୍କ ପ୍ରତିନିଧ ବୋଲି ପରିଚୟ ଦେଇଥିଲେ। ବେତନଟୀ ବିଡିଓଙ୍କ ଦସ୍ତଖତ ଓ ସିଲ୍ ଥିବା ଏକ ଆବେଦନ ପତ୍ର ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। ବେତନଟୀ ବ୍ଲକ କାର୍ଯ୍ୟାଳୟ ନାଁରେ ଥିବା ୨ଟି ସରକାରୀ ଆକାଉଣ୍ଟର ମୋବାଇଲ୍ ନମ୍ବର ଓ ଇ-ମେଲ ଆଇଡି ଅପ୍‌ଡେଟ୍ କରିବା ସେଥିରେ ଆବେଦନ କରାଯାଇଥିଲା। ତାଙ୍କ ଆବେଦନ କାର୍ଯ୍ୟକାରୀ ହୋଇଥିଲା। ତା’ପର ଦିନ ସେହି ବ୍ୟକ୍ତି ପୁଣି ଆସିଥିଲେ। ଏଥର ସେ ବିଡିଓଙ୍କ ସିଲ୍ ଓ ଦସ୍ତଖତ ଥିବା ଆଉ ଏକ ଆବେଦନପତ୍ର ଆଣିଥିଲେ। ସେଥିରେ ବେତନଟୀ ବ୍ଲକ କାର୍ଯ୍ୟାଳୟ ନାଁରେ ଥିବା ସେହି ଦୁଇଟି ସରକାରୀ ଆକାଉଣ୍ଟ ନାଁରେ ଇ-ବ୍ୟାଙ୍କିଂ ୟୁଜର ଆଇଡି ଓ ପାସ୍‌ୱାର୍ଡ ପାଇଁ ଆବେଦନ କରାଯାଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ ସେହି କାର୍ଯ୍ୟ ମଧ୍ୟ କରି ଦେଇଥିଲେ। ଚଳିତ ମାସ ବେତନଟୀ ବ୍ଲକ କର୍ତ୍ତୃପକ୍ଷ କୌଣସି କାମରେ ବ୍ୟାଙ୍କକୁ ଯାଇଥିଲେ। ସେଠାରେ ଆଲୋଚନା ବେଳେ ବିଡିଓଙ୍କ ପ୍ରତିନିଧି ଆସିଥିବା କଥା କହିଥିଲେ ବ୍ୟାଙ୍କ କର୍ତ୍ତୃପକ୍ଷ। ଏହା ଶୁଣି ବ୍ଲକ କର୍ତ୍ତୃପକ୍ଷ କହିଥିଲେ ଯେ ବିଡିଓଙ୍କର କେହି ପ୍ରତିନିଧି ନାହାନ୍ତି କି କାହାକୁ ବ୍ୟାଙ୍କକୁ ପଠାଯାଇନାହିଁ। ଏହା ସହିତ ବିଡିଓଙ୍କ ଦସ୍ତଖତକୁ ନକଲ କରାଯାଇଥିବା ଜଣାପଡ଼ିଥିଲା। ଏହା ପରେ ବେତନଟୀ ବ୍ଲକ କାର୍ଯ୍ୟାଳୟର ଦୁଇଟି ଯାକ ସରକାରୀ ଆକାଉଣ୍ଟକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଜଣାପଡ଼ିଥିଲା ଯେ ଉକ୍ତ ଦୁଇ ଆକାଉଣ୍ଟରୁ ଭିନ୍ନ ଭିନ୍ନ ତାରିଖରେ ୨୮ଟି ଆକାଉଣ୍ଟକୁ ୨ କୋଟି ୨୬ ଲକ୍ଷ ଟଙ୍କା ପଠାଯାଇଛି।ଆବେଦନପତ୍ରରେ ଥିବା ସିଲ୍ ଏବଂ ଦସ୍ତଖତ ଅବିକଳ ବିଡିଓଙ୍କର ବୋଲି ଜଣାପଡୁଥିବା ନେଇ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

ଗୁରୁବାର ବେତନଟୀ ବ୍ଲକରେ ପହଞ୍ଚି ବିଡିଓଙ୍କ ସହିତ ଆଲୋଚନା କରିଥିଲେ ୟୁକୋ ବ୍ୟାଙ୍କର ସମ୍ବଲପୁରସ୍ଥିତ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବ୍ୟାଙ୍କ ଅଧିକାରୀ ଓ ବେତନଟୀ ପୁଲିସ। ବ୍ୟାଙ୍କର ଅଭିଯୋଗ କ୍ରମେ ବିଭିନ୍ନ ଦଫା ଲଗାଇ ପୁଲିସ ମାମଲାର ତଦନ୍ତ କରୁଛି।



# କିଟ୍ ଓ କିସ୍ ପରିଦର୍ଶନ କଲେ ଆମେରିକା କନ୍ସଲ୍ ଜେନେରାଲ୍



**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:** ହାଇଦ୍ରାବାଦସ୍ଥିତ ଆମେରିକାନ୍ କନସୁଲଲେଟ୍‌ର କନସଲ୍ ଜେନେରାଲ୍ ଲାରା ଉଇଲିୟମସ୍ ଦୁଇ ଦିନିଆ କିଟ୍ ଓ କିସ୍ ପରିଦର୍ଶନ ସାରି ଫେରିଯାଇଛନ୍ତି। ସେ କିଟ୍‌ର ସମସ୍ତ କ୍ୟାମ୍ପସ୍ ପରିଦର୍ଶନ କରିବା ସହ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ। କିସ୍‌ରେ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ବିନାଦେୟରେ ସାମଗ୍ରିକ ଶିକ୍ଷା ମଡେଲ୍ ବିଷୟରେ ଜାଣି ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସେ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଆଲୋଚନା କରିବା ସହ ଜନଜାତି ସଶକ୍ତିକରଣ ପାଇଁ କିସ୍ ଜରିଆରେ ଯେଉଁ କାର୍ଯ୍ୟ ଶ୍ରୀ ସାମନ୍ତ କରୁଛନ୍ତି ତାହା ଏକ ଉଦାହରଣ ବୋଲି କହିଥିଲେ। ଆଜି ସକାଳେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଲାରାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ତାଙ୍କୁ ନିଜ ରଚିତ ପୁସ୍ତକ ପ୍ରଦାନ କରିଥିଲେ। ଶ୍ରୀମତୀ ଲାରା ମଧ୍ୟ ଶ୍ରୀ ସାମନ୍ତଙ୍କୁ ଏକ ପୁସ୍ତକ ଉପହାର ପ୍ରଦାନ କରିଥିଲେ। କିଟ୍ ଓ କିସ୍ ପରିଦର୍ଶନ ଅବସରରେ ତାଙ୍କ ସହ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି ଓ କୁଳସଚିବ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।





ବଲାଙ୍ଗୀରରେ ରାଜ୍ୟସ୍ତରୀୟ 'ଜାତୀୟ ପଞ୍ଚାୟତିରାଜ ଦିବସ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

## ଟାଇମ୍ସ ହାୟର୍ ଏଜୁକେସନ୍ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ ୨୦୨୬

# କିଟ୍ ଭାରତର ଶ୍ରେଷ୍ଠ ଷଷ୍ଠ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:** ପ୍ରତିବର୍ଷ ଭଳି ଚଳିତବର୍ଷ 'ଦି ଟାଇମ୍ସ ହାୟର ଏଜୁକେସନ୍' ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଂ ଫଳାଫଳ ପ୍ରକାଶ ପାଇଛି। ଗୁରୁବାର ପ୍ରକାଶିତ ବିଶ୍ୱସ୍ତରୀୟ ଏସିଆ ୟୁନିଭର୍ସିଟି ର୍‍ୟାଙ୍କିଂରେ ପୂର୍ବ ବର୍ଷଗୁଡ଼ିକ ଆପେକ୍ଷା ଏବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏହି ର୍‍ୟାଙ୍କିଂରେ ଅଧିକ ଉନ୍ନତ ପ୍ରଦର୍ଶନ କରିଛି। ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟ ଏସିଆର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାର ୧୬୯ ତମ ସ୍ଥାନରେ ରହିଛି। ଏହା ସହ କିଟ୍ ଦେଶର ସମଗ୍ର ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ୬ଷ୍ଠ ସ୍ଥାନରେ ରହିଥିବା ବେଳେ ପୂର୍ବ ଭାରତରେ ଶ୍ରେଷ୍ଠ ସ୍ଥାନରେ ରହିବାର ଗୌରବ ଅର୍ଜନ କରିଛି। ଗତବର୍ଷ ଏହି ର୍‍ୟାଙ୍କିଙ୍ଗରେ କିଟ୍ ଏସିଆ ମହାଦେଶର ଶ୍ରେଷ୍ଠ ୧୮୪ତମ ସ୍ଥାନରେ ରହିଥିଲା।

ଚଳିତ ବର୍ଷ କିଟ୍ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦେଶର ବହୁ ଲବ୍ଧ ପ୍ରତିଷ୍ଠିତ ଉଚ୍ଚତର ଶିକ୍ଷାନୁଷ୍ଠାନକୁ ପଛରେ ପକାଇ କରି ଉନ୍ନତ ପ୍ରଦର୍ଶନ କରିପାରିଛି। ଚଳିତବର୍ଷ ଶିକ୍ଷାଦାନ, ଗବେଷଣା, ଜ୍ଞାନ ବିନିମୟ, ଅନ୍ତର୍ଜାତୀୟ ଦୃଷ୍ଟିକୋଣ ଆଦି ବିଭିନ୍ନ ମାନଦଣ୍ଡକୁ ନେଇ ବିଶ୍ୱବିଦ୍ୟାଳୟଗୁଡ଼ିକର ର୍‍ୟାଙ୍କିଂ କରାଯାଇଥିଲା। ଗତ ୫୦ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଏସିଆର ଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ଟାଇମ୍ସ ହାଇଅର୍ ଏଜୁକେସନ୍ ପକ୍ଷରୁ ଏହି ଚୟନ ପ୍ରକ୍ରିୟା କରାଯାଇଛି। କିଟ୍ ମାତ୍ର ୨୮ ବର୍ଷର ଅନୁଷ୍ଠାନ ହୋଇଥିବା ବେଳେ ମାତ୍ର ୨୨ବର୍ଷର ବିଶ୍ୱବିଦ୍ୟାଳୟ ଭାବେ



ଉପରୋକ୍ତ ସମସ୍ତ ମାନଦଣ୍ଡକୁ ପୂରଣ କରି ସମଗ୍ର ଦେଶରେ ୬ଷ୍ଠ ଓ ଏସିଆରେ ୧୬୯ତମ ସ୍ଥାନରେ ରହି ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିପାରିଛି। ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ଆଗାମୀ ଦିନରେ କିଟ୍ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଆଶା ପୋଷଣ କରିଛନ୍ତି। ସୂଚନାଯୋଗ୍ୟ, ଟାଇମ୍ସ ହାଇଅର ଏଜୁକେସନ ଦ୍ୱାରା କରାଯାଉଥିବା ବିଭିନ୍ନ ର୍‍ୟାଙ୍କିଙ୍ଗ ସମେତ କ୍ୟୁଏସ୍ ର୍‍ୟାଙ୍କିଙ୍ଗ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ବିଶ୍ୱ ରାଙ୍କିଙ୍ଗରେ ନିରନ୍ତର ଭାବରେ ସ୍ଥାନ ପାଇବା ସହ ପ୍ରମୁଖ ଅନ୍ତର୍ଜାତୀୟ ମାନ୍ୟତା ହାସଲ କରି କିଟ୍ ବିଶ୍ୱବିଦ୍ୟାଳୟ ରାଜ୍ୟ ତଥା ଦେଶର ଗୌରବ ବୃଦ୍ଧି କରିଛି। ଏହି ମାନ୍ୟତା କିଟ୍‌କୁ ଉଚ୍ଚଶିକ୍ଷାରେ ଉତ୍କର୍ଷତା ଭାବେ ପ୍ରମାଣିତ କରୁଛି।

# ରିଲାଏନ୍ସ ସହଭାଗିତାରେ 'ଟାଇମ୍ ୧୦୦ ନେକ୍ସଟ୍' ଆରମ୍ଭ

**ନ୍ୟୁୟର୍କ,ମୁମ୍ବାଇ,୨୪।୪/ଏଜେନ୍ସି:** ବିଶ୍ୱର ପ୍ରସିଦ୍ଧ ମିଡିଆ ବ୍ରାଣ୍ଡ ଟାଇମ୍ ପକ୍ଷରୁ ଭାରତରେ ପ୍ରଥମ ଥର ପାଇଁ 'ଟାଇମ୍ ୧୦୦ ନେକ୍ସଟ୍ ଇଣ୍ଡିଆ' ଆରମ୍ଭ କରିବାକୁ ଘୋଷଣା କରାଯାଇଛି, ଯାହା ରିଲାଏନ୍ସ ସହ ସହଭାଗିତାରେ ଆୟୋଜିତ ହେବ। ଏହି ପଦକ୍ଷେପ ଅଧୀନରେ, ଭାରତ ଏବଂ ଭାରତୀୟ ବଂଶୋଦ୍ଭବଙ୍କ ମଧ୍ୟରୁ ୧୦୦ ଜଣ ଉଦୀୟମାନ ନେତୃତ୍ୱ ସ୍ଥାନର ବ୍ୟକ୍ତିତ୍ୱଙ୍କ ଚୟନ କରାଯିବ, ଯେଉଁମାନେ ଦେଶର ଭବିଷ୍ୟତକୁ ଆକାର ଦେଉଛନ୍ତି। ନ୍ୟୁୟର୍କରେ ଅନୁଷ୍ଠିତ ଟାଇମ୍୧୦୦ (ଟାଇମ ହଣ୍ଡ୍ରେଡ୍) ଗାଲା ଅବସରରେ ଟାଇମ ସିଇଓ ଜେସିକା ସିବଲି ଏବଂ ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ମୁକେଶ ଅମ୍ବାନୀ ଏହି ଘୋଷଣା କରିଛନ୍ତି।

'ଟାଇମ୍ ୧୦୦ ନେକ୍ସଟ୍ ଇଣ୍ଡିଆ' ତାଲିକା ଟାଇମ ପତ୍ରିକାର ସମ୍ପାଦକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ଏବଂ ଏଥିରେ କଳା, ବିଜ୍ଞାନ, ବ୍ୟବସାୟ, କ୍ରୀଡ଼ା ଏବଂ ସାମାଜିକ କ୍ଷେତ୍ରର ଉଦୀୟମାନ ପ୍ରତିଭାମାନଙ୍କୁ ସ୍ଥାନ ଦିଆଯିବ। ଏହି ତାଲିକା ଅନ୍‌ଲାଇନ୍‌ରେ ପ୍ରକାଶିତ ହେବ ଏବଂ ଡିସେମ୍ବର ୨୦୨୬ ରେ ମୁମ୍ବାଇର ନୀତା ମୁକେଶ ଅମ୍ବାନୀ କଲଚରାଲ



ସେଣ୍ଟରରେ ଏକ ସ୍ୱତନ୍ତ୍ର ଗାଲା ଉତ୍ସବ ସହିତ ପାଳନ କରାଯିବ। ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ କହିଛନ୍ତି, 'ଟାଇମ ସହିତ ଏହି ସହଭାଗିତା ଆମ ପାଇଁ ସ୍ୱତନ୍ତ୍ର, କାରଣ ଏହା ମାଧ୍ୟମରେ, ଆମେ ପ୍ରଥମ ଥର ପାଇଁ ମୁମ୍ବାଇର ନୀତା ମୁକେଶ ଅମ୍ବାନୀ କଲଚରାଲ ସେଣ୍ଟରକୁ 'ଟାଇମ୍ ୧୦୦ ନେକ୍ସଟ୍ ଇଣ୍ଡିଆ' ଆଣିବାକୁ ଯାଉଛୁ। ବିଶ୍ୱର ସର୍ବୋତ୍ତମକୁ ଭାରତ ଆଣିବା ଏବଂ ଭାରତର ସର୍ବୋତ୍ତମ ପ୍ରତିଭାକୁ ବିଶ୍ୱକୁ ନେବା ପାଇଁ ଆମର ସର୍ବଦା ପ୍ରୟାସ ରହିଛି।' ଟାଇମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜେସିକା ସିବଲି କହିଛନ୍ତି ଯେ ଆମେ ପ୍ରଥମ ଥର ପାଇଁ ଭାରତକୁ 'ଟାଇମ୍ ୧୦୦ ନେକ୍ସଟ୍' ଆଣୁଛୁ ଏବଂ ଏଥିପାଇଁ ଅତ୍ୟନ୍ତ ଉତ୍ସାହିତ ରହିଛୁ। 'ଟାଇମ୍ ୧୦୦ ନେକ୍ସଟ୍ ଇଣ୍ଡିଆ' ପରବର୍ତ୍ତୀ ପିଢ଼ିର ନେତୃତ୍ୱ ନେଉଥିବା ବ୍ୟକ୍ତିତ୍ୱମାନଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ଏକ ମଞ୍ଚରେ ଏକାଠି କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ପଦକ୍ଷେପକୁ ସମ୍ଭବ କରିଥିବାରୁ ଆମେ ରିଲାଏନ୍ସ ପ୍ରତି କୃତଜ୍ଞ।' ଟାଇମ୍ ଅନୁଯାୟୀ, 'ଟାଇମ୍ ୧୦୦ ନେକ୍ସଟ୍' ପ୍ଲାଟଫର୍ମ ଆଗାମୀ ଦଶନ୍ଧିଗୁଡ଼ିକୁ ଆକାର ଦେବାକୁ ଯାଉଥିବା ପ୍ରତିଭା ଓ ନେତୃତ୍ୱକୁ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ପ୍ରସିଦ୍ଧ। ଭାରତରେ ଏହାର ବିସ୍ତାର ଏହି ବିଶ୍ୱସ୍ତରୀୟ ପଦକ୍ଷେପର ପ୍ରଥମ ଅନ୍ତର୍ଜାତୀୟ ସଂସ୍କରଣ। ଉଦ୍‌ଘାଟନୀ 'ଟାଇମ୍ ୧୦୦ ନେକ୍ସଟ୍ ଇଣ୍ଡିଆ' ତାଲିକା ଏବଂ ଗାଲା ଉତ୍ସବ ସମ୍ପର୍କରେ ଅଧିକ ସୂଚନା ଆଗାମୀ ମାସଗୁଡ଼ିକରେ ଘୋଷଣା କରାଯିବ।

# ଶିଶୁଙ୍କ ପାଇଁ ଅନ୍‌ଲାଇନ୍ ସୁରକ୍ଷା ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:** 'ଶିଶୁମାନଙ୍କ ପାଇଁ ଅନଲାଇନ ସୁରକ୍ଷା' ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଚାଇଲ୍ଡଫଣ୍ଡ ଇଣ୍ଡିଆଙ୍କ ସହଯୋଗରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଏସ୍‌ସିପିସିଆର୍, ଓସେପା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଚାଇଲ୍ଡଫଣ୍ଡ ଇଣ୍ଡିଆର କର୍ମକର୍ତ୍ତାମାନଙ୍କ ସମେତ ମୋଟ ୮୦ ଜଣ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷା ବବିତା ପାତ୍ର ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରି ଅନ୍‌ଲାଇନ୍ ସୁରକ୍ଷା ପଦକ୍ଷେପର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ। ସେ ଶିଶୁମାନଙ୍କୁ ଅନଲାଇନ ବିପଦରୁ ସୁରକ୍ଷା ଦେବାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଡ଼ା ଏନ. ତିରୁମାଲା ନାୟକ ଅନଲାଇନ ସୁରକ୍ଷା ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିବାରୁ ପ୍ରଶଂସା କରିଥିଲେ। ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶିଶୁ ଓ ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଅନ୍‌ଲାଇନ୍ ଶୋଷଣରୁ ସେମାନଙ୍କୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦେଇଥିଲେ। ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକ ଅନନ୍ୟା ଦାସ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍‌ଲାଇନ୍ ସୁରକ୍ଷା ଶିକ୍ଷାକୁ ସମନ୍ୱିତ କରିବା ଉପରେ ପ୍ରାଧାନ୍ୟ ଦେଇଥିଲେ। ଶିଶୁମାନେ ସହଜରେ ବୁଝିବା ଓ ଆନନ୍ଦର ସହିତ ଶିଖିବା ପାଇଁ ଏହି ବିଷୟକୁ ଆକର୍ଷଣୀୟ ଓ କ୍ରୀଡ଼ାଧାରିତ ପଦ୍ଧତିରେ ଶିକ୍ଷା ପ୍ରଦାନ କରାଯିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସେପାର ଅତିରିକ୍ତ ନିର୍ଦ୍ଦେଶିକ ସଙ୍ଗୀତା ବେହେରା ଅନ୍‌ଲାଇନ୍ ବିପଦରୁ ଉତ୍ପନ୍ନ ହେଉଥିବା ଅପବ୍ୟବହାରକୁ ପ୍ରତିରୋଧ କରିବା ଏବଂ ଶିଶୁମାନଙ୍କ ଅନ୍‌ଲାଇନ୍ ସୁରକ୍ଷା ନିଶ୍ଚିତ କରିବା ପାଇଁ ଓସେପା ପରି ପ୍ରତିଷ୍ଠାନଗତ ସଂଗଠନମାନଙ୍କ ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ। ଚାଇଲ୍ଡଫଣ୍ଡ୍ ଇଣ୍ଡିଆର ପ୍ରୋଗ୍ରାମ ନିର୍ଦ୍ଦେଶିକା ଡ଼ା. ଶ୍ରବନ୍ତୀ ସେନ 'ଶିଶୁମାନଙ୍କ ଅନଲାଇନ ସୁରକ୍ଷା' ବିଷୟରେ କେନ୍ଦ୍ରାପଡ଼ାରେ କରାଯାଇଥିବା ପାଇଲଟ ପ୍ରକଳ୍ପର ଫଳାଫଳ ପ୍ରସ୍ତୁତ କରିଥିଲେ। ସେ ପ୍ରକଳ୍ପର ମୁଖ୍ୟ ଅବଲୋକନଗୁଡ଼ିକୁ ଉଲ୍ଲେଖ କରି ଓଡ଼ିଶାରେ ଶିଶୁମାନଙ୍କ ଅନଲାଇନ ସୁରକ୍ଷା ବୃଦ୍ଧି ପାଇଁ ସ୍ୱରାଷ୍ଟ୍ର ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ସହିତ ବିଭିନ୍ନ ହିତାଧିକାରୀ ଓ ବିଭାଗମାନଙ୍କ ଭୂମିକା ଉପରେ ପ୍ରାଧାନ୍ୟ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟା ଅତିଥିମାନଙ୍କ ମଧ୍ୟରେ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ସଦସ୍ୟା କସ୍ତୁରୀ ମିଶ୍ର, ସଦସ୍ୟା ଚନ୍ଦନା ଦାସ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ଡ଼ା. ସନ୍ତୋଷ କୁମାର ରାଉତ, ଓସେପାର ଯୁଗ୍ମ ନିର୍ଦ୍ଦେଶିକ ପ୍ରାଚୀ ତନୟା ଗିରି ଏବଂ ସ୍ମୃତି ପ୍ରଜ୍ଞା ପ୍ରିୟଦର୍ଶିନୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଶେଷରେ ଚାଇଲ୍ଡଫଣ୍ଡ ଇଣ୍ଡିଆର ଉପନିର୍ଦ୍ଦେଶକ ନବୀନ ଧନ୍ୟବାଦ୍ ଦେଇଥିଲେ।

# ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥର ଦୃଢ଼ ଆର୍ଥିକ ପ୍ରଦର୍ଶନ

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ୨୦୨୫-୨୬ ଆର୍ଥିକ ବର୍ଷରେ ଏକ ଦୃଢ଼ ତଥା ସନ୍ତୁଳିତ ଆର୍ଥିକ ପ୍ରଦର୍ଶନ ହାସଲ କରିଛି। ଏହା କାର୍ଯ୍ୟକ୍ଷମ ଦକ୍ଷତା, ରାଜସ୍ୱ ସଂଗ୍ରହ ଏବଂ ସୁଚିନ୍ତିତ ଆର୍ଥିକ ପରିଚାଳନା କ୍ଷେତ୍ରରେ ଭାରତୀୟ ରେଳବାଇର ଅନ୍ୟତମ ଅଗ୍ରଣୀ ଜୋନ୍ ଭାବରେ ନିଜର ସ୍ଥାନକୁ ପୁନଃ ପ୍ରତିପାଦିତ କରିଛି।

ଏହି ଜୋନ୍ ୫୪.୮୧% ର ଏକ ପ୍ରଭାବଶାଳୀ 'ଅପରେଟିଂ ରେସିଓ' (କାର୍ଯ୍ୟକ୍ଷମ ଅନୁପାତ) ରେକର୍ଡ କରି ସମସ୍ତ ରେଳ ଜୋନ୍ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏହା ପ୍ରଭାବଶାଳୀ ଖର୍ଚ୍ଚ ନିୟନ୍ତ୍ରଣ, ଉନ୍ନତ ଉତ୍ପାଦନ ଏବଂ ସମ୍ବଳର ଦକ୍ଷ ବିନିଯୋଗକୁ ସୂଚାଉଛି। ମାର୍ଚ୍ଚ ୨୦୨୬ ସୁଦ୍ଧା ପୂର୍ବତଟ ରେଳପଥର ମୋଟ ଆନୁପାତିକ ରାଜସ୍ୱ ୨୬,୦୫୮.୧୦ କୋଟି ଟଙ୍କାରେ ପହଞ୍ଚିବା ସହ ଆୟରେ ସ୍ଥିର ଅଭିବୃଦ୍ଧି ପ୍ରଦର୍ଶନ କରିଛି। ଏଥିସହିତ, ଜୋନ୍‌ର ପ୍ରାରମ୍ଭିକ ଆୟ ୩୨,୮୩୭.୬୭ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୧% ରୁ ଅଧିକ ଅଭିବୃଦ୍ଧି ଦର୍ଶାଉଛି। ଏହା ପୂର୍ବତଟ ରେଳପଥର ଶକ୍ତିଶାଳୀ ମାଲ୍ ପରିବହନ ଭିତ୍ତିଭୂମି ଏବଂ ବିଭିନ୍ନ କ୍ଷେତ୍ରରେ ରାଜସ୍ୱ ସଂଗ୍ରହର ନିରନ୍ତର ଗତିକୁ ପ୍ରତିଫଳିତ କରୁଛି। ଆର୍ଥିକ ପରିଚାଳନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। 'ଟ୍ରାଫିକ୍ ସସପେନ୍ସ' ଗତ ଆର୍ଥିକ ବର୍ଷର ୨୫.୦୪ କୋଟି ଟଙ୍କା(୦.୧୦୫%) ରୁ ହ୍ରାସ ପାଇ ୨୨.୮୬ କୋଟି (୦.୦୮୭%) ଟଙ୍କାରେ ପହଞ୍ଚିଛି। ଏହି ଗୁରୁତ୍ୱପୂର୍ଣ୍ଣ ହ୍ରାସ ଉନ୍ନତ ଆକାଉଣ୍ଟିଂ ଦକ୍ଷତା, ବାକି ଥିବା ଅର୍ଥର ଶୀଘ୍ର ସମାଧାନ ଏବଂ ଉନ୍ନତ ଆର୍ଥିକ ସ୍ୱଚ୍ଛତାକୁ ସୂଚାଉଛି। ପୂର୍ବତଟ ରେଳପଥ ଚଳିତ ବର୍ଷ ପୁଞ୍ଜି ଖର୍ଚ୍ଚରେ ମଧ୍ୟ ଯଥେଷ୍ଟ ଅଗ୍ରଗତି କରିଛି। ମୋଟ ପୁଞ୍ଜି ଖର୍ଚ୍ଚ ୧୨,୨୨୧.୮୧ କୋଟି ଟଙ୍କାରେ ପହଞ୍ଚିଛି, ଯାହାର ସାମଗ୍ରିକ ବ୍ୟବହାର ସଂଶୋଧିତ ଅନୁଦାନର ୧୦୦% ଅତିକ୍ରମ କରିଛି। ମୋଟ ଆଧାରରେ (ଲିଜ୍, ମୂଲ୍ୟହ୍ରାସ ଏବଂ ଅନ୍ୟାନ୍ୟ ସଂଶୋଧନକୁ ବାଦ ଦେଇ), ଖର୍ଚ୍ଚ ୬,୪୮୮.୨୪ କୋଟି ଟଙ୍କା ଥିଲା, ଯାହା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକରେ ଦୃଢ଼ କାର୍ଯ୍ୟକାରିତାକୁ ପ୍ରତିଫଳିତ କରେ। ଯାହାକି, ନୂତନ ଲାଇନ, ଦୋହରୀକରଣ କାର୍ଯ୍ୟ, ଟ୍ରାକ୍ ନବୀକରଣ, ସେତୁ କାର୍ଯ୍ୟ, ସିଗନାଲିଂ ଏବଂ ଟେଲିଯୋଗାଯୋଗ ପ୍ରଣାଳୀ ଏବଂ ଗ୍ରାହକ ସୁବିଧା, କ୍ଷମତା ସୁଦୃଢ଼ କରିବା ଏବଂ ନେଟୱାର୍କରେ ସେବା ଗୁଣବତ୍ତା ଉନ୍ନତ କରିବାରେ ନିବେଶ। ଆର୍ଥିକ ଶୃଙ୍ଖଳାକୁ ଏକ ପ୍ରମୁଖ ପ୍ରାଥମିକତା ଭାବେ ଗ୍ରହଣ କରାଯାଇଛି। ଅଡିଟ୍ ଅନୁପାଳନ, ଷ୍ଟକ୍ ସିଟ୍, ଆକାଉଣ୍ଟାଲ୍ ପ୍ରକ୍ରିୟା ଏବଂ ବାକି ବିଲ୍ ଆଦାୟ କ୍ଷେତ୍ରରେ ପ୍ରଭାବଶାଳୀ ମନିଟରିଂ ଏବଂ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଏହି ପ୍ରୟାସ ଜୋନ୍ ମଧ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସାମଗ୍ରିକ ଆର୍ଥିକ ପ୍ରଶାସନକୁ ସୁଦୃଢ଼ କରିଛି। ସାମୂହିକ ଭାବେ ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥର ପ୍ରଦର୍ଶନ ଦକ୍ଷତା, ଅଭିବୃଦ୍ଧି ଏବଂ ଆର୍ଥିକ ସତର୍କତା ଉପରେ ଏହାର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରେ। ସେବାର ଉଚ୍ଚ ମାନ ବଜାୟ ରଖିବା ସହିତ ବିଶେଷ କରି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ମାଲ୍ ପରିବହନ କାର୍ଯ୍ୟରେ ଏହି ଜୋନ୍ ଏକ ପ୍ରମୁଖ ଭୂମିକା ଗ୍ରହଣ କରି ଚାଲିଛି।

## ରିଭିଜନାଲ୍ କୋର୍ଟର କାର୍ଯ୍ୟ ସମ୍ପାଦନ ସମୀକ୍ଷା

# ୭୬,୦୦୦ ମାମଲାର ତ୍ୱରିତ ଶୁଣାଣି ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୪ /ଏନ୍ଏନ୍ଏସ୍:** ରାଜସ୍ୱ ପରିଷଦର ସଦସ୍ୟ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ୪୧ଟି ରିଭିଜନାଲ୍ କୋର୍ଟର କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟାକୁ ତ୍ୱରାନିତ୍ୱ କରିବା ନିମନ୍ତେ ଏକ ସମୀକ୍ଷା ବୈଠକ ସମସ୍ତ ପ୍ରିଜାଇଡିଂ ଅଫିସରମାନଙ୍କ ସହ ଅନୁଷ୍ଠିତ ହୋଇଛି। ଏହି ସମୀକ୍ଷା ବୈଠକରେ କଟକ ଓ ଭୁବନେଶ୍ୱରରେ ଥିବା କୋର୍ଟଗୁଡ଼ିକର ପ୍ରିଜାଇଡିଂ ଅଫିସରମାନେ ଯୋଗ ଦେଇଥିଲେ ଏବଂ ରାଜସ୍ୱ ବିଭାଗ ତରଫରୁ ଅତିରିକ୍ତ ସଚିବ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଲିଙ୍ଗରାଜ ମହାପ୍ରଭୁ ପ୍ରଶାସନର ରାଜସ୍ୱ ଅଧିକାରୀ, ରାଜସ୍ୱ ଆୟୁକ୍ତ, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଅତିରିକ୍ତ କମିଶନରମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ସାଧାରଣ ଜନତାଙ୍କୁ ଜମିଜମା ସମ୍ବନ୍ଧୀୟ କେସ୍‌ଗୁଡ଼ିକରେ ତ୍ୱରାନ୍ୱିତ ନ୍ୟାୟ ପ୍ରଦାନ ପାଇଁ ଶ୍ରୀ ସାହୁ ଗୁରୁତ୍ୱାରୋପ ସହ କୋର୍ଟଗୁଡ଼ିକର ସୁପରିଚାଳନାର ସୁବିସ୍ତୃତ ସମୀକ୍ଷା କରିଛନ୍ତି। ଉପବିଭାଗ ତଥା ତହସିଲ, ବନ୍ଦୋବସ୍ତ ଇତ୍ୟାଦି କାର୍ଯ୍ୟାଳୟମାନଙ୍କୁ ମଗାଯାଉଥିବା ପାରାଓ୍ୱାଇଜ୍ ରିପୋର୍ଟ/ନିମ୍ନ ଅଦାଲତ କାଗଜାତ୍ ଗୁଡିକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଭାବେ ଯଥାଶୀଘ୍ର ରିଭିଜନ୍ କୋର୍ଟଗୁଡ଼ିକରେ ଉପସ୍ଥାପନା କରିବା ପାଇଁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଅତିକମ୍‌ରେ ସପ୍ତାହରେ ୩ ଦିନ ରିଭିଜନ୍ କୋର୍ଟ କରିବା ପାଇଁ ସମସ୍ତ ପ୍ରିଜାଇଡିଂ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିଭିଜନ୍ କୋର୍ଟର ପ୍ରିଜାଇଡିଂ ଅଫିସରମାନଙ୍କୁ ତାଙ୍କ କୋର୍ଟରେ ପଡିରହିଥିବା କେସ୍‌ଗୁଡ଼ିକୁ ନ୍ୟାୟିକ ଭିତ୍ତିରେ ଶୀଘ୍ର ଫଇସଲା କରିବା ପାଇଁ ରାଜସ୍ୱ ପରିଷଦ ନିର୍ଦ୍ଦେଶ ଦେଇଛନ୍ତି। ଉଚ୍ଚ ନ୍ୟାୟାଳୟଙ୍କର ବିଭିନ୍ନ ସମୟରେ ଆସୁଥିବା ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଦୂରଦୂରାନ୍ତରୁ ଆସୁଥିବା ସାଧାରଣ ଜନତା କିପରି ଉପକୃତ ହୋଇପାରିବେ, ସେଥିପାଇଁ ରିଭିଜନ୍ କୋର୍ଟରେ ସଂସ୍ଥାପିତ ପ୍ରଯୁକ୍ତିବିଦ୍ୟା ଯଥା ସିସିଏମ୍‌ଏସ୍ ୨.୦ ର ସଦୁପଯୋଗ କରି ପ୍ରତ୍ୟହ କୋର୍ଟରେ ହେଉଥିବା କଜ୍ ଲିଷ୍ଟ, ମଧ୍ୟକାଳୀନ ଅର୍ଡର, ଫାଇନାଲ୍ ଅର୍ଡର ଇତ୍ୟାଦି ଅପଡେଟ୍ ପାଇଁ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଛନ୍ତି। କୌଣସି କେସ୍‌ରେ ସର୍ବାଧିକ ୩ ଥରରୁ ଅଧିକ ଅର୍ଜିଦାତା ଅନୁପସ୍ଥିତ ରହିଲେ କେସ୍‌ଟି ଖାରଜ କରିବାକୁ ନିଷ୍ପତ୍ତି ନିଆଯାଇଛି। ନିକଟ ଅତୀତରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଓ ଏସ୍‌ଓପି ଅନୁଯାୟୀ ରିଭିଜନ୍ କୋର୍ଟମାନଙ୍କରେ ପଡ଼ିରହିଥିବା ପୁରାତନ କବଲା ସମ୍ବନ୍ଧୀୟ କେସ୍‌ଗୁଡ଼ିକୁ ତ୍ୱରିତ ଫଇସଲା ନିମନ୍ତେ ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟକୁ ଶୀଘ୍ର ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଲିଜ୍ ଜମି, ଜଙ୍ଗଲ କିସମ ଜମି, ଶ୍ରୀଜଗନ୍ନାଥ ମହାପ୍ରଭୁ, ଲିଙ୍ଗରାଜ ମହାପ୍ରଭୁ, ଅନ୍ୟାନ୍ୟ ସର୍ବସାଧାରଣ ଦେବୋତ୍ତର ଜମି ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିଗୁଡ଼ିକୁ ସୁରକ୍ଷିତ ରଖିବାକୁ ସଦସ୍ୟ, ରାଜସ୍ୱ ପରିଷଦ ସମସ୍ତ କୋର୍ଟର ପ୍ରିଜାଇଡିଂ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ଜନତାଙ୍କୁ କିପରି ନ୍ୟାୟ ମିଳିବ, ଜମି ଦୁର୍ନୀତିକୁ କିପରି ରୋକାଯାଇପାରିବ ଏବଂ ସରକାରୀ ଜମିର ସୁରକ୍ଷା ନିମନ୍ତେ କଡ଼ାକଡ଼ି ଆଦେଶ ଦିଆଯାଇଛି।

# କବିତା ସଂକଳନ 'ଗୀତି ଗନ୍ଧବତୀ' ଉନ୍ମୋଚିତ

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:** ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ନବରତ୍ନ ସାହିତ୍ୟ ସଂସଦର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ କବି ଦିବାକର ମାନସିଂହଙ୍କ ପ୍ରଥମ କବିତା ସଂକଳନ 'ଗୀତି ଗନ୍ଧବତୀ' ଆନୁଷ୍ଠାନିକ ଭାବେ ଲୋକାର୍ପିତ ହୋଇଛି। ଏହି ସାରସ୍ୱତ ସମାରୋହରେ ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରିବା ସହ ସାହିତ୍ୟର ସାମ୍ପ୍ରତିକ ସ୍ଥିତି ଓ କବିତା ଶୈଳୀ ଉପରେ ନିଜର ମନ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶରତ କୁମାର ଦାଶ ଓ ଶକୁନ୍ତଳା ବଳିଆରସିଂ ଯୋଗଦେଇ କବି ଶ୍ରୀ ମାନସିଂହଙ୍କ



ଲେଖନୀର ଭୂୟସୀ ପ୍ରଶଂସା କରିଥିଲେ। ଉତ୍ସବର ଅନ୍ୟ ଏକ ଆକର୍ଷଣ ଭାବେ ସାହିତ୍ୟ ପତ୍ରିକା 'ନିର୍ଝର'ର ନୂତନ ସଂସ୍କରଣ ମଧ୍ୟ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜୀବନ କୃଷ୍ଣା ମିଶ୍ର ବେଦପାଠ କରିଥିବା ବେଳେ ଦେବାଶିଷ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଲୋଚକ ଭାବେ କବି ସୂର୍ଯ୍ୟ ମିଶ୍ର ଏବଂ ରକ୍ଷକ ନାୟକ ପୁସ୍ତକ ଓ କବିତାଗୁଡ଼ିକର ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ସଭା ଶେଷରେ ବୃନ୍ଦାବନ ମହାପାତ୍ର ଉପସ୍ଥିତ ସମସ୍ତ ସାହିତ୍ୟାନୁରାଗୀ ଓ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ସହରର ବହୁ ବ୍ୟକ୍ତି ଓ ସାହିତ୍ୟିକ ଯୋଗ ଦେଇଥିଲେ।

# ବିଡିଏ କର୍ମଚାରୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ କେୟାର ହସ୍ପିଟାଲ୍ସର ମିଳିତ ସହଯୋଗରେ ଶୁକ୍ରବାର ବିଡିଏ କାର୍ଯ୍ୟାଳୟରେ କର୍ମଚାରୀଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ରକ୍ତଚାପ ମାପ, ରାଣ୍ଡମ୍ ବ୍ଲଡ୍ ସୁଗାର୍ ପରୀକ୍ଷା, ଇସିଜି ପରୀକ୍ଷା ଏବଂ ଆଖି ପରୀକ୍ଷା ସମେତ ବିଭିନ୍ନ ମୌଳିକ ସ୍ୱାସ୍ଥ୍ୟ ଯାଞ୍ଚ ସେବା ପ୍ରଦାନ କରାଯାଇଥିଲା। ନିଦାନ ସେବା ସହିତ ଡାକ୍ତରଙ୍କ ଏକ ଟିମ୍ କର୍ମଚାରୀଙ୍କୁ ମାଗଣା ମେଡିକାଲ୍ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା କହିଥିଲେ ଯେ କର୍ମଚାରୀଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ଏହି ସ୍ୱାସ୍ଥ୍ୟ ଶିବିରର ଏକ ଅଂଶ। ଭବିଷ୍ୟତରେ କର୍ମଚାରୀମାନେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ କେୟାର ହସ୍ପିଟାଲ୍ସର ଡାକ୍ତରୀ ଟିମ୍‌ରେ ଡା. ବିକ୍ରମ କେଶରୀ ମହାପାତ୍ର (ହୃଦରୋଗ ବିଶେଷଜ୍ଞ), ଡା. ଦିଲ୍ଲୀପ ମହାନ୍ତି ଏବଂ ଡା. ଆଦ୍ୟାଶା ନନ୍ଦ (ମେଡିସିନ୍) ମାର୍କେଟିଂ ମୁଖ୍ୟ ଡା. ଲୋକନାଥ ଦାଶ ଉପସ୍ଥିତ ଥିଲେ। ଅତିରିକ୍ତ କମିଶନର (ପ୍ରଶାସନ) ସ୍ନିଗ୍ଧା ରାଣୀ ଧଳଙ୍କ ନେତୃତ୍ୱରେ ଶିବିର ପରିଚାଳନା ହୋଇଥିଲା ଏବଂ ବିଡିଏ ବହୁ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଜ୍ଞାନ ବିଜ୍ଞାନ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ରାହାମା,୨୪।୪/ଏନ୍‌ଏନ୍‌ଏସ୍:** ଶିଶୁ ଅନନ୍ତ ଆଶ୍ରମର ଜ୍ଞାନ ବିଜ୍ଞାନ ବିଦ୍ୟାଳୟର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଇଷ୍ଟ ପୂଜନ ଏବଂ ଗୁରୁପୂଜନ ପରେ ବିଶ୍ୱପ୍ରେମୀ ପଦ୍ମଶ୍ରୀ ବାବା ବଳିଆ ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଆଶିର୍ବଚନ ପ୍ରଦାନ କରିଥିଲେ। ବିଶିଷ୍ଟ ସମାଜସେବୀ ଇଂ ବ୍ରହ୍ମାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ପାରାଦୀପ ଇଫ୍‌କୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରଶନ୍ନ କୁମାର ବେଉରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଥିଲେ, ବାସ୍ତବ ଜୀବନରେ ଆଶ୍ରମ ଭଳି ବିଦ୍ୟାଳୟ ଆବଶ୍ୟକ ଅଛି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଜ୍ୟୋତିର୍ବିଦ ଡ. ଅରୁଣ କୁମାର ପାଣି କହିଲେ ଯେ ପିଲାମାନଙ୍କୁ ବଡ଼ ମଣିଷ କରିବା ଅପେକ୍ଷା ଭଲ ମଣିଷ କରିବା ଜରୁରୀ। ସମାଜସେବୀ ଅମରଜ୍ୟୋତି ସାହୁ ଛାତ୍ରଛାତ୍ରୀମାନଙ୍କ ଜୀବନରେ ଶୃଙ୍ଖଳା ଆବଶ୍ୟକ ବୋଲି କହିଥିବା ବେଳେ କଟକ ଶାନ୍ତି କମିଟିର ସୁଦୀପ୍ତ କୁମାର ସ୍ୱାଇଁ ବିଦ୍ୟାଳୟର ମାତୃପିତୃ ପୂଜନ ଉତ୍ସବ ଏକ ନିଆରା ପରମ୍ପରା ବୋଲି ପ୍ରକାଶ କରିଥିଲେ। ଆଶ୍ରମର ଟ୍ରଷ୍ଟି ବାବାଜୀ ପ୍ରଣାବାନନ୍ଦ ଦାସ, ଶ୍ରୀବାସ ଦାସ, ବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ସାହୁ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଥିବାବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାତଭାୟା ମଗରକନ୍ଦାବାସୀଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ



**ରାଜନଗର,୨୪।୪/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ପୁରୁଣା ସାତଭାୟା ମଗରକନ୍ଦାରେ ରହି ଯାଇଥିବା କିଛି ପରିବାର ନିକଟରେ ଜିଲ୍ଲା ପ୍ରଶାସନ ପହଞ୍ଚି ଥିଲେ। ସେମାନଙ୍କ ସମସ୍ୟା ପଚାରି ବୁଝିବା ସହ କାହିଁକି ସାତଭାୟା ଥଇଥାନସ୍ଥଳୀ ବଗପାଟିଆକୁ ଯାଉନାହାନ୍ତି ବୋଲି ଜିଲ୍ଲାପାଳ ରଘୁରାମ ଆର ଆୟାର ଲୋକମାନଙ୍କୁ ପଚାରିଥିଲେ। ଜିଲ୍ଲାପାଳ ଶ୍ରୀ ଆୟାରଙ୍କ ସହ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ତହସିଲଦାର ଯୀଶୁଖ୍ରିଷ୍ଟ ଦାସ, ସିଡିପିଓ ଦିପାଣୀ ମିଶ୍ର ପହଞ୍ଚି ସେଠାରେ ଥିବା ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ସେଠାରେ ରହିଥିବା ପରିବାରର ଅଙ୍ଗନବାଡି ପିଲା ଓ ସ୍କୁଲ୍ ପିଲା କେମିତି ପାଠ ପଢିବେ, ସେଥିପାଇଁ ଗୁରୁତ୍ୱ ଦିଆଯିବ। ସାତଭାୟାବାସୀଙ୍କୁ ବଗପାଟିଆରେ ସରକାର ଥଇଥାନ କରିଥିବାରୁ ନୂତନ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଖୋଲିବା ସମ୍ଭବ ନୁହେଁ ବୋଲି ଜିଲ୍ଲାପାଳ ଶ୍ରୀ ଆୟାର କହିଥିଲେ। ସେମାନେ ସାତଭାୟା ଥଇଥାନସ୍ଥଳୀରେ ଘର ପାଇଥିଲେ ମଧ୍ୟ ରୋଜଗାରର ମାଧ୍ୟମ ନଥିବାରୁ ସେଠାରେ ରହୁଛନ୍ତି ବୋଲି ଲୋକମାନେ କହିଥିଲେ। ଏହାପରେ ଜିଲ୍ଲାପାଳ ଶ୍ରୀ ଆୟାର ଓ ଉପଜିଲ୍ଲାପାଳ ଶ୍ରୀ ନାୟକଙ୍କ ସହ ସମସ୍ତ ଅଧିକାରୀମାନେ ବଗପାଟିଆ ଥଇଥାନ ସ୍ଥଳୀକୁ ଆସିଥିଲେ। ସାତଭାୟା ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷକରି ରାସ୍ତାଘାଟ, ପାନୀୟଜଳ ସମସ୍ୟା ପଞ୍ଚୁବରାହୀ ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ବୁଲି ଦେଖିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣାଧିନ ରାସ୍ତା, କମ୍ୟୁନିଟ୍ ସେଣ୍ଟର କାର୍ଯ୍ୟ ଓ ମାଟି ଫିଲିଂ କାର୍ଯ୍ୟକୁ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରସନ୍ନ ପରିଡା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦିପ୍ତୀ ନାୟକ, ବିଡିଓ ଅଶୋକ ମହାନ୍ତି, ଫରେଷ୍ଟର ରଞ୍ଜନ କୁମାର ପାଣିଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଓ ସାତଭାୟାର ମୁରବୀମାନେ ଯୋଗ ଦେଇଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ୩ ବଖରା

**ଚାନ୍ଦୋଳ,୨୪।୪/ଏନ୍‌ଏନ୍‌ଏସ୍:** ଡେରବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଚାଟରାଚକଡ଼ା (ମଲିଆଙ୍ଗ) ଗ୍ରାମରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଗ୍ରାମର ଦେବପ୍ରସାଦ ମହାନ୍ତିଙ୍କ ତିନିବଖରା ଘର ପୋଡ଼ି ଭସ୍ମିଭୁତ ହୋଇଯାଇଛି। ଶ୍ରୀ ମହାନ୍ତିଙ୍କ ଘର ଗତକାଲି ଛପର ହୋଇଥିବା ବେଳେ ଆଜି ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ହଠାତ୍ ଜଳି ଉଠିଥିଲା। ଦିନରେ ପ୍ରଚୁର ଗ୍ରୀଷ୍ମତାତି ଓ ନିଆଁର ତିବ୍ରତା ଫଳରେ ଘର ମଧ୍ୟ କୌଣସି ସାମଗ୍ରୀ ଉଦ୍ଧାର ହୋଇପାରିନଥିଲା। ଫଳରେ ଶ୍ରୀ ମହାନ୍ତିଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ସମେତ ବର୍ଷକର ଆହାର ପୋଡ଼ି ପାଉଁଶ ହୋଇଯାଇଛି । ଖବରପାଇ ଡେରାବିଶ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

### ତାଳଚେରରେ ଜମିଦଲାଲ୍ ସକ୍ରିୟ

## ଜମି ହଡପ୍ କରିବାକୁ ଷଡ଼ଯନ୍ତ୍ର

**ତାଳଚେର,୨୪।୪/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ୍ ଅନ୍ତର୍ଗତ କଙ୍କିଳି ଗ୍ରାମାଞ୍ଚଳରେ ଏକ ଚାଞ୍ଚଲ୍ୟକର ଜମି ଜାଲିଆତି ମାମଲା ପଦାକୁ ଆସିଛି। ସ୍ୱର୍ଗତ ଶଶି ପ୍ରଧାନଙ୍କ ନାମରେ ଥିବା ଏକ ମୂଲ୍ୟବାନ୍ ଜମିକୁ ହଡ଼ପ କରିବାକୁ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏକ ବଡ଼ଧରଣର ଷଡ଼ଯନ୍ତ୍ର ରଚିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି, ଜାଲିଆତି କରିଥିବା ବ୍ୟକ୍ତିମାନେ ଜମିକୁ ଅନ୍ୟ କାହାକୁ ନବିକି ନିଜ ପରିବାର ଓ ସମ୍ପର୍କୀୟଙ୍କ ନାମରେ ରେଜିଷ୍ଟ୍ରି କରିଦେଇଛନ୍ତି। ନିୟମ ଅନୁଯାୟୀ ଶଶି ପ୍ରଧାନଙ୍କ ମୃତ୍ୟୁପରେ ତାଙ୍କର ପୁଅ ଓ ଝିଅ ଏହି ଜମିର ପ୍ରକୃତ ଉତାଧିକାରୀ। ଏହି ଜମିର ଗଙ୍ଗାଧର ପ୍ରଧାନ, ଗୋଲେଖ ପ୍ରଧାନ, ରମାବତୀ ବେହେରା ଏବଂ ଜମୁନା ସାହୁ ଜମିର ମାଲିକ ହୋଇଥିଲେ ମଧ୍ୟ ସେମାନେ ଉକ୍ତ ଜମିର ରେଜିଷ୍ଟ୍ରେସନ ବିଷୟରେ କୌଣସି ସୂଚନା ନପାଇ କିପରିଭାବେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମିଟିକୁ ଅନ୍ୟ ନାମରେ ପଞ୍ଜିକୃତ କରିଦେଲେ ତାହା ଏବେ ସନ୍ଦେହ ଘେରରେ ରହିଛି। ସେମାନେ ତହସିଲଦାରଙ୍କୁ ଏସମ୍ପର୍କରେ ପଚାରିବାରୁ ସେ ଏହା ଉପରେ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ କୁହନ୍ତି କି, ତୁମେ ଯାଅ ସିଭିଲ କେସ୍ କର। ଏ ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତେବେ ଗୋଟିଏ ଗରୀବ ଲୋକ ତାର ଆଇନଗତ ହକ୍‌କୁ ହରାଇ ବସିଥିବା ବେଳେ ତହସିଲଦାର ଏପ୍ରକାର ଉତ୍ତରକୁ ନେଇ ପରିବାର ପକ୍ଷରୁ ହତବାକ୍ ହେବା ସହ କେସ୍ ପାଇଁ ଅର୍ଥ କେଉଁଠାରୁ ଯୋଗାଡ଼ କରିବେ ତାକୁ ନେଇ ଚିନ୍ତାରେ ପରିବାର। ତେବେ ଏହା ଏକ ସିଧାସଳଖ ଭାବେ ସୁପରିକଳ୍ପିତ ଷଡ଼ଯନ୍ତ୍ର ହୋଇଥିବା ବେଳେ ବର୍ତ୍ତମାନ ମାଲିକମାନେ ନ୍ୟାୟ ଅପେକ୍ଷାରେ ରହିଥିବା ବେଳେ ତହସିଲଦଳାରଙ୍କ କାର୍ଯ୍ୟାକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହାର ତଦନ୍ତ କରି ପ୍ରକୃତ ଦୋଷୀ ବିରୁଧରେ କାର୍ଯ୍ୟାନୁଷାନ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି।

## ମା’ ମଙ୍ଗଳାଙ୍କ ନୂତନ ଗୃହ ପ୍ରତିଷ୍ଠ

**ପରଜଙ୍ଗ,୨୪।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ନୟା କୁଆଲୋ ଗ୍ରାମରେ ମା’ ମଙ୍ଗଳାଙ୍କ ନୂତନ ଗୃହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳ ସମୟରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ କଳସରେ ଜଳ ଭରି ବାଜା ବଜାଇ ଘଣ୍ଟ ଘଣ୍ଟା ଶଙ୍ଖ ସଂକୀର୍ତ୍ତନ ମଣ୍ଡଳୀ ସହ କଳସ ଶୋଭାଯାତ୍ରାରେ ଆସି ମା’ଙ୍କ ମନ୍ଦିର ପରିସରରେ ପୂଜାସ୍ଥଳରେ କଳସ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା ଷୋଡଶ ଉପଚାର ଏବଂ ଚଣ୍ଡି ମହାଯଜ୍ଞ ବ୍ରାହ୍ମଣଙ୍କ ଉପସ୍ଥିତିରେ ଯଜ୍ଞ ସ୍ଥଳରେ ରମେଶ ଚନ୍ଦ୍ର ରଣା ଓ ପାଞ୍ଚାଳୀ ରଣା କର୍ତ୍ତା,କର୍ତ୍ତି ଭାବେ କାର୍ଯ୍ୟ ତୁଲାଇ ଥିଲେ।

## ଏସ୍‌ଏନ୍ କଲେଜ୍ ଓଡ଼ିଆ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା




**ରାଜକନିକା,୨୪।୪/ଏନ୍‌ଏନ୍‌ଏସ୍:** ରାଜକନିକା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ + ୩ ଶେଷ ବର୍ଷ ଛାତ୍ରଛାତ୍ରୀମାନଙ୍କ ବିଦାୟୀ ସମ୍ବର୍ଦ୍ଧନା ସ୍ମୃତି ଚିରନ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱ ଓ ଓଡ଼ିଆ ବିଭାଗ ମୁଖ୍ୟ ଡ. ପ୍ରକାଶ କୁମାର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବିଦାୟୀକାଳୀନ ଉତ୍ସବରେ ବିଭାଗର ଅନ୍ୟତମ ପ୍ରଫେସର କାଳନ୍ଦୀ ମଲ୍ଲିକ, ପ୍ରଫେସର କିର୍ତ୍ତୀ କଳ୍ପିତା ସିଂହ, ଡ. ଫକୀର ଚନ୍ଦ୍ର ପ୍ରଧାନ, ଡ.ପ୍ରଶାନ୍ତ ଦାସ, ଅବସରପ୍ରାପ୍ତ ପ୍ରାଧାପିକା ତୃପ୍ତି ରାଉତ, କାର୍ତ୍ତିକ ଦାସ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ବଢିବା ଏବଂ ନିଜର ଲକ୍ଷ୍ୟ ପୂରଣ ପାଇଁ ମାର୍ଗ ଦର୍ଶନ ଦେଇଥିଲେ। ଏହି ଅବସରରେ ଅନ୍ୟ ଅଧ୍ୟାପକ, ଅଧ୍ୟାପିକାମାନେ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ। ବିଭାଗର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଡ୍ରେନ୍ ଦୁର୍ଗନ୍ଧରେ ନାକ ଫାଟି ପଡୁଛି

## ମଶା ଉତ୍ପାତ, ମଶାତେଲ କାହା ସ୍ୱାର୍ଥରେ !

**ତାଳଚେର,୨୪।୪/ଏନ୍‌ଏନ୍‌ଏସ୍:** ତାଳଚେର ପୌରପରିଷଦ ମଧ୍ୟରେ ୨୧ଗୋଟି ୱାର୍ଡରେ ରହିଥିବା ଡ୍ରେନ୍‌ଗୁଡ଼ିକରେ କେଉଁଠାରେ ଡ୍ରେନ ଉପରେ ସ୍ଲାପ୍ ଥିବାବେଳେ ଆଉ କେଉଁଠାରେ ମୁକୁଳା। ସରକାର ସ୍ୱଚ୍ଛଭାରତ ନାମରେ କର ଆଦାୟକରି ୱାର୍ଡବାସୀଙ୍କୁ କିପରି ସେବା ଯୋଗାଇ ଦିଆଯିବ ସେଥିନେଇ ପ୍ରଚାରପ୍ରସାର ଓ ନିଜସ୍ୱ କାର୍ଯ୍ୟାଳୟରେ ହୋଡ଼ିଙ୍ଗ ବ୍ୟାନର ମାରି ସର୍ବସ୍ୱ ହେଉଥିବା ବେଳେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳିଛି ତାଳଚେର ପୌରପରିଷଦରେ। ପ୍ରତ୍ୟେକ ଦିନ କାର୍ଯ୍ୟାଳୟ ପକ୍ଷରୁ ଡ୍ରେନ୍‌ଗୁଡ଼ିକରେ ମଶାତେଲ ପଡୁନଥିବାରୁ ମଶା ଶଉଁ ଶାଉଁ ଶବ୍ଦରେ ବିରକ୍ତିଭାବ ପ୍ରକାଶ କରିବା ସହ ସେମାନଙ୍କ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏହି ଡ୍ରେନ୍‌ଗୁଡ଼ିକ ନିୟମିତ ପରିଷ୍କାର ପରିଚ୍ଛନ୍ନ ହେଉନଥିବାରୁ ଡ୍ରେନରେ ଅଳିଆ ଆବର୍ଜନ ଜମା ହୋଇ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥାଏ। ଡ୍ରେନ୍‌ରୁ ନିର୍ଗତ ଦୁର୍ଗନ୍ଧରେ ନାକ ଫାଟିପଡ଼ିବା ସହ ଖରା ପଡ଼ିବା ମାତ୍ରେ ଉତାପରେ ଏହାର ଦୁର୍ଗନ୍ଧ ବ୍ୟାପିବା ସହିତ ମଶାଗୁଡ଼ିକ ଦିନବେଳା ମଧ୍ୟ ଘର ଭିତରକୁ ପଶି ଯାଇଥାନ୍ତି। ବିଭିନ୍ନ ସଫେଇ କାର୍ଯ୍ୟରେ ଠିକା ଓ ସରକାରୀ ଭାବେ କୁଆଡ଼େ ଶହେରୁ ଉର୍ଦ୍ଧ୍ୱ କର୍ମଚାରୀ ରହିଥିଲେ ମଧ୍ୟ ଏଥି ମଧ୍ୟରୁ କିଛି ସୁଇପର ହୁଙ୍କାବାଡ଼ିଆ କାର୍ଯ୍ୟ କରି ଚାଲି ଯାଉଥିବା ବେଳେ ଅନ୍ୟ ଯେଉଁମାନେ ରହିଲେ କେବଳ ସେମାନଙ୍କ ନାମରେ ମିଥ୍ୟା ବିଲକରି କିଛି ଅସାଧୁ କର୍ମଚାରୀ ଓ ସମ୍ପୃକ୍ତ ଠିକାଦାର ସଲାସୂତରାରେ ଏପରି ଘଟଣା ଘଟୁଛି ବୋଲି ୱାର୍ଡବାସୀ ଏହା ଅଭିଯୋଗ କରୁଛନ୍ତି।

## ମାଣିଖଣ୍ଡୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଚାନ୍ଦୋଳ,୨୪।୪/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ବାଲିଆ ପଞ୍ଚାୟତ ଅନ୍ତର୍ଗତ ବାଲିଆ ସ୍ଥିତ ମାଣିଖଣ୍ଡୀଙ୍କ ପୀଠରେ ବିଶଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବହୁ ପୁରା କାଳରୁ ଅନୁଷ୍ଠିତ ହୋଇଆସୁଥିବା ଏହି ଯଜ୍ଞ ଚଳିତ ବର୍ଷ ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିଲା। ଚଳିତ ମାସ ୧୯ ତାରିଖରେ ଅଙ୍କୁରାରୋପଣ ହୋଇଥିବା ବେଳେ ୨୦ ତାରିଖ ଦିନ ନିକଟସ୍ଥ ଜଳାଶୟରୁ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ପୂର୍ବକ ପବିତ୍ର ଜଳ ସଂଗ୍ରହ କରି ଯଜ୍ଞସ୍ଥଳରେ ପହଞ୍ଚାଇବାରେ ପରେ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ପୂଜା ପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତା ୨୬ ତାରିଖ ଦିନ ଏହି ଯଜ୍ଞର ପୂର୍ଣ୍ଣାହୁତି ହେବା ସହିତ ଭକ୍ତମାନଙ୍କ ମଧ୍ୟରେ ଚରୁଅନ୍ନ ବଣ୍ଟନ କରାଯିବ। ଏହି ଯଜ୍ଞରେ କର୍ତ୍ତା ଓ କର୍ତ୍ତୀ ଭାବେ ବିରେନ୍ଦ୍ର ମହାନ୍ତି ଓ ନଳିନୀ ମହାନ୍ତି କାର୍ଯ୍ୟ ନିର୍ବାହ କରୁଥିବା ବେଳେ ବନମାଳୀ ଦୁବେ, ଅନିରୁଦ୍ଧ ବେହେରା, ବ୍ରଜସୁନ୍ଦର ମହାନ୍ତି, ଅକ୍ଷୟ ମହାନ୍ତି, ବିଭୁପ୍ରସାଦ ବେହେରା, ପରମାନନ୍ଦ ବେହେରା, ପ୍ରମୋଦ ମହାପାତ୍ର, ଜ୍ଞାନେନ୍ଦ୍ର ସାହୁ, ଚିତରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାରାଜ ଓ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ସ୍ଥାନଟି ବାଲିଆ, ଗୋଲରାହାଟ ଓ ଲକ୍ଷ୍ମୀନାରାୟଣପୁର ତିନୋଟି ପଞ୍ଚାୟତର ମଧ୍ୟସ୍ଥଳୀରେ ଅବସ୍ଥିତ ହୋଇଥିବାରୁ ଯଜ୍ଞ କାର୍ଯ୍ୟରେ ଏହି ତିନି ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତରୁ ମଧ୍ୟ ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲ।

## ଠକେଇ ମାମଲା, ଯୁବକଙ୍କୁ ଉଠାଇ ନେଲା ମୁମ୍ବାଇ ପୁଲିସ

**ଧର୍ମଶାଳା,୨୪।୪/ଏନ୍‌ଏନ୍‌ଏସ୍:** ଏକ ଠକେଇ ମାମଲାରେ ସମ୍ପୃକ୍ତ ଧର୍ମଶାଳା ଥାନା ନେଉଳପୁର ଅଞ୍ଚଳର ଜଣେ ଯୁବକଙ୍କୁ ମୁମ୍ବାଇ ପୁଲିସ ଉଠାଇ ନେଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ନେଉଳପୁର ଅଞ୍ଚଳର ସେକ୍ ଚାନ୍ଦଙ୍କ ପୁଅ ଅବଦୁଲ ମୁତଲିବ(୨୪) ଅନ୍‌ଲାଇନ ମାଧ୍ୟମରେ ମୁମ୍ବାଇ ଅଞ୍ଚଳର ଲୋକମାନଙ୍କ ଠାରୁ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ମୁମ୍ବାଇ ପୁଲିସ ନିକଟରେ ଗତବର୍ଷ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ମୁମ୍ବାଇ ପୁଲିସ ୮୪୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ନେଉଳପୁର ଅଞ୍ଚଳର ଅବଦୁଲ୍ ମୁକତଲିବର ନାମ ସାମନାକୁ ଆସିଥିଲା। ଗତକାଲି ରାତିରେ ଧର୍ମଶାଳା ପୁଲିସ ସହାୟତାରେ ମୁମ୍ବାଇ ପୁଲିସ ଅଭିଯୁକ୍ତର ଘରେ ଚଢ଼ାଉ କରି ତାକୁ ଗିରଫ କରିଛି । ଆଜି ଅଭିଯୁକ୍ତ ମୁତଲିବକୁ ମୁମ୍ବାଇ ପୁଲିସ କୋର୍ଟରେ ହାଜର କରାଇ ରିମାଣ୍ଡରେ ମୁମ୍ବାଇ ନେଇଥିବା ଜଣାପଡଛି । ଏହି ଘଟଣା ସମ୍ପର୍କରେ ଅଭିଯୁକ୍ତର ପରିବାର ଲୋକଙ୍କ କୌଣସି ପ୍ରତିକ୍ରିୟା ହସ୍ତଗତ ହୋଇପାରି ନାହିଁ।

## ମନ୍ଦିର ପରିଚାଳନା କମିଟି ଗଠିତ

**କାମାକ୍ଷାନଗର,୨୪।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବସ୍‌ଷ୍ଟାଣ୍ଡ ନିକଟ ଶନିଶ୍ଚର ମନ୍ଦିରର ନୂତନ କମିଟି ଗୁରୁବାର ରାତିରେ ଗଠିତ ହୋଇଛି। ପୂର୍ବତନ ନଗରପାଳ ତଥା ବରିଷ୍ଠ ନାଗରିକ ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମନ୍ଦିରର ପରିଚାଳନା ନେଇ ଆଲୋଚନା ହୋଇଥିଲା। ଏଥିସହ ଠାକୁରଙ୍କ ନିତି, ସଭ୍ୟ ସଂଗ୍ରହ କରାଯାଇ ମନ୍ଦିରକୁ ସରସ ସୁନ୍ଦର ଭାବେ ଓ ସୁଚାରୁରୂପେ ଚଳାଇବା ପିଇଁ ନିଷ୍ପତି ହୋଇଥିଲା। ପରେ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ଉପଦେଷ୍ଟା ଭାବେ ଗୋବିନ୍ଦ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ବେହେରା, ସୁଧୀର କୁମାର ପରିଡା, ନରେନ୍ଦ୍ର ଚନ୍ଦ୍ର ମହାରଣା, ନିରଞ୍ଜନ ଶାଶେନି, ସଭାପତି ଲକ୍ଷ୍ମୀଧର ସାହୁ ଉପସଭାପତି ଶକ୍ତି ସଂଗ୍ରାମ ହୋତା,ସଂମ୍ପାଦକ ସୁଦର୍ଶନ ପରିଡା, ସହ ସମ୍ପାଦକ ରାଜେଶ କୁମାର ନାଥ କୋଷାଧ୍ୟକ୍ଷ ମଦନ ମୋହନ ପରିଡା,କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ଦାଶରଥି ସାହୁ, ଧବଳେଶ୍ୱର ନାୟକ, ପ୍ରମୋଦ ପରିଡା, ବିରଜା ପ୍ରଷାଦ ସାସମଲ ଓ ସୂର୍ଯ୍ୟ ସମ୍ମିତ ସାହୁଙ୍କୁ ମନୋନୟନ କରାଯାଇଥିଲା। ଶେଷରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ରାଜେଶ କୁମାର ନାଥ ଧନ୍ୟବାଦ ପ୍ରଦାନ କରିଥିଲେ।

## ହନୁମାନଜିଉଙ୍କ ତୃତୀୟ ବାର୍ଷିକ ଯଜ୍ଞ ଉତ୍ସବ

**ଚାନ୍ଦୋଳ,୨୪।୪/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ା ଗ୍ରାମର ଇଷ୍ଟଦେବ ଶ୍ରୀ କୁଞ୍ଜବିହାରୀଙ୍କ କଦଳୀପଟୁକା ମଠ ପରିସରରେ ହନୁମାନଜିଉଙ୍କ ତୃତୀୟ ବାର୍ଷିକ ଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଅଙ୍କୁରାରୋପଣ ଓ ଯଜ୍ଞର ଶୁଭାଧିବାସ ହୋଇଥିବା ବେଳେ ମଙ୍ଗଳବାର କଳସ ଶୋଭାଯାତ୍ରା କରାଯାଇଥିଲା। ପରେ ଗୁରୁପୂଜା, ସୂର୍ଯ୍ୟପୂଜା ଓ ଗୋପୂଜା କରାଯାଇ ଯଜ୍ଞ କୁଣ୍ଡରେ ଅଗ୍ନିସ୍ଥାପନ କରାଯାଇଥିଲା। ମଠର ମହନ୍ତ ମହମୋହନ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯଜ୍ଞରେ କର୍ତ୍ତା ଓ କର୍ତ୍ତୀ ଭାବରେ ବୈଷ୍ଣବ ସାମଲ ଓ ସୀତା ସାମଲ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ହରିହର ତ୍ରିପାଠୀଙ୍କ ସହିତ ଅନ୍ୟ ପଣ୍ଡିତ ମଣ୍ଡଳୀମାନଙ୍କ ଦ୍ୱାରା ଯଜ୍ଞ କର୍ମ ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଶୋକ ସାମଲ, ତ୍ରିଲୋଚନ ସାମଲ, ଦୁର୍ଯ୍ୟୋଧନ ସାମଲ ଓ ଚନ୍ଦ୍ରମଣି ମଲ୍ଲଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ଟ୍ରକ୍ ମାଲିକ ସଂଘ ପକ୍ଷରୁ ଜଳଛତ୍ର




**ବଡ଼ଚଣା,୨୪।୪/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ଚଣ୍ଡିଖୋଲ ଛକ ସ୍ଥିତ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆଜି ଏକ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡଚଣା ବିଧାୟକ ଅମର ନାୟକ ଯୋଗଦେଇ ଜଳଛତ୍ର କେନ୍ଦ୍ରକୁ ଉଦ୍‌ଘାଟନ କରି ଦିନକୁ ଦିନ ବୃଦ୍ଧି ପାଉଥିବା ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘର ଏଭଳି କାର୍ଯ୍ୟକୁ ପ୍ରଶଂଶା କରିବା ସହିତ ପଥଚାରୀ ତୃଷାର୍ତ୍ତ ଲୋକମାନଙ୍କ ତୃଷା ନିବାରଣ ନିମନ୍ତେ ସାହାଯ୍ୟ କରିବ ବୋଲି କହିଥିଲେ। ଏଥିସହିତ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ନବ ନିର୍ମିତ କାର୍ଯ୍ୟାଳୟ ଗୃହ ଖୁବ୍‌ଶୀଘ୍ର ଶେଷ କରିବା ପାଇଁ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସଂଘର ସଭାପତି ଚନ୍ଦନ କୁମାର ନାୟକ, ଉପସଭାପତି କ୍ଷେତ୍ରବାସୀ ନାୟକ,ସମ୍ପାଦକ ସନ୍ତୋଷ କୁମାର ରାଉତ, ସହ ସମ୍ପାଦକ ପ୍ରଶାନ୍ତ କୁମାର ଜେନା, କୋଷାଧ୍ୟକ୍ଷ ସଞ୍ଜୀବ ବଳ ମୁଖପାତ୍ର ମନୋରଞ୍ଜନ ନାୟକ ପ୍ରମୁଖ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବଡ଼ଚଣା ପଞ୍ଚାୟତ ସମିତି ଉପାଦକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ନାୟକ, ନୃସିଂହ ଚରଣ ଓତା, ଦେବରଞ୍ଜନ ସ୍ୱାଇଁ ପ୍ରମୋଦ କୁମାର ନାୟକ, ପ୍ରମୋଦ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୧୪.୨୯ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ବେପାରୀ ଗିରଫ

### ନିଶା ବେପାରୀ ସାବଧାନ, ନଚେତ ଜେଲ : ଏସ୍‌ପି



**ପାରାଦୀପ,୨୪।୪/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ନିଶାମୁକ୍ତ ଅଭିଯାନରେ ଜଗତସିଂହପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଜିଲ୍ଲାରେ ନିଶା କାରବାରକୁ ରୋକିବାକୁ ପୁଲିସ ତରଫରୁ କଡାକଡି ଆକ୍ସନ ଗ୍ରହଣ କରାଯାଉଛି। ପାରାଦୀପରେ ନୂତନ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବରେ ଅଜିଙ୍କ୍ୟ ବାବୁରାଓ ମାନେ ଯୋଗଦେବା ପରେ ଚୋରା ନିଶା ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ପାରାଦୀପ ଅଭୟଚାନ୍ଦପୁର ପୁଲିସ ତରଫରୁ ବଗଦିଆ ଡାଳିମ୍ବପୁର ରାସ୍ତାରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଅଭିଯୋଗରେ ଡାଳିମ୍ବପୁର ଗ୍ରାମର ସଂଗ୍ରାମ ଦଳାଇ (ରାକା)କୁ ଅଟକ ରଖିବା ସହିତ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତରେ ନଗଦ ଟଙ୍କା, ବ୍ରାଉନ୍‌ସୁଗର, ଏକ ସ୍କୁଟି ଜବତ କରିବା ସହିତ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଆଜି ସକାଳ ସମୟରେ ଅଭୟଚାନ୍ଦପୁର ଥାନା ଅଧିନସ୍ଥ ବଗଡିଆ ଡାଳିମ୍ବପୁର ସ୍ମଶାନ ନିକଟରେ ଏକ ଟିଭିଏସ ସ୍କୁଟିରେ ବ୍ରାଉନ୍‌ସୁଗର ବେପାର କରୁଥିବା ବିଶ୍ୱସ୍ଥ ସୂତ୍ରରୁ ଖବର ପାଇଥିଲେ। ଯାହାକୁ ନେଇ ଅଭୟଚାନ୍ଦପୁର ପୁଲିସର ସବ୍‌ଇନ୍ସପେକ୍ଟର ଏମ୍ ହେମ୍ରମ୍‌ଙ୍କ ସହିତ ପୁଲିସ ଟିମ୍ ଡାଳିମ୍ବପୁର ଆଇଓସିଏଲ ରାସ୍ତା ନିକଟରେ ମାଡି ବସିବା ସହିତ ସ୍କୁଟି ଦିକିରୁ ୧୪.୨୯ ଗ୍ରାମ ବ୍ରାଉନସୁଗାର ସହିତ ନଗଦ ୪୫୫୦ ଟଙ୍କା ଏକ ମୋବାଇଲ ଓ ଟିଭିଏସ ସ୍କୁଟି ଜବତ କରିବା ନେଇ ପ୍ରେସମିଟ୍‌ରେ ସୂଚନା ଦେବା ସହିତ ଅଭିଯୁକ୍ତ ସଂଗ୍ରାମ ଦଳାଇ (ରାକା ) କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପାରାଦୀପରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବରେ ଯୋଗଦେବା ପରେ ପାରାଦୀପର ଯୁବପିଢ଼ି, ସମସ୍ତ ବ୍ୟବସାୟୀକ ସଂସ୍ଥା ଓ ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ସୂଚନା ଦେବା ସହିତ ନିଶା କବଳରେ କବଳିତ ଏବଂ ନିଶାକୁ ପ୍ରୋସାହନ ଦେଉଥିବା ଯୁବଗୋଷ୍ଠୀଙ୍କ ପାଇଁ ସତର୍କ ଘଣ୍ଟି ବଜାଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ। ନିଶା ବେପାରୀ ସାବଧାନ ହୋଇଯାଆନ୍ତୁ ନଚେତ ଜେଲ୍ କୋଠରୀ ଖୋଲା ଅଛି ବୋଲି ପରୋକ୍ଷରେ ଚେତାବନୀ ଦେଇଛନ୍ତି ।

## କେନାଲ୍ ବନ୍ଧ ପିଚୁ କରିବାକୁ ଦାବି

**ଚାନ୍ଦୋଳ,୨୪।୪/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ଠାରେ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍‌ର ଶାଖା ୧୩ ନଂ କୋନାଲ୍‌ରୁ ବାହାରିଥିବା ଶାଖା ନାଳଟି ଦାନପୁର ଠାରୁ ରଜାଙ୍ଗ ପର୍ଯ୍ୟନ୍ତଯାଇଛି। ଏହି ନାଳ ବନ୍ଧର ବାମପାର୍ଶ୍ୱ ବନ୍ଧଟି କେଶରପୁର ଠାରୁ ରଜାଙ୍ଗ ପର୍ଯ୍ୟନ୍ତ ଦୀର୍ଘବର୍ଷ ତଳେ ନିର୍ମାଣ କରାଯାଇଥିଲା। ଏବେ ଏହି ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା କାରଣରୁ ଯାତାୟତ ପାଇଁ ସମସ୍ୟା ଉପୁଜିଛି। ଏହି ବନ୍ଧ ଦେଇ ରଜାଙ୍ଗ ଗ୍ରାମର ଜନସାଧାରଣଙ୍କ ସମେତ ବିଦ୍ୟାଳୟ, ଉଚ୍ଚବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ବ୍ୟାଙ୍କ ଆଦିକୁ ଯିବା ପାଇଁ ଲୋକମାନେ ବ୍ୟବହାର କରିଥାନ୍ତି। ରାସ୍ତାର ଅବସ୍ଥା ଏତେ ଶୋଚନୀୟ ଯେ, ଗାଡ଼ିମୋଟର ଯିବାତ ଦୂରର କଥା ପଥଚାରୀଙ୍କ ପାଇଁ ମଧ୍ୟ ଅନୁପଯୋଗୀ ହୋଇପଡ଼ିଛି । ଯେଉଁଥି ପାଇଁ ଅନେକ ସମୟରେ ଛୋଟଛୋଟ ଦୁର୍ଘଟଣାମାନ ଘଟୁଛି। ଏହି ରାସ୍ତାଟିକୁ ନିର୍ମାଣ କରାଯାଇ ପିଚୁ ରାସ୍ତା କରିବା ପାଇଁ ରଜାଙ୍ଗର ୱାର୍ଡସଭ୍ୟ ପ୍ରକାଶ କୁମାର ଘଡ଼େଇ ଦାବି କରିଛନ୍ତି ।

**ନିତି ଭାରତୀ** | ଜୀବନ ହେଉଛି ଠିକ୍ କାମ କରିବା ଏବଂ ଯାତ୍ରା ଚାଲୁ ରଖିବା... । - **ଆର୍‌କେ ନାରାୟଣ**

# ନ୍ୟାୟିକ ପରିଚାଳନାରେ ଏଆଇର ପ୍ରୟୋଗ



**ମାନସ ରଞ୍ଜନ ଶତପଥୀ**

ଏକୁଟିଆ ଟ୍ରେନ୍ ଯାତ୍ରା କରୁଥିବା ବେଳେ ଏକ ଯୁବ ଗୋଷ୍ଠୀଙ୍କ ମେଳରେ ପଡ଼ିଗଲି। ଏକୁଟିଆ ସାଧାରଣତଃ କୁଆଡ଼େ ନଯିବା ହେତୁ ସମୟ କଟୁ ନଥାଏ। ଏପଟେ ଯୁବକମାନଙ୍କ ହଟଗୋଳ ମସ୍ତି ଆହୁରି ଅସ୍ତବ୍ୟସ୍ତ କରି ପକେଇଲା। ଏ ସମୟରେ ଦୁଇ ଜଣ ପାଠୁଆ, ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ନିଜକୁ ପ୍ରସ୍ତୁତ କରୁଥିବା ଯୁବ ଛାତ୍ର ଆଲୋଚନାରେ ନିମଗ୍ନ ଥାଆନ୍ତି। ସେପଟକୁ ଟିକେ କାନ ଦେଇ ଶୁଣିଲି କୃତ୍ରିମ ବୁଦ୍ଧିମତ୍ତାର ବିଭିନ୍ନ ଦିଗରେ ପ୍ରୟୋଗ ବିଷୟରେ ଆଲୋଚନା ଚାଲିଛି। ମୁଁ ଶୁଣିଲା ବେଳକୁ ଏହାର ବିଚାର ବ୍ୟବସ୍ଥା ଉପରେ ପ୍ରୟୋଗ କାହିଁକି ନ ହେବ, ସେ ସମ୍ପର୍କରେ ସାରଗର୍ଭକ ଆଲୋଚନା ଚାଲିଥାଏ।

ଜଣେ କହୁଥାଏ, ଆଜିକାଲି କ୍ରିକେଟ ମ୍ୟାଚରେ ମଧ ଏଆଇ ମାଧ୍ୟମରେ ତୃତୀୟ ଅମ୍ପାୟାର ବଲ୍ କେଉଁ ଦିଗରେ ଗତି କରୁଛି ଦେଖି ଏଲ୍‌ବିଡବ୍ଲ୍ୟୁ ନିର୍ଣ୍ଣୟ କରି ଲକ୍ଷ ଲକ୍ଷ ଦର୍ଶକଙ୍କୁ ନିରପେକ୍ଷତା ପ୍ରଦର୍ଶନ କରୁଛନ୍ତି। ତେବେ ଅଦାଲତ ଶୁଣାଉ ଥିବା ଜଜ୍‌ମେଣ୍ଟ୍‌ଗୁଡ଼ିକୁ ଏଆଇ ଦ୍ୱାରା ନିରୀକ୍ଷଣ କଲେ ଅଧିକ ନିରପେକ୍ଷତା ପ୍ରମାଣିତ ହୁଅନ୍ତା ନାହିଁ କି ? ଏହି ରୋଚକ ଆଲୋଚନା ଶୁଣିବାରୁ ସେମାନେ କହୁଥାନ୍ତି ଯେ ଗଣତନ୍ତ୍ରର ଶେଷ ସ୍ତମ୍ଭ ଭାବରେ ନ୍ୟାୟପାଳିକାର ସ୍ୱାଧୀନତା ଅପରିହାର୍ଯ୍ୟ। ଏହି ସ୍ୱାଧୀନତାକୁ ସୁରକ୍ଷିତ ରଖିବା ପାଇଁ 'ନ୍ୟାୟିକ ଅଭେଦ୍ୟତା ବା ଜୁଡିସିଆଲ ଇମ୍ୟୁନିଟି'ର ବ୍ୟବସ୍ଥା କରାଯାଇଛି, ଯାହା ବିଚାରପତିମାନଙ୍କୁ ସେମାନଙ୍କର ନିଷ୍ପତ୍ତି ପାଇଁ ବ୍ୟକ୍ତିଗତ ଦାୟିତ୍ୱରୁ ରକ୍ଷା କରେ। ଏହି ରଣନୈତିକ ସୁରକ୍ଷା କବଚ ବିନା ବିଚାରପତିମାନେ ନିଷ୍ପତ୍ତି ନେବା ବେଳେ ପ୍ରତିଶୋଧମୂଳକ ମାମଲା ଏବଂ ବ୍ୟକ୍ତିଗତ କ୍ଷତିର ଆଶଙ୍କା କରି ପାରନ୍ତି। ତେବେ ଏହି ସୁରକ୍ଷାକୁ 'ଡେମୋକ୍ଲିସଙ୍କ ଖଣ୍ଡା' ସହିତ ତୁଳନା କରାଯାଇପାରେ; ଯଦିଓ ଏହା ବିଚାରପତିଙ୍କୁ ନିର୍ଭୟ କରାଏ, ଏହାର ଅନ୍ୟ ପାର୍ଶ୍ୱରେ ନ୍ୟାୟିକ ତ୍ରୁଟିର ଶିକାର ହୋଇଥିବା ନାଗରିକଙ୍କ ପାଇଁ କୌଣସି ଦେୱାନୀ ପ୍ରତିକାର ବା ସିଭିଲ ରିମେଡି ନାହିଁ। ଯେତେବେଳେ ଜଣେ ଡାକ୍ତର ବା ଓକିଲଙ୍କ ଅବହେଳା ପାଇଁ ସେମାନଙ୍କୁ ଉତ୍ତରଦାୟୀ କରାଯାଇ ପାରୁଛି, ନ୍ୟାୟପାଳିକା କ୍ଷେତ୍ରରେ ଏହାର ସମ୍ପୂର୍ଣ୍ଣ ଅଭାବ ଏକ ଗମ୍ଭୀର ସାମ୍ବିଧାନିକ ଶୂନ୍ୟସ୍ଥାନ ସୃଷ୍ଟି କରୁଛି।

ନ୍ୟାୟିକ ନିଷ୍ପତ୍ତିର ପରିଣାମ ଜଣେ ବ୍ୟକ୍ତିର ଜୀବନକୁ ଚିରଦିନ ପାଇଁ ଅନ୍ଧକାରମୟ କରିଦେଇ ପାରେ। ଏହାର ସର୍ବଶ୍ରେଷ୍ଠ ଉଦାହରଣ ହେଉଛି ଆମେରିକାର 'ଷ୍ଟମ୍ପ୍ ଭର୍ସେସ ସ୍ପାର୍କମ୍ୟାନ' ମାମଲା। ଉକ୍ତ ମାମଲାରେ ଜଣେ ବିଚାରପତି ନିଜର 'ସାଧାରଣ ଅଧିକାର କ୍ଷେତ୍ର'ର ବ୍ୟବହାର କରି ଜଣେ ୧୫ ବର୍ଷର କିଶୋରୀଙ୍କ ଅଜାଣତରେ ତାଙ୍କର ବନ୍ଧ୍ୟାକରଣ ପାଇଁ ଆଦେଶ ଦେଇଥିଲେ। ଯଦିଓ ଏହି ପ୍ରକ୍ରିୟାରେ କୌଣସି ସ୍ୱାଭାବିକ ନ୍ୟାୟିକ ଗୁଣ ଯଥା: ଶୁଣାଣି ବା ପକ୍ଷ ରଖିବାର ସୁଯୋଗ ନଥିଲା, ତଥାପି 'ନ୍ୟାୟିକ ଅଭେଦ୍ୟତା' ଯୋଗୁଁ ସେହି ବିଚାରପତିଙ୍କୁ ଦାୟୀ କରାଯାଇ ପାରିଲା ନାହିଁ।

ଅବଶ୍ୟ ଉପରିସ୍ଥ ଅଦାଲତରେ ଅପିଲ୍ କରିବା ଦ୍ୱାରା ମାମଲାର ନିଷ୍ପତ୍ତି ବଦଳି ପାରେ, କିନ୍ତୁ ଏହା ସତ୍ୟ ଯେ ସେହି ସମୟରେ ଘଟିଥିବା 'କୋଲ୍ୟାଟେରାଲ ଡ୍ୟାମେଜ ବା ଆନୁଷଙ୍ଗିକ କ୍ଷତି'ର ଭରଣା ହୁଏନାହିଁ, ଯଥା: ଜବରଦସ୍ତି କରା ଯାଇଥିବା ବନ୍ଧ୍ୟାକରଣକୁ କୌଣସି ଆଇନଗତ ଆଦେଶ ଫେରାଇ ଆଣି ପାରିବ ନାହିଁ, ଜଣେ ନିର୍ଦ୍ଦୋଷ ବ୍ୟକ୍ତି ଭୁଲ୍ ବିଚାର ଯୋଗୁଁ ଜେଲ୍‌ରେ କଟାଇ ଥିବା ଦଶନ୍ଧିକୁ ଟଙ୍କାରେ ମାପିବା ଅସମ୍ଭବ ଅବା ବିଚାରପତିଙ୍କ ଭୁଲ୍ ଆଇନଗତ ବ୍ୟାଖ୍ୟା ଯୋଗୁଁ ଯଦି ଜଣେ ଓକିଲ ନିଜର ଗ୍ରାହକ ହରାନ୍ତି କିମ୍ବା ମାଲପ୍ରାକ୍ଟିସ ମାମଲାର ସମ୍ମୁଖୀନ ହୁଅନ୍ତି, ସେହି ସମ୍ମାନ ଫେରି ପାଇବା କଷ୍ଟକର। ତେଣୁ ଏପରି ଘଟୁଥିବା ମାନବୀୟ ତ୍ରୁଟି ଏବଂ ବ୍ୟବସ୍ଥାରେ ଥିବା ପକ୍ଷପାତକୁ ଚିହ୍ନଟ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଏକ ଅତ୍ୟାବଶ୍ୟକ ସମାଧାନ।

ମେସିନ ଲର୍ଣ୍ଣିଂ ନ୍ୟାୟପାଳିକାରେ ପକ୍ଷପାତ ଚିହ୍ନଟ କରିବାରେ ଏକ ବୈପ୍ଳବିକ ଭୂମିକା ଗ୍ରହଣ କରିପାରେ। ବିଚାରପତିମାନେ ଦେଉଥିବା ରାୟଗୁଡ଼ିକୁ ଏଆଇ ବିଶ୍ଳେଷଣ କରି ଜାଣିପାରେ ଯେ ବିଚାରପତିଙ୍କ ନିଷ୍ପତ୍ତି କେବଳ ତଥ୍ୟ ଉପରେ ଆଧାରିତ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଜାତି, ଧର୍ମ ବା ଲିଙ୍ଗ ପ୍ରତି ଆଗ୍ରହ ବା ବିଦ୍ୱେଷ ରହିଛି। ଏହାକୁ 'ଡିଷ୍ଟାଣ୍ଟ ରିଡିଂ' କୁହାଯାଏ, ଯାହା ମାଧ୍ୟମରେ ହଜାର ହଜାର ରାୟର ଶୈଳୀକୁ ପରୀକ୍ଷା କରାଯାଇପାରେ।

ଏଆଇର ଜଟିଳତା ଯୋଗୁଁ ଏହାକୁ 'ବ୍ଲାକବକ୍ସ' କୁହାଯାଏ, କିନ୍ତୁ ନ୍ୟାୟପାଳିକାରେ 'ଏକ୍ସପ୍ଲାନେବଲ ଏଆଇ'ର ଗୁରୁତ୍ୱ ଅଧିକ। ୟୁରୋପୀୟ ଏଆଇ ଆଇନରଧାରା ୮୬ ଅନୁଯାୟୀ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ବ୍ୟକ୍ତିର 'ଅର୍ଥପୂର୍ଣ୍ଣ ସ୍ପଷ୍ଟୀକରଣ ପାଇବାର ଅଧିକାର ବା ରାଇଟ-ଟୁ-ଏକ୍ସପ୍ଲାନେସନ' ରହିଛି। ଆଇନ ହେଉଛି 'ଡିଫିଜିବଲ୍ ବା ଖଣ୍ଡନଯୋଗ୍ୟ', ଅର୍ଥାତ୍ ଏକ ନିଷ୍ପତ୍ତି ସେତିକି ସମୟ ପର୍ଯ୍ୟନ୍ତ ବୈଧ ଯେ ପର୍ଯ୍ୟନ୍ତ ଏକ ଶକ୍ତିଶାଳୀ ବିରୋଧୀ ଯୁକ୍ତି ଉପସ୍ଥାପନ କରାଯାଇ ନାହିଁ। ଏକ୍ସପ୍ଲାନେବ୍‌ଲ ଏଆଇ ମାଧ୍ୟମରେ 'ଟଲ୍ୟୁମିନ ମଡେଲ'





ପ୍ରୟୋଗ କରି ବିଚାରପତିଙ୍କ ଯୁକ୍ତିକୁ ନିମ୍ନଲିଖିତ ପଦ୍ଧତିରେ ପରୀକ୍ଷା କରାଯାଇ ପାରିବ: ରାୟ କ'ଣ ଦିଆ ଯାଇଛି ? କେଉଁ ପ୍ରମାଣ ଭିତ୍ତିରେ ଏହି ନିଷ୍ପତ୍ତି ନିଆଗଲା ? ତଥ୍ୟ ଏବଂ ନିଷ୍କର୍ଷ ମଧ୍ୟରେ ଥିବା ଆଇନଗତ ସମ୍ପର୍କ, କେଉଁ ଆଇନ ବା ଧାରା ଏହି ଯୁକ୍ତିକୁ ବୈଧ କରେ ? କେଉଁ ପରିସ୍ଥିତିରେ ଏହି ଯୁକ୍ତି ପ୍ରୟୋଗ ହେବନାହିଁ ? ନିଷ୍ପତ୍ତିର ସଠିକ୍‌ତା ବା ସମ୍ଭାବନାର ମାତ୍ରା ଇତ୍ୟାଦି। ଏହି ପ୍ରଣାଳୀରେ ଏଆଇ କେବଳ 'ହଁ' ବା 'ନାହିଁ' କୁହେନାହିଁ, ବରଂ ବିଭିନ୍ନ ଯୁକ୍ତି ମଧ୍ୟରେ ଥିବା 'ଆଟାକ ରିଲେସନସିପ୍ ବା ଆକ୍ରମଣାତ୍ମକ ସମ୍ପର୍କ'କୁ ମଧ ପରିମାପ କରେ। କିନ୍ତୁ ଏହା ନିରାଟ ସତ୍ୟ ଯେ ଏଆଇ ବିଜ୍ଞ ବିଚାରପତିଙ୍କ 'ବିକଳ୍ପ' ନୁହେଁ, ବରଂ ଏକ 'ସହାୟକ' ଭାବରେ କାମ କରିପାରେ କିମ୍ବା କରିବା ଉଚିତ, ଯାହା ମାନବୀୟ ବିଚକ୍ଷଣତାକୁ ବଢ଼ାଇବ।

ବିଶିଷ୍ଟ ବ୍ୟକ୍ତିତ୍ୱ ମାର୍ଟିନ ଲୁଥର କିଙ୍ଗ ଜୁନିୟର କହିଥିଲେ, 'ନ୍ୟାୟର ବ୍ୟାଙ୍କ ଦେବାଳିଆ ନୁହେଁ।' ତେବେ ଏହି ବ୍ୟାଙ୍କର ହିସାବ କିତାବକୁ ସଠିକ୍ ରଖିବା ପାଇଁ ଆମକୁ 'ପ୍ରଯୁକ୍ତିବିଦ୍ୟାର ଖାତା'ର ଆବଶ୍ୟକତା ରହିଛି। ଏଆଇ କେବେ ବି ମାନବୀୟ ସମ୍ବେଦନା ଏବଂ ବିଚାରବୋଧର ସ୍ଥାନ ନେଇ ପାରିବ ନାହିଁ, କିନ୍ତୁ ଏହା ନିଶ୍ଚିତ ଭାବେ ନ୍ୟାୟିକ ବ୍ୟବସ୍ଥାରେ ଥିବା ପକ୍ଷପାତ ଏବଂ ପ୍ରମାଦର ଛିଦ୍ରଗୁଡ଼ିକୁ ବନ୍ଦ କରି ପାରିବ। ଏକ ସୁସ୍ଥ ଗଣତନ୍ତ୍ର ପାଇଁ 'ନ୍ୟାୟ' କେବଳ ଏକ ଉଚ୍ଚାରଣ ନୁହେଁ, ବରଂ ଏହା ଏକ ବିଶ୍ୱସନୀୟ ପ୍ରକ୍ରିୟା ହେବା ଆବଶ୍ୟକ, ଯେଉଁଠାରେ ପ୍ରତ୍ୟେକ ନାଗରିକ ସେମାନଙ୍କର ପ୍ରାପ୍ୟ ପାଇବା ପାଇଁ ହକଦାର।

ଏତିକି କଥା ଶୁଣୁ ଶୁଣୁ ଟ୍ରେନ୍ ଯାଇ ମୋର ଗନ୍ତବ୍ୟସ୍ଥଳରେ ପହଞ୍ଚି ଯାଇଥିଲା. ମୁଁ ସିଟ୍‌ରୁ ଉଠିପଡ଼ି ଚାଲିବା ପୂର୍ବରୁ ସେମାନଙ୍କ ପ୍ରତି ସ୍ମିତହାସ୍ୟ ଦେଇ ଭାବୁଥିଲି ଏଆଇ ଯେ କୌଣସି କ୍ଷେତ୍ରରେ ମଧ ଆଗାମୀ ଦିନରେ ପ୍ରଭାବ ବିସ୍ତାର କରିବ, ଏଥିରେ ସନ୍ଦେହ ନାହିଁ। ତେଣୁ ସମସ୍ତ କାର୍ଯ୍ୟକ୍ଷେତ୍ରର କର୍ମଚାରୀ ଚରମ ଗମ୍ଭୀରତାପୂର୍ବକ କାର୍ଯ୍ୟ ନ କରି ପାରିଲେ ଏଆଇର ଶିକାର ହେବା ଅବଶ୍ୟମ୍ଭାବୀ।

**ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼**
**ମୋ: ୯୪୩୭୪୭୯୦୪୫**

# ଧକା



**ବିଜୟ ଦାସ**

ଧକା ବା ଧକ୍କାର ଆକ୍ଷରିକ ଅର୍ଥ ବାହୁ ଦ୍ୱାରା ଠେଲିବା, ପରସ୍ପର ଜୋର୍‌ରେ ବାଡ଼େଇ ହେବା, ଖରଶ୍ୱାସ, ତଣ୍ଟିଆ ବା ଠେଲା ମାରିବା ଇତ୍ୟାଦି। ଧକା ମାରିବା ବା ବାଧା ଦେବା ଏକ ନକାରାତ୍ମକ ପ୍ରକ୍ରିୟା ହୋଇପାରେ ଏକ ଅଦ୍ଭୁତ ଘଟଣାରେ ଓ ସ୍ଥାନରେ, କିନ୍ତୁ ଏହା ପୁଣି ସକାରାତ୍ମକ ଅନୈତିକ ଘଟଣା ଓ ସ୍ଥାନରେ। ଅନୁପ୍ରବେଶକାରୀକୁ ଧକା ଦେଇ ବାହାର କରିଦେବା ଠିକ୍, କିନ୍ତୁ ପ୍ରବେଶପତ୍ରଧାରୀକୁ ଧକା ଦେବା ଅନୁଚିତ। ବେଳେବେଳେ ବାଟଘାଟରେ ଧକା ହୋଇଯିବା ସାଧାରଣ କଥା। ଏଠାରେ ନା ତୋର ଭୁଲ୍, ନା ମୋର ଭୁଲ୍ କହି ସମାଧାନ କରି ଦିଆଯାଇପାରେ। ମାତ୍ର କାହାର ଜଣକର ଭୁଲ୍ ନଥିଲେ ଧକା ବା ହେବ କାହିଁକି ? ନା ତୁ ସିଗ୍‌ନାଲ୍ ଦେଖିଲୁ, ନା ମୁଁ ସିଗ୍‌ନାଲ୍ ଦେଖିଲି ହୋଇପାରେ। କ୍ଷତି ଦୁଇ ପକ୍ଷର ହୋଇପାରେ ଓ ନିଶ୍ଚିତ ଭାବେ ତୃତୀୟ ପକ୍ଷର ହେବା ଥୟ।

ଜାଣି ଜାଣି ଧକା ଦେବାରୁ ଆରମ୍ଭ ହୁଏ ମହାଭାରତ। ସେ ଶାରୀରିକ ହେଉ ବା ମାନସିକ ଆଘାତ- ପକ୍ଷ ଓ ପ୍ରତିପକ୍ଷର ବାକ୍‌ଯୁଦ୍ଧ ତ ନିଶ୍ଚେ ହାତାହାତିକୁ ଯାଏ। ଅନେକ ସମୟରେ ଆମର ଜିଭ ଉପରେ ନିୟନ୍ତ୍ରଣ ନ ରହିଲେ ଧକା ହେବା ସ୍ୱାଭାବିକ। ଅସ୍ୱାଭାବିକ ହେଉଛି ଅଜାଣତେ ହେଉଥିବା ଧକା। ଏଠାରେ ଉଭୟ ପକ୍ଷ ଓ ପ୍ରତିପକ୍ଷଙ୍କୁ ଅଜଣା ଯେ କେମିତି ଏ ଦୁର୍ଘଟଣା ହେଲା ! ଅନେକ ସମୟରେ ଅଘଟଣ, ଦୁର୍ଘଟଣା କହିକରି ଆସେ ନାହିଁ। କେତେବେଳେ ଘଟିବ, କାହିଁକି ଘଟିବ, କେଉଁ ସ୍ଥାନରେ ଘଟିବ, ତାହା କେବଳ ବିଧି ନିର୍ଦ୍ଧାରିତ। ଲକ୍ଷ୍ୟ କରିଥିବେ, ଯେତେବେଳେ ଦୁଇଜଣ ବିପରୀତମୁଖୀ ପଥିକ ସାମ୍ନା ହୁଅନ୍ତି ଓ ଅନ୍ୟମନସ୍କତାରେ ବା ଭାବନାପ୍ଲୁତ ଅବସ୍ଥାରେ କେହି କାହାରିକୁ ବାଟ ଛାଡ଼ନ୍ତି ନାହିଁ। ଜଣେ ବାମକୁ ବାଟ କାଟିଲେ, ସାମ୍ନା ଲୋକଟି ଡାହାଣକୁ ବାଟ କାଟେ, ପୁଣି ସାମ୍ନା ଲୋକଟି ବାମକୁ ବାଟ କାଟିଲେ, ସାମ୍ନା ମଣିଷ ଡାହାଣକୁ ବାଟ କାଟେ। ଅଥଃ ଠିକ୍ ମଝିରେ ଦୁଇ ଜଣଙ୍କର ଧକା ହୁଏ। ଏହା ଏକ ବିପରୀତମୁଖୀ ମାନସିକତା ହେଲେ ମଧ ବୁଝି ପାରନ୍ତି ନାହିଁ ମୋର ବିପକ୍ଷର ବାମ ମୋର ଡାହାଣ ଓ ଏକା ଦିଗରେ।

ଆଜିକାଲିର ଛଳନା ମିଶ୍ରିତ ପ୍ରେମରୁ ହତ୍ୟା ପରି ଘଟଣା ଆସେ, ଯେପରିକି ପ୍ରେମିକା/ପ୍ରେମିକ ମିଠା ମିଠା କଥା କହି ନଦୀ ସେତୁକୁ ନେଇ ଆସେ ଓ ଧକା ଦେଇ ନଦୀ ଗର୍ଭକୁ ଠେଲିଦିଏ। ଏ ପୂର୍ବକଳ୍ପିତ ଯୋଜନାରୁ ଧକାର ନୀଳ ନକ୍ସା ପ୍ରସ୍ତୁତ ହୋଇଥାଏ। ଆଧୁନିକ ପୁତ୍ର ଓ ପୁତ୍ରବଧୂଙ୍କର ପିତାମାତା ବା ଶାଶୂ ଶ୍ୱଶୁରଙ୍କୁ ଧକା ଦେଇ, ତଣ୍ଟିଆ ମାରି ଘରୁ ବିଦା କରି ଦିଆଯାଉଛି, ଯଦିଓ ସରକାରୀ ନିୟମ ଅନୁସାରେ ସେ ପୁତ୍ର ପୁତ୍ରୀଙ୍କର ପିତାମାତାଙ୍କ ସମ୍ପତ୍ତି ଉପରେ କୌଣସି ଅଧିକାର ନାହିଁ। ସମାଜରେ ବିଭିନ୍ନ ସମୟରେ ଓ ଘଟଣାରେ ଧକା ଖାଇବା କେବଳ ମାନବକୁ ନୁହେଁ, ବରଂ ମାନବ ସମାଜକୁ ବିଚଳିତ କରୁଛି। ଏହି ଧକାର ଏକ ପ୍ରତିକ୍ରିୟା ମଧ ରହିଛି। ତାହା ସମୟସାପେକ୍ଷ ହେଲେ ମଧ ଘଟିବା ଦୁର୍ବାର ଓ ନିଶ୍ଚିତ। ଡାକମୁନ୍‌ସୀମାନେ ସେତେବେଳେ ପଶ୍ଚାତ୍ତାପ କରନ୍ତି, ଯେତେବେଳେ ନିଜର ପୁତ୍ର ଧକା ଦେଉଥାଏ।

ନ ଝୁଣ୍ଟିଲେ ସିଧା ରାସ୍ତା ଉପରେ ନିଘା ରହେ ନାହିଁ ବୋଲି କଥା ଅଛି। 'ଥରକୁ ଥର ପଡ଼ି ତଳେ/ ଶିଖଇ ଅଭ୍ୟାସର ବଳେ' ନ୍ୟାୟରେ ପିଲାଟି ଯେପରି ଧକା ଖାଇ ଖାଇ ସଳଖ ହୁଏ, ସେହିପରି ନ ଝୁଣ୍ଟିଲେ କି ସତର୍କତା ଆସିବ ? ଧକାକୁ ଧିକ୍ ବୋଲି ଅଭିହିତ କଲେ ନିଜର ସାମର୍ଥ୍ୟ ଉପରେ ସନ୍ଦେହ ଆସିବ। ଏଣୁ ଭୂପତିତ ହୋଇ ମଧ ପୁଣି ଉଠିବା ହିଁ ଶକ୍ତିକୁ ସମ୍ମାନ। ଏଠାରେ ଧକା ଖାଇଥିବା ବ୍ୟକ୍ତି କାପୁରୁଷ ହୋଇ ନପାରେ। ବରଂ ଧକା ଦେଉଥିବା ବ୍ୟକ୍ତି କାପୁରୁଷ। ପୁରାଣ ଇତିହାସଠାରୁ ଆଜିର ସମୟ ପର୍ଯ୍ୟନ୍ତ ଏପରି ଅନେକ ଉଦାହରଣ ଆମ ସାମ୍ନାରେ।




ଧକାର ପରିଭାଷା ପୁଣି ଦୀର୍ଘଶ୍ୱାସ ଓ ଖରଶ୍ୱାସ ପର୍ଯ୍ୟନ୍ତ ବ୍ୟାପ୍ତ। ଧକେଇ କାନ୍ଦୁଛିର ଅର୍ଥ ହୃଦୟରେ ଧକା ପାଇଛି ଓ କୋହ ପୁଣି ଲୁହ ପାଲଟିଛି। ଆମେ ଅନେକ ସମୟରେ ସେହି ଧକା ପାଇଥିବା ବାପା ମାଆଙ୍କୁ ଦେଖିଥିବା, ଯିଏ ଲୁହ ଢାଳନ୍ତି ନିଜ ସନ୍ତାନର ଅପକୀର୍ତ୍ତିରେ। ଚୋର ମାଆ କାନ୍ଦେ ଯେ ଲୁଚି ଲୁଚି କାନ୍ଦେ, ଆଖି ମଳି ମଳି କାନ୍ଦେ। ଏହି ଚୌର୍ଯ୍ୟ ପ୍ରକୃତି ନିଶ୍ଚେ ସନ୍ତାନର ଓ ସାମାଜିକ ଅପବାଦ ହିଁ ଶକ୍ତ ଧକା ହୃଦୟକୁ। ଜନ୍ମ ଦେଇଛି ବୋଲି କରମ ତ ଦେଇନି କହି ଖସିଗଲେ ହେବନାହିଁ। ବରଂ ଜନ୍ମ ପରେ ସଂସ୍କାର ଦେଇନାହିଁ ବୋଲି ଆଜି ଧକା ଖାଉଛି ହିଁ ଠିକ୍। ଧକା ପେଟକୁ ମାରିଲେ ସହି ହେବ, ହେଲେ ପିଠିକୁ ମାରିଲେ ହାମୁଡ଼େଇ ପଡ଼ିବା କଥା। ଘର ଘରର କାହାଣୀ ପରି ଲାଗୁଛି ନିଶ୍ଚେ। କିନ୍ତୁ ଧକା ଖାଇବା ହିଁ ଜୀବନର ଅଂଶ ଆଉ ଧକା ମାରିବା ?

ଏଠାରେ ଅପସଂସ୍କୃତିକୁ ଧକା ମାରିବା, ତଣ୍ଟିଆ ଦେଇ ବିଦା କରିବା ଅପରାଧ ନୁହେଁ। ଅସାମାଜିକ ତତ୍ତ୍ୱଙ୍କୁ ତଡ଼ିପାର କରିବାକୁ ଧକା ମାରିବା କୁହାଯାଇ ପାରିବ ନାହିଁ। କାରଣ ଏଠାରେ ଧକା ନୁହେଁ, ଗୋଡ଼େଇ ଗୋଡ଼େଇ ପିଟିବାର ଅଛି ସମାଜକୁ। ଧକା ଦେଲେ ପଡ଼ି ଉଠି ପୁଣି ସେ ଆକ୍ରମଣ କରିପାରେ, ମାତ୍ର ଲଗାତର ଯଷ୍ଟି ପ୍ରହାରରେ ସେ ନିଶ୍ଚେ ପଳାତକ ସାଜିବ, କହିବା ବାହୁଲ୍ୟ ମାତ୍ର। ଧକା ଏକ ଶବ୍ଦ ନୁହେଁ; ଏହା ଏକ ପ୍ରକ୍ରିୟା- ଉଭୟ ନକାରାତ୍ମକ ଓ ସକାରାତ୍ମକ।

# ଧୋକା

ଧୋକା ଏକ ପ୍ରକରଣ ବିଷମ ସମସ୍ୟାର। ସନ୍ଦେହ, ଆଶଙ୍କା, ମୋହ, ଭ୍ରାନ୍ତି, ବିପଦ, କ୍ଷତି ଓ ସର୍ବୋପରି ଦୁଃଖର ଜଡ଼। ଧକା ଦିଅ ସହିଯିବି; ଧୋକା ଦିଅ ନାହିଁ, ସହି ପାରିବିନି। ଏହା ହିଁ ତ ମଣିଷର ମାନସିକତା ! ଜୀବନ ଧୋକା ଦିଏନାହିଁ, ଜୀବନକୁ ଧୋକା ଦିଏ ଅନ୍ୟ ଏକ ଜୀବନ। ଏହା ହିଁ ସାରକଥା ଯେ ଛଳ ଛଳ ବହି ଯାଉଥିବା ଜୀବନ ନଈ ମଝିରେ ବିରାଟ ପଥରର ପ୍ରତିବନ୍ଧକ ହେଉଛି ଧୋକା। ଏହିଠାରୁ ଜୀବନର ମୋଡ଼ ବଦଳି ଯିବ କି ଶକ୍ତି ଦ୍ୱାରା ପଥର ଖଣ୍ଡକୁ ବାଲିରେଣୁ କରି ତାକୁ ଶଯ୍ୟା କରି ବହିଯିବାକୁ ହେବ, ତାହା ହିଁ ବିଚାର୍ଯ୍ୟ।

ଜୀବନରେ ଏମିତି କେହି ନାହିଁ ଯିଏ ଧୋକା ପାଇନାହିଁ। ଅସନ୍ତୁଳିତ ପ୍ରଜ୍ଞା ଦେଇଛି ଧୋକା, ଅପରିଚିତ ମୌସୁମୀ ଦେଇଛି ଧୋକା ତ ଅସମୟରେ ମଳୟ ଦେଇଛି ଧୋକା। ଜୀବନ ଆକାଶରେ ସୂର୍ଯ୍ୟ ବି ଦେଇଛି ଧୋକା, ଚନ୍ଦ୍ର ବି ଦେଇଛି ଧୋକା। ସର୍ବୋପରି, ମଣିଷକୁ ମନର ମଣିଷ ଦିଏ ବେଶୀ ଧୋକା। ଏହି ମନର ମଣିଷ କ'ଣ ? ମନ ଭିତରେ ଠାକୁର କରି ପୂଜା କରୁଥିବା ବ୍ୟକ୍ତି ଯଦି ସେହି ଠାକୁରଠାରୁ ଧୋକା ପାଏ, ତାହା ହେଲେ ଜୀବନର ରଙ୍ଗ ଫିକା ପଡ଼ିଯାଏ। ପ୍ରେମରେ, ଦାମ୍ପତ୍ୟରେ ଓ ପାରିବାରିକ ସମ୍ପର୍କରେ ଧୋକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପର ଲୋକ ଠକିଦେଲେ କି ଧୋକା ଦେଲେ ଚଳିବ, କିନ୍ତୁ ନିଜ ଲୋକ ଧୋକା ଦେଲେ ? ନିଜର ବୋଲି କାହାକୁ କହିବ ?

ମୁଁ ଯୁଧିଷ୍ଠିର ନୁହେଁ ଯେ ଦ୍ୟୁତକ୍ରୀଡ଼ାର ଧୋକାକୁ ମଥାପାତି ସହିନେବି ? ମୁଁ ସେଇ ସାଧାରଣ ମଣିଷ, ଯିଏ ବିଚାର କରୁଛି ଯେ ଦ୍ୟୁତକ୍ରୀଡ଼ା ଧୋକା ନୁହେଁ ତ ? ସୌନ୍ଦର୍ଯ୍ୟର ବଗିଚାରେ ଭିନ୍ନ ଭିନ୍ନ ରଙ୍ଗର, ଭିନ୍ନ ଭିନ୍ନ ବାସ୍ନାର ଫୁଲ ମୋତେ ଆକର୍ଷିତ କରିପାରେ, କିନ୍ତୁ ମୁଁ ବାରମ୍ବାର ବିଚାର କରୁଛି ଏ ବିଷପୁଷ୍ପ ନୁହେଁ ତ ? ମୁଁ ସେହି ମଣିଷ ସୁବର୍ଣ୍ଣରେ ବାସ୍ନା ଖୋଜୁନାହିଁ, ଚନ୍ଦନରେ ରଙ୍ଗ ଖୋଜୁନାହିଁ। ତେଣୁ ଧୋକା ଖାଇବି କାହିଁକି ? ଆଖି ବେଳେବେଳେ ଧୋକା ଦିଏ- ଯାହା ଦେଖୁଥାଏ, ତାହା ମାୟାଜାଲର ଛଦ୍ମବେଶ। ଏହି ଆଖି ଯେଉଁ କଥା କହେ, ମୁଁ ତାକୁ ବିଶ୍ଳେଷଣ କରେ। କୌଣସି ଆତ୍ମୀୟତା ନଥାଇ ଯିଏ ଚାଟୁକାରୀ କରେ, ସେ କଣ ଧୋକା ନ ଦେଇ ଚୁପ୍ ବସିବ ?

ଏଥକୁ ଅନେକ ପ୍ରେମ ସମ୍ବନ୍ଧୀୟ ବାଦ ବିସମ୍ବାଦ ଆଦି ସମାଜର ସାମ୍ନାରେ। ଏଠାରେ ପ୍ରେମ ବୋଇଲେ ଶୃଙ୍ଗାର, ଦୈହିକ ମିଳନର ବାସ୍ନା। ଏକ ଗୁଳୁଗୁଳି ଅପରାହ୍ଣର ବର୍ଷା। ବର୍ଷା ବର୍ଷିଗଲେ ଅଳ୍ପ ଶାନ୍ତି, ପୁଣି ଗୁଳୁଗୁଳି। କଥା ହେଉଛି, ଭଲ ପାଇବାର ସୀମା ଧର୍ଷଣରେ ଶେଷ ହୁଏ କି ? ଦୈହିକ ସମ୍ପର୍କରେ ପରିଭାଷା ପ୍ରେମ ନହେଲେ ବି ତାହା ହିଁ ତ ପ୍ରକୃତି ଓ ପୁରୁଷର ମୁଖ୍ୟ ଆକର୍ଷଣ। ଯେତେ କହିଲେ ବି ରୋମାଞ୍ଚ ଭିତରେ ଶୃଙ୍ଗାର ନାହିଁ କହିଲେ ଧୋକା ଦେବା ହେବ। ଆମ ମତରେ, ବାତ୍ସାୟନ ଶାସ୍ତ୍ର କାମଶାସ୍ତ୍ର ନିଜେ ପ୍ରେମର ପରାକାଷ୍ଠା। ନଚେତ୍ ଏ ମାୟାବୀ ଆକର୍ଷଣ ନିଶ୍ଚେ ଧୋକା ସଦୃଶ। ଅନେକ ଦାମ୍ପତ୍ୟ ଜୀବନ ଛଦ୍ମରୂପୀ ଶୃଙ୍ଗାର ନିଜର ପିପାସାକୁ ଅବଦମିତ କରି ନପାରି ବିକର୍ଷଣକୁ ଆପଣେଇ ନିଏ। ସୃଷ୍ଟି ପାଇଁ ଶୃଙ୍ଗାର ଯଦି କାମୁକତା କ'ଣ ଏକ ଧୋକା ନୁହେଁ ! ପର ନାରୀର ଅଙ୍ଗ ସୌଷ୍ଠବ ପ୍ରଦର୍ଶନରେ ପ୍ରଶଂସା କାମ୍ୟ, ମାତ୍ର କାମୁକର ! ସୌନ୍ଦର୍ଯ୍ୟ ପ୍ରେମୀର ନୁହେଁ।

ସୁନ୍ଦରତାର ପରିଭାଷା ଆଖି ବୁଝେ, କିନ୍ତୁ ତାକୁ ଛିନ୍‌ଭିନ୍ କରିବାକୁ ବ୍ୟସ୍ତ ବ୍ୟାକୁଳ ଅଙ୍ଗମାନ କେବଳ ଧୋକା ଦେଇ ଥାଆନ୍ତି। ଯେଉଁ ବ୍ୟକ୍ତିମାନେ ସାହାଯ୍ୟ ମାଗି ବିକଳ ହେଉ ଥାଆନ୍ତି, ସାହାଯ୍ୟ ପାଇଲା ପରେ ଧୋକା ଦିଅନ୍ତି। ଅବଶ୍ୟ ସମସ୍ତେ ନୁହନ୍ତି। ବ୍ୟାଘ୍ର ବାହ୍ମଣର ଗପ- ନିପତିତ ବ୍ୟାଘ୍ରର ଧୋକା ବିଷୟରେ ପାଠକେ ଜ୍ଞାତ। ଧୋକ ପାଇବା ବା ଧୋକା ଖାଇବା ପରେ କେତେକ ମାନସିକ ଭାରସାମ୍ୟ ହରାଇ ବସନ୍ତି। ହତୋତ୍ସାହିତ ହୋଇ ପଡ଼ନ୍ତି। କିନ୍ତୁ ମନେ ରଖିବା ଉଚିତ୍, ଧୋକା ଖାଇବା ଏକ ଜିଦ୍‌କୁ ଜନ୍ମ ଦିଏ। ସେହି ଜିଦ୍ ହିଁ ଭବିଷ୍ୟତରେ ଆଲୋକର ପଥ ଦେଖାଏ। ତେବେ ଏ ସାମାନ୍ୟ ଧୋକାରେ ବିଚଳିତ ହେବା କ'ଣ ମଣିଷପଣିଆ ?

କେତେ କେତେ ବାଧାବିଘ୍ନ ସାମ୍ନାରେ ଆସିବାକୁ ଥାଏ। ଏଥକୁ ତା' ପାଇଁ ସଜାଗ ନ ହୋଇ ଏ ଧୋକା ପଛରେ ପଡ଼ିବା କାହିଁକି ? ଧିକ୍ ସେ ଧୋକାବାଜ୍‌କୁ, ଯିଏ ଛଳନାର ମୁଖା ପିନ୍ଧି ମିଠା ମିଠା କଥାରେ ମନ ମୋହୁଥାଏ। ମନ ଏକ ଚଞ୍ଚଳ ଅବୋଧ ଶିଶୁ, ମାତ୍ର ବିବେକ ହିଁ ଯୁବାବସ୍ଥାର ନ୍ୟାୟାଳୟ। ଅତଏବ, ଏ ଧୋକାକୁ ହେଟନଜର କରିବାର ଅଛି। କାରଣ ମରୀଚିକା ଏକ ଧୋକା, ଚକ୍ରବାଳ ଏକ ଧୋକା। ଆମେ ନିଶ୍ଚିତ ଜାଣିଛନ୍ତି, ତା' ନହେଲେ ସେପରି ନାମକରଣ କଲେ କାହିଁକି ?

**ପୋଖରୀପୁଟ, ଭୁବନେଶ୍ୱର**
**ମୋ: ୯୩୪୮୮୯୩୭୫୨**

## ସମ୍ପାଦକଙ୍କୁ ପତ୍ର

# ଆଦର୍ଶ ଗୃହିଣୀ

ଯେଉଁ ଗୃହରେ ଗୃହିଣୀ ଥାଏ, ତାକୁ ଗୃହ କୁହାଯାଏ। ଗୃହ କହିଲେ ଗୃହିଣୀଙ୍କୁ ହିଁ ବୁଝାଏ। ଗୃହିଣୀର ଗୃହସ୍ଥ ଜୀବନ ଆରମ୍ଭ ହୁଏ ବିବାହ ବନ୍ଧନରେ ଆବଦ୍ଧ ହେବା ପରେ। ଗୃହିଣୀ ପରିବାରର ମେରୁଦଣ୍ଡ ପରି କାମ କରନ୍ତି। ସେ ଗୃହର ଯାବତୀୟ କାର୍ଯ୍ୟରେ ନିପୁଣା ଓ ସୁଶୀଳା ହୋଇ କାମ କରିଥାନ୍ତି। ନିଜର ସମସ୍ତ ଦୁଃଖ ଓ ଅନୁଶୋଚନାକୁ ମନରେ ଚାପିରଖି ଅନ୍ୟ ସମସ୍ତଙ୍କୁ ଖୁସିରେ ରଖେ। ସମସ୍ତଙ୍କ ଅଳି ଓ ଜଞ୍ଜାଳକୁ ହସି ହସି ସହିଯାଏ। ଜଣେ ଆଦର୍ଶ ଗୃହିଣୀ ଅର୍ଥର ସୁରକ୍ଷା ଓ ଐଶ୍ୱର୍ଯ୍ୟର ସୁରକ୍ଷା ସହ ପରିବାରକୁ ପୂର୍ଣ୍ଣତା ଦେଇଥାଏ। ସେ ଧୈର୍ଯ୍ୟ, ତ୍ୟାଗ ଓ ସହନଶୀଳତାର ପ୍ରତୀକ ଭାବେ କାର୍ଯ୍ୟ କରିଥାଏ। ଗୃହିଣୀ ହେଉଛି ସ୍ୱାମୀର ଅନୁଗାମିନୀ ଓ ସହଧର୍ମିଣୀ। ସ୍ୱାମୀର କର୍ମ ଓ ଗୃହିଣୀର ଧର୍ମ ପରିବାରକୁ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ କରେ। ସେଥିପାଇଁ ଯଥାର୍ଥରେ କୁହାଯାଇଛି ଯେ ପୁତ୍ର ସନ୍ତାନମାନେ ମାତୃଦୋଷରୁ ଖରାପ ସ୍ୱଭାବସମ୍ପନ୍ନ, ପିତୃଦୋଷରୁ ମୂର୍ଖ, ସାଙ୍ଗମାନଙ୍କ ଦୋଷରୁ ବିଶୃଙ୍ଖଳିତ ଓ ପତ୍ନୀଙ୍କ ଦୋଷରୁ ଦରିଦ୍ର ହୋଇ ଥାଆନ୍ତି। ସୀତା, ସାବିତ୍ରୀ ଓ ଦ୍ରୌପଦୀଙ୍କ ପରି ମହାନ୍ ନାରୀ ଚରିତ୍ର ବିଶ୍ୱ ଇତିହାସରେ ବିରଳ। ସେମାନଙ୍କ ଆଦର୍ଶରେ ଗୃହିଣୀମାନେ ଅନୁପ୍ରାଣିତ ହେବା ଉଚିତ୍।

**ଅକ୍ଷୟ କୁମାର ମହାନ୍ତି**
**ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

**ନିତିଦିନ** NITIDIN
ଶନିବାର, ୨୫ ଏପ୍ରିଲ ୨୦୨୬

# ଏଆଇ ବିଷୟବସ୍ତୁର ନିୟନ୍ତ୍ରଣ

କୃତ୍ରିମ ଧୀମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ-ଏଆଇ) କଥା ଆଜିକା ଦିନରେ ପ୍ରାୟ ସବୁ ଶିକ୍ଷିତ ବ୍ୟକ୍ତିଙ୍କୁ ଜଣା; ଏହା ଆଧୁନିକ ଜୀବନକୁ ଏକ ନୂଆ ମୋଡ଼ ଦେବା ଆରମ୍ଭ କରି ସାରିଛି, ଯାହା ବେଶ୍ କେତେ ଦିନ ହେବ ଢେର୍ ଚର୍ଚ୍ଚାରେ ରହିଛି। ଏହି ଉଦ୍ଭାବନ ଯୋଗୁଁ ସମଗ୍ର ବିଶ୍ୱ ବର୍ତ୍ତମାନ ପରିବର୍ତ୍ତନର ଦ୍ୱାରଦେଶରେ ଉପନୀତ- ଏକ ପରିବର୍ତ୍ତନ, ଯାହା ବିଦ୍ୟୁତ୍ ଶକ୍ତି ଦ୍ୱାରା ଧରାପୃଷ୍ଠକୁ ଆସିଥିଲା, ଯାହା ବିଗତ ଶତାବ୍ଦୀଗୁଡ଼ିକରେ ପ୍ରତ୍ୟେକ ଲୋକଙ୍କ ଜୀବନକୁ ଛୁଇଁଛି ଏବଂ ପରିବର୍ତ୍ତିତ କରିଛି। ଆଧୁନିକ ବିଶ୍ୱରେ ଏଭଳି ଏକ ରୂପାନ୍ତରଣ ପାଇଁ କୃତ୍ରିମ ଧୀମତ୍ତା, ସରଳ ଭାବରେ କହିଲେ ଏଆଇ ଗୋଟିଏ ଉତ୍ପ୍ରେରକ। ୧୯୫୬ରେ ଯଦିଓ ଆମେରିକୀୟ କମ୍ପ୍ୟୁଟର ବିଜ୍ଞାନୀ ଜନ୍ ମ୍ୟାକ୍‌କାର୍ଥି କୃତ୍ରିମ ଧୀମତ୍ତା (ଏଆଇ) ଶବ୍ଦ ସୃଷ୍ଟି କରିଥିଲେ, ତେବେ ଏଆଇ କେବଳ ଗବେଷଣାଗାର ଏବଂ ଗବେଷକମାନଙ୍କ ମଧ୍ୟରେ ସୀମିତ ରହିଥିଲା; ସାଧାରଣ ଜନତା ୨୦୧୨ ପର୍ଯ୍ୟନ୍ତ ମାନବୀୟ ବୁଦ୍ଧିମତ୍ତା ସମ୍ପର୍କରେ ଜାଣିଥିଲେ। କିନ୍ତୁ ୨୦୨୨ରେ ଚାଟ୍‌ଜିପିଟି ଆରମ୍ଭ କରାଯିବା ପରଠାରୁ ଏଆଇ ସବୁ ପରିସରକୁ ବ୍ୟାପି ଯାଇଛି, ଅର୍ଥାତ୍ ସର୍ବବ୍ୟାପି କଳେବର ଲାଭ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଗବେଷଣା କ୍ଷେତ୍ରରେ ଲୋକମାନେ ଜଟିଳ ସମସ୍ୟାଗୁଡ଼ିକର ସମାଧାନ କରିବା ନିମନ୍ତେ ଏଆଇର ପରାମର୍ଶ ମାଗୁଛନ୍ତି ଏବଂ ଅତ୍ୟଧିକ ବ୍ୟକ୍ତିଗତ ସମ୍ପର୍କଗୁଡ଼ିକ କ୍ଷେତ୍ରରେ ମଧ ଉପଦେଶ ଚାହୁଁଛନ୍ତି। ଏହା ରଣନୀତିଟିଏ ପ୍ରସ୍ତୁତ କରିବାରେ ସାହାଯ୍ୟ କରୁଛି ଏବଂ ଅସାମାଜିକ ଲୋକମାନଙ୍କ ଦ୍ୱାରା ମଧ ସାଧାରଣ ଲୋକଙ୍କୁ ଲୁଣ୍ଠନ କରିବା ନିମନ୍ତେ ବିକଳ୍ପ ଭାବରେ ବଛା ଯାଉଛି। ସର୍ବୋତ୍କୃଷ୍ଟ ପ୍ରସାଧନ ସହିତ ଜନ ସମାଜରେ ନିଜର ଚେହେରାକୁ ଅତି ସୁନ୍ଦର କରି ଦେଖାଇବା ପାଇଁ ଏହା ଫେସନ ଡିଜାଇନରମାନଙ୍କୁ ସାହାଯ୍ୟ କରୁଛି, ପୁଣି ତା' ସହିତ ମଧ ଲୋକମାନଙ୍କୁ ବସ୍ତ୍ରହୀନ କରିବା ପାଇଁ ଖଳ ମସ୍ତିଷ୍କମାନଙ୍କୁ ସୁଯୋଗ ପ୍ରଦାନ କରୁଛି। ଏହା ବର୍ତ୍ତମାନ ଜଣେ ଲେଖକ, ଜଣେ ଶିକ୍ଷକ, ଜଣେ ଚିନ୍ତାନାୟକ, ଜଣେ କବି, ଜଣେ ଗାୟକ, ଜଣେ ସଙ୍ଗୀତକାର- ବସ୍ତୁତଃ ସବୁକିଛି ହୋଇ ପାରିଛି।

ଏହା ବର୍ତ୍ତମାନ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଏକ ଅତ୍ୟାବଶ୍ୟକ ସାଥୀ ହୋଇ ପାରିଛି- ସ୍କୁଲରେ ପାଠ ପଢୁଥିବା ପିଲାଟିଏଠାରୁ ଆରମ୍ଭ କରି ଜଣେ ବୟସ୍କ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ। ଏକ ଉତ୍ପାଦ ଉପରେ ଏହିଭଳି ଭାବରେ ବଢ଼ି ଚାଲିଥିବା ନିର୍ଭରଶୀଳତା, ଯାହାକି ମୂଳତଃ ଏକ କର୍ପୋରେଟ୍ ଉତ୍ପାଦ, ଯାହାକୁ ଏକ ଲାଭ-ଖୋର ସଂସ୍ଥାଦ୍ୱାରା ଆରମ୍ଭ କରାଯାଇଥିଲା, ଯାହା ଲୋକମାନଙ୍କଠାରୁ ସେମାନଙ୍କର ସରଳତାକୁ ଛଡ଼ାଇ ନେଇପାରେ। ଏହା ଅପରାଧୀମାନଙ୍କ ହାତରେ ଏକ ଅମୋଘ ଅସ୍ତ୍ର ସାଜିପାରେ। ଲୋକମାନଙ୍କ ତଥା ସେମାନଙ୍କର ଯଶ ଖ୍ୟାତି ଉପରେ ଏଆଇ କେତେ ସାଂଘାତିକ ଖରାପ ପ୍ରଭାବ ପକାଇ ପାରେ, ତାହା ଏବେଠୁ ଡିପ୍‌ଫେକ୍ ଛବି ଓ ଭିଡିଓଗୁଡ଼ିକ ଦେଖାଇ ସାରିଲାଣି। ଅପରାଧୀମାନେ ଦେୟ ପ୍ରଦାନ ବ୍ୟବସ୍ଥା- ଲୋକମାନଙ୍କର ସୁବିଧା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ଆରମ୍ଭ କରାଯାଇଥିବା-ର ଅପବ୍ୟବହାର କରିବା ପାଇଁ ଏହି ପ୍ରଯୁକ୍ତିକୁ ବ୍ୟବହାର କରୁଛନ୍ତି। ବୈଷୟିକ ଜ୍ଞାନକୌଶଳର ଉପଯୋଗ ଜାଣି ନଥିବା ବୟୋବୃଦ୍ଧ ଲୋକମାନଙ୍କଠାରୁ ଡିଜିଟାଲ ଆରେଷ୍ଟ ସମେତ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରି ସେମାନଙ୍କର ସାରା ଜୀବନର ସଞ୍ଚିତ ଅର୍ଥକୁ ଅପହରଣ କରି ନେଉଛନ୍ତି। ଆର୍ଥିକ କାରବାରକୁ ରଦ୍ଦ କରିବା ପାଇଁ ଅଧିକ ପରିମାଣରେ ଅର୍ଥ ପ୍ରଦାନ କରୁଥିବା ଦେୟ ପ୍ରଦାନକାରୀମାନଙ୍କୁ ସୁଯୋଗ ଦେବା ଉଦ୍ଦେଶ୍ୟରେ ଯଦିଓ ଆରବିଆଇ ବିଳମ୍ବିତ ଦେଣଜନିତ କାର୍ଯ୍ୟ ସମ୍ପାଦନ ପଦ୍ଧତିର ଏବେ ପ୍ରଚଳନ କଲେଣି, ତେବେ ଏହି ପ୍ରସଙ୍ଗ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ଧ୍ୟାନ ଆକର୍ଷଣ କରିଛି।

ଏହାର ବେଶ୍ କେତେକ ଅପକାରିତା ନିର୍ବିଶେଷରେ କୃତ୍ରିମ ଧୀମତ୍ତା ଯେ କୌଣସି ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ସହାୟକ ହୋଇପାରେ। ସମଗ୍ର ବିଶ୍ୱ ଯେତେବେଳେ ଏଆଇକୁ ଗ୍ରହଣ କରି ସାରିଲାଣି, ସେ ସମୟରେ ଏହାର ଖରାପ ଦିଗକୁ କେବଳ ଦେଖି ଏଥି ପ୍ରତି ଆଖି ବୁଜିଦେବା କୌଣସି ଗୋଟିଏ ଦେଶ ପାଇଁ ବିଜ୍ଞତାର ପରିଚାୟକ ହେବ ବୋଲି କୁହାଯାଇ ପାରିବ ନାହିଁ। ଯେଉଁସବୁ ଦେଶ ନୂତନ ପ୍ରଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ସମୟ ଅତିବାହିତ ହେବା ସହିତ ସେମାନଙ୍କୁ କେମିତି ସେମାନଙ୍କର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରୟୋଗକାରୀ ଦେଶମାନେ ଦଳି ମକଚି ଦେଇଛନ୍ତି, ଇତିହାସ ତା'ର ସାକ୍ଷୀ ଅଛି। ଏହି ପରିପ୍ରେକ୍ଷୀରେ ଏଆଇ-ସୃଷ୍ଟ ବିଷୟବସ୍ତୁର ବିବାଦୀୟ ଛାପ ଲଗାଇବାକୁ ସରକାରଙ୍କ ପ୍ରସ୍ତାବ- ଏକ ଚାକ୍ଷୁଷ ପ୍ରଦର୍ଶନ ସମୟରେ ଏହାର ସମଗ୍ର ଦୃଶ୍ୟମାନତା ସମୟର ପ୍ରସାରଣ ଉପରେ- ଅତ୍ୟନ୍ତ ବାଞ୍ଛନୀୟ ଏବଂ ଉପଯୁକ୍ତ ମଧ। ସରକାର ମଧ ସାମାଜିକ ଗଣମାଧ୍ୟମରେ ମଧ୍ୟସ୍ଥ ବା ମଧ୍ୟବର୍ତ୍ତୀ ଭୂମିକା ନିର୍ବାହ କରୁଥିବା ବିଷୟଗୁଡ଼ିକ ଉପରେ ଏହାକୁ ସକ୍ରିୟ ଭାବରେ ନିରୂପଣ କରିବା ତଥା ଯଦି ବ୍ୟବହାରକାରୀମାନେ ସେପରି କରିବାରେ ବିଫଳ ହୁଅନ୍ତି, ତା'ହେଲେ ବିଷୟବସ୍ତୁ ଉପରେ ଛାପ ମାରିବାର କାର୍ଯ୍ୟକୁ ନ୍ୟସ୍ତ କରିବାର ବ୍ୟବସ୍ଥା କରିଛନ୍ତି। ଆପତ୍ତିଜନକ ବିଷୟବସ୍ତୁକୁ ତିନି ଘଣ୍ଟାର ସମୟ ସୀମାକୁ ଖସାଇ ଆଣିବାକୁ ମଧ ସରକାର ଯେଉଁ ପ୍ରସ୍ତାବ ରଖିଛନ୍ତି, ତାହା ଏକ ସମୟୋଚିତ ସଂସ୍କାର କହିଲେ ଅତ୍ୟୁକ୍ତି ହେବନାହିଁ। ଏସବୁ ବ୍ୟତୀତ ସରକାର ଏକ ଡିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ଉଚିତ। ସଙ୍ଗେ ସଙ୍ଗେ ଏକ ଅତ୍ୟାବଶ୍ୟକ ପ୍ରାପ୍ତବୟସ୍କ ସାକ୍ଷରତା କାର୍ଯ୍ୟକ୍ରମ ଆରମ୍ଭ କରିବା ଉଚିତ, ଯାହା ଲୋକମାନଙ୍କୁ ସଂଯୁକ୍ତ ଉପକରଣଗୁଡ଼ିକର ପ୍ରତ୍ୟେକଟି ଦିଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଅବଗତ କରାଇ ପାରିବ ଏବଂ ସେମାନଙ୍କୁ ସୂଚୀତ ନିଷ୍ପତ୍ତି ଗ୍ରହଣ କରିବାରେ ସକ୍ଷମ କରାଇ ପାରିବ।

# କାମନାର ପରିଣତି

କାମନାକୁ ନେଇ ମଣିଷ ବଞ୍ଚେ। ସେଥିପାଇଁ ଆମ ଶାସ୍ତ୍ରରେ ଚତୁଃ ବର୍ଗ (ଧର୍ମ, ଅର୍ଥ, କାମ, ମୋକ୍ଷ) ଭିତରେ 'କାମ'ର ସ୍ଥାନ ରହିଛି। ଆମ ଭିତରେ ପ୍ରତି ମୁହୂର୍ତ୍ତରେ ନୂଆ ନୂଆ କାମନା ଉଙ୍କି ମାରନ୍ତି। ଗୋଟିଏ ପୂରଣ ହେଲେ ଆଉ ଗୋଟିଏ ଆସେ। ଏ କାମନାମାନେ ଯେତିକି ତୀବ୍ର ହୁଅନ୍ତି, ମଣିଷକୁ ସେତିକି ଅଥୟ କରନ୍ତି। ଦରକାର ପଡ଼ିଲେ ମଣିଷକୁ ଶୋଷି ଦିଅନ୍ତି। ଏ ନେଇ ଉଦାହରଣଟିଏ।

ପ୍ରତିଦିନ ସାଧୁଙ୍କ ପାଖକୁ ଦୁଇ ବନ୍ଧୁ ଯାଆନ୍ତି। ସେଦିନ ସାଧୁ ପ୍ରଥମ ଜଣଙ୍କୁ ପଚାରିଲେ- 'କିଛି ଦିନ ହେବ କାହିଁକି ଚିନ୍ତିତ ଦେଖାଯାଉଛ ? ବ୍ୟବସାୟରେ ତ ଉନ୍ନତି କରିଛ। ବେଶ୍ ଖ୍ୟାତି ବି ମିଳିଛି। ତଥାପି ଅଶାନ୍ତି !' ସାଧୁଙ୍କ କଥାରେ ବ୍ୟକ୍ତି ଜଣକ ନିରବ ରହିଲେ। ସାଧୁ କହିଲେ, 'ସଂସାରରେ ଯାହା ଆମକୁ ମିଳିଛି, ତାହା ହିଁ ଭଗବାନଙ୍କ ଇଚ୍ଛାରେ ମିଳିଛି। ପ୍ରଭୁ ଯାହାକୁ ଯେତିକି କୃପା କରନ୍ତି, ତାକୁ ସେତିକି ମିଳେ। ଏହି ଭାବ ଆଣି ପାରିଲେ ଯଥେଷ୍ଟ। ଏହା ମିଳିଲା ନାହିଁ, ତାହା ମିଳିଥିଲେ ଆହୁରି ଭଲ ହୋଇଥାନ୍ତା- ଏମିତି ଭାବିବା ଅପେକ୍ଷା ବରଂ ଅଳ୍ପରେ ମନକୁ ବୁଝାଇ ଆଗାମୀ ଦିନରେ କିପରି ଅଧିକ ଉନ୍ନତି ହେବ, ସେ ଦିଗରେ ଚେଷ୍ଟା କଲେ ଭଲ। ତୁମେ ବୋଧହୁଏ ସେ ମେଣ୍ଢା କଥା ଶୁଣିଛ। ଯଦି ନ ଶୁଣିଛ, ଆଉଥରେ କହୁଛି ଶୁଣ।

'ଥରେ ଜଣେ ଯୁବକ କହୁଥିଲେ, 'ରାସ୍ତାରେ ଯିବା ବେଳେ ଏକ କୌତୁକିଆ ମେଣ୍ଢାଛୁଆ ଦେଖିଲି। ମେଣ୍ଢା ମୋ ବାଟ ଓଗାଳି ଠିଆ ହେଲା। ପରେ ଗୋଡ଼ରେ ଘଷିହେଲା। ଆଦରରେ ତାକୁ ଘରକୁ ନେଲି। ଦିନେ ରାତିରେ ସ୍ୱପ୍ନରେ ମେଣ୍ଢାଟି କହିଲା- ମୋତେ ଗୋଟିଏ ସୁନାରେ ତିଆରି କାନଫୁଲ ଆଣିଦେ, ତୁ ଦି'ଭରି ସୁନା ପାଇବୁ। ପର ଦିନ ସ୍ୱପ୍ନରେ ସେହି କଥା ଶୁଣିଲି। ଅଧିକ ପାଇବା ଆଶାରେ ସୁନାର କାନଫୁଲ ହଳେ କିଣି ମେଣ୍ଢା କାନରେ ପିନ୍ଧାଇ ଦେଲି। ପୁଣି କିଛି ଦିନ ଯାଇଛି, ପୂର୍ବ ପରି ସ୍ୱପ୍ନରେ ଶୁଣିଲି- ନାକରଟିଏ ଦେ, ତୁ ମେଞ୍ଚାଏ ଟଙ୍କା ପାଇବୁ। ପୁଣି ପାଇବାର ଲାଳସାରେ ମେଣ୍ଢାର ନାକ, ବେକ, ଗୋଡ଼, ମୁଣ୍ଡ ଆଦି ଅଙ୍ଗପ୍ରତ୍ୟଙ୍ଗକୁ ନାନା ଅଳଙ୍କାରରେ ସଜାଇ ଦେଲି। ଘରେ ପିଲାମାନେ ଏହା ଦେଖି ଆଶ୍ଚର୍ଯ୍ୟ ହେଉଥିଲେ। ସେମାନଙ୍କୁ ଭଲ ପିନ୍ଧିବା, ଖାଇବାକୁ ଦେଉ ନଥିଲି। ଅଥଚ ମେଣ୍ଢାକୁ ଶ୍ରଦ୍ଧା କରୁଥିଲି। ସ୍ତ୍ରୀ ଏହାର ପ୍ରତିବାଦ କଲା। ସମସ୍ତଙ୍କ ଅଜ୍ଞାତରେ ବିଲ, ବାଡ଼ି ବନ୍ଧା ପକାଇ ମେଣ୍ଢା ପାଇଁ ଗହଣା ତିଆରି କରୁଥିଲି। ମେଣ୍ଢା ବହୁ ଅଳଙ୍କାର ପିନ୍ଧିଲା। କିନ୍ତୁ ମୁଁ କିଛି ବି ପାଉ ନଥିଲି। ଦିନେ ମେଣ୍ଢା ବାହାରିଲା ତା' ବାଟରେ ଚାଲିଯିବା ପାଇଁ। ଯିବା ପୂର୍ବରୁ ସ୍ୱପ୍ନରେ ମେଣ୍ଢା ହସି ହସି କହୁଥିଲା, ତୋ ପାଖକୁ କିଛି ଆଦାୟ କରିବାକୁ ଆସିଥିଲି। ମୋ କାମ ସରିଗଲା। ଆଜି ତୋ ସହ ଏତିକି। ନିଦ ଭାଙ୍ଗିଲା ବେଳକୁ ମେଣ୍ଢାଟି ମଧ ନଥିଲା।' ସାଧୁ କହିଲେ, ଏ ମେଣ୍ଢାଟି ହେଉଛି ଆମର 'କାମନା'।

'ମଣିଷକୁ ଅଳ୍ପରେ ସନ୍ତୁଷ୍ଟ ହେବାକୁ କାମନା ସୁଯୋଗ ଦିଏନା। ଆଜି ଗୋଟିଏ ବ୍ୟବସାୟ କରିଛ, ସେଥିରେ ଲାଭ ହେଲାନି, କାଲିକୁ ଆଉ ଗୋଟିଏ ଲାଭଦାୟକ ବ୍ୟବସାୟରେ ମାତିବ। ପୁଣି ଅନ୍ୟ ଦିନେ ଆଉ ଗୋଟିଏ ବ୍ୟବସାୟରେ ଲାଗିବ। ଏମିତି ଲାଗି ଲାଗି ମୁଖ୍ୟ ପଥରୁ ଓହରି ଯିବ ଓ ଅଶାନ୍ତିକୁ ଆବାହନ କରିବ। ଏଥିରୁ ମୁକୁଳିବାକୁ ହେଲେ ଯେତେ ଶୀଘ୍ର ପାରୁଛ, ସେ ମେଣ୍ଢାରୂପୀ କାମନାକୁ ଦୂରେଇ ଦେବାକୁ ଚେଷ୍ଟାକର।'

ପଦାରବିନ୍ଦ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ



**ନାଉଗାଁ,୨୪।୪/ଏନ୍ଏନ୍ଏସ୍:** ଆଜି ରାଜ୍ୟରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ କରାଯାଉଥିବା ବେଳେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ୍ ଠାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି । ଏହି ଅବସରରେ ରାଜ୍ୟର ସମସ୍ତ ବ୍ଲକ୍‌ଗୁଡିକରେ ଏହାର ସିଧା ପ୍ରସାରଣ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ବେଳେ ନାଉଗାଁ ବ୍ଲକରେ ମଧ୍ୟ ଏହି ଦିବସ ପାଳିତ ହୋଇଯାଇଛି । ନାଉଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ନାଉଗାଁହାଟ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ନାଉଗାଁ ବ୍ଲକ କାର୍ଯ୍ୟାଳୟର ସମସ୍ତ ଅଧିକାରୀମାନଙ୍କ ସହିତ ସମସ୍ତ ପଞ୍ଚାୟତର ଜନପ୍ରତିନିଧି, ମିଶନଶକ୍ତି ବିଭାଗ ପକ୍ଷରୁ ଏହି ବ୍ଲକର ସମସ୍ତ ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର, ପ୍ରାଣିମିତ୍ରମାନେ ଉପସ୍ଥିତ ରହିଥିଲେ । ଏହାସହିତ ଏହି ବ୍ଲକ୍‌ର ହିତାଧିକାରୀମାନଙ୍କୁ ଅନ୍ତର୍ଦ୍ଦୟ ଆବାସ ଯୋଜନାର କାର୍ଯ୍ୟାଦେଶ ମଧ୍ୟ ପ୍ରଦାନ କରାଯାଇଥିଲା ।

# କେମ୍ ପକ୍ଷରୁ ବିଶ୍ୱ ପୁସ୍ତକ ଦିବସ




**କେନ୍ଦ୍ରାପଡ଼ା,୨୪।୪/ଏନ୍ଏନ୍ଏସ୍:** ଡିଜିଟାଲ ମାଧ୍ୟମର ଦ୍ରୁତ ପରିପ୍ରସାର ସତ୍ତ୍ୱେ ମୁଦ୍ରିତ ପୁସ୍ତକର ଭୂମିକା ସବୁ ପ୍ରତିକୂଳତା ସତ୍ତ୍ୱେ ମଧ୍ୟ ପାଠକସହ ଯୋଡିହୋଇ ରହିବବୋଲି ବିଶ୍ୱ ପୁସ୍ତକ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । କେନ୍ଦ୍ରାପଡ଼ାରେ ରାଜ୍ୟସ୍ତରୀୟ ପୁସ୍ତକମେଳାର ଆୟୋଜକ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ(କେମ୍) ଦ୍ୱାରା ସ୍ଥାନୀୟ ମାଧପୁରଠାରେ ବିଶ୍ୱ ପୁସ୍ତକ ଦିବସ ଅବସରରେ ଏକ ସଭା ଆୟୋଜିତ ହୋଇଯାଇଛି । ପ୍ରକାଶ, ୧୯୯୫ ମସିହାରୁ ୟୁନେସ୍କୋ ଦ୍ୱାରା ପ୍ରତିବର୍ଷ ୨୩ ଏପ୍ରିଲ୍‌କୁ ବିଶ୍ୱ ପୁସ୍ତକ ଦିବସ ରୂପେ ପାଳନ କରାଯାଇ ଆସୁଛି । ପୁସ୍ତକ ପଠନ ପ୍ରତି ଆଗ୍ରହ ଓ କପିରାଇଟ ପ୍ରତି ସଚେତନତା ସୃଷ୍ଟି ଏହାର ଉଦ୍ଦେଶ୍ୟ । ସମ୍ପ୍ରତି ମୋବାଇଲ ଓ ଡିଜିଟାଲ ମାଧ୍ୟମର ବହୁଳ ବ୍ୟବହାର ଛାପାପୁସ୍ତକ ପଠନ ପ୍ରତି ଆଗ୍ରହ କମାଇଦେଇଛି ବୋଲି ଏହି ଅବସରରେ ଯୋଗଦେଇଥିବା ଅତିଥି ଓ ସାହିତ୍ୟିକମାନେ ମତପ୍ରକାଶ କରିଥିଲେ । କେମ୍‌ର ମୁଖ୍ୟଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବପୁରାତନ ଜୁବୁଲି ଲାଇବ୍ରେରୀର ସମ୍ପାଦକ ଓ ବରିଷ୍ଠ ସାମ୍ବାଦିକ ଆଶିଷ ସେନାପତି, ଜିଲ୍ଲାର ସର୍ବପୁରାତନ ଛାପାକଳ ବଳଦେବ ପ୍ରେସର ସତ୍ତ୍ୱାଧିକାରୀ ପ୍ରଦୀପ୍ତ ଜେନା ଓ ସୁନାମଧନ୍ୟ ପ୍ରଚ୍ଛଦଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିରୂପେ ଯୋଗଦେଇ ବିଭିନ୍ନ ଦୃଷ୍ଟିକୋଣରୁ ମୁଦ୍ରିତ ପୁସ୍ତକ ଅସ୍ତିତ୍ୱର ଉଭୟ ସବଳ ଓ ଦୁର୍ବଳ ଦିଗଗୁଡିକ ସମ୍ପର୍କରେ ଯୁକ୍ତି ଉପସ୍ଥାପନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କବି ଶୁଭ୍ରାଂଶୁ କୁମାର ଦାସ, କବିତା ମୁଦୁଲି, ଅଜୟ ପାତ୍ର, ରଞ୍ଜନ କୁମାର ବାଇ, କ୍ଷୀରୋଦ କର, ଶ୍ରୀଧର ମହାନ୍ତି, ସ୍ୱପାଂଶୁ କୁମାର ଦାସ, ରାଜେନ୍ଦ୍ର ମହାପାତ୍ର, ଗୋଲାପ ରାଉତ, ଦିବାକର ରାଉତ, ରଶ୍ମିରଞ୍ଜନ ବାରିକ, ପ୍ରିୟବ୍ରତ ସାହୁ, ପ୍ରତାପ ସ୍ୱାଇଁ, ଧରଣୀଧର ସେଠୀ ପ୍ରମୁଖ ଯୋଗଦେଇ ନିଜ ନିଜ ଦୃଷ୍ଟିକୋଣରୁ ବହିକୁ ଭଲପାଇବାର ବଳିଷ୍ଠ କାରଣମାନ ମତବ୍ୟକ୍ତ କରିଥିଲେ ।

# ପଞ୍ଚାୟତିରାଜ ଦିବସରେ ବ୍ଲକ୍‌ସ୍ତରୀୟ ସମାରୋହ

**ଆଠମଲ୍ଲିକ,୨୪।୪/ଏନ୍ଏନ୍ଏସ୍:** ନବ ନିର୍ମିତ କଲ୍ୟାଣୀ ମଣ୍ଡପ ପରିସରରେ ପଞ୍ଚାୟତ ସମିତି ତରଫରୁ ଜାତୀୟ ପଞ୍ଚାୟତ ରାଜ ଦିବସ ଉପଲକ୍ଷେ ବ୍ଲକ୍‌ସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟୋସ ମହାନନ୍ଦିଆ ଆବାସ ଯୋଜନା, ରାସ୍ତାଘାଟ ନିର୍ମାଣ, ବାର୍ଦ୍ଧକ୍ୟ ଭତ୍ତା ପ୍ରଭୃତି ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ବୁଝାଇବା ସହିତ କିପରି ତାର ଫାଇଦା ନେବେ ହିତାଧିକାରୀମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ । ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ସମ୍ମାନିତ ଅତିଥି ଭାବରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ଲକ୍ ପ୍ରତିନିଧି ପ୍ରକାଶ କୁମାର ସାହୁ ଯୋଗଦେଇ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀରେ ୭୦୦ ଗ୍ରାମ ଥିବାରୁ ସେହି ଗ୍ରାମଗୁଡିକର ଉନ୍ନତି ପାଇଁ ସରକାରଙ୍କ ତରଫରୁ ବହୁ ଯୋଜନା ଥିବାରୁ ସମସ୍ତଙ୍କ ସହଯୋଗରେ ଗ୍ରାମର ଉନ୍ନତି ହୋଇପାରିବ ବୋଲି କହିଥିଲେ । ଏହି ଅବସରରେ ଆବାସ ଯୋଜନାରେ ୧୨୫ ଜଣଙ୍କୁ କାର୍ଯ୍ୟାଦେଶ, ନୂତନ ଭତ୍ତା ୧୮, ଜବକାର୍ଡ ୧୨ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଏବିଡିଓ ପଞ୍ଚାନନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପକ କୁମାର ଗଡତିଆଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ବ୍ଲକ୍ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜାତୀୟ ପଞ୍ଚାୟତିରାଜ ଦିବସରେ ଜିଲ୍ଲାସ୍ତରୀୟ ଉତ୍ସବ






**କେନ୍ଦ୍ରାପଡ଼ା,୨୪।୪/ଏନ୍ଏନ୍ଏସ୍:** ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଜିଲ୍ଲାସ୍ତରୀୟ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ,କେନ୍ଦ୍ରାପଡା ଆନୁକୂଲ୍ୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର.ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥା ଯୋଗୁଁ ରାଜ୍ୟ ତଥା ଆମ ଜିଲ୍ଲାର କୃଷି,ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ବିଭିନ୍ନ ବିଭାଗରେ ବିକାଶ ଘଟିଛି ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରାରମ୍ଭରେ ସ୍ୱାଗତଭାଷଣ ପ୍ରଦାନ କରିବା ସହ ଜାତୀୟ ପଞ୍ଚାୟତରାଜ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ ଉତ୍ସବରେ ଅନ୍ତ୍ୟୋଦୟ ଯୋଜନାର ୯ଜଣ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଜିଲ୍ଲାପାଳ ବଣ୍ଟନ କରିବା ସହ କାର୍ଯ୍ୟାଦେଶ ପାଇବାର ୪ରୁ ୬ମାସ ମଧ୍ୟରେ ଗୃହ ନିର୍ମାଣ କରିଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୫ଜଣଙ୍କୁ ପ୍ରୋତ୍ସାହିତ ଅର୍ଥରାଶି ବାବଦକୁ ୨୦ହଜାର ଓ ୧୦ହଜାର ଟଙ୍କାର ଚେକ ପ୍ରଦାନ କରିଥିଲେ । ଏହା ବ୍ୟତିତ ୬ଜଣଙ୍କୁ ବିଭିନ୍ନ ସ୍କିମ ବର୍ଗରେ ମଧୁବାବୁ ପେନସନ ଭଳି ପ୍ରଧାନ କରାଗଲା । ଉକ୍ତ ଉତ୍ସବରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, ଏବିଡିଓ ଅନିରୁଦ୍ଧ ବେହେରା, ଜନପ୍ରତିନିଧି, ଅନ୍ତ୍ୟୋଦୟ ଯୋଜନା ହିତାଧିକାରୀ ଓ ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । କେନ୍ଦ୍ରାପଡାର ଅନ୍ୟ ୮ଗୋଟି ବ୍ଲକରେ ମଧ୍ୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ବଲାଙ୍ଗିର ଠାରେ ଅନୁଷ୍ଠିତ ଜାତୀୟ ପଞ୍ଚାୟତିରାଜ ଦିବସର ରାଜ୍ୟସ୍ତରୀୟ ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସମୟରେ ଆଭାସୀ ମାଧ୍ୟମରେ ସାରା ଓଡିଶା ଯୋଡି ହୋଇଥିଲା । ଏହି ଉତ୍ସବକୁ କେନ୍ଦ୍ରାପଡାରେ ମଧ୍ୟ ଆଭାସୀ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା ।

# ରିଜିଓନାଲ୍ ଡିଗ୍ରୀ କଲେଜ୍‌ରେ ବାଣିଜ୍ୟ ଓ ଅର୍ଥନୀତି ବିଭାଗର ଆଲୋଚନା ଚକ୍ର




**ଯାଜପୁର,୨୪।୪/ଏନ୍ଏନ୍ଏସ୍:** ଯାଜପୁର ପୌରପାଳିକା ସନ୍ନିକଟ ରାମବାଗରେ ଚଳିତ ମାସ ୨୨ ତାରିଖ ରିଜିଓନାଲ ଡିଗ୍ରୀ କଲେଜ୍‌ରେ ବାଣିଜ୍ୟ ଓ ଅର୍ଥନୀତି ବିଭାଗର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନା ଚକ୍ର, 'ଇମ୍ପାକ୍ଟ ଅଫ୍ ଡିଜିଟାଲ ଟ୍ରାନ୍ସମିଶନ ଇନ୍‌କରେଣ୍ଟ ଏରା' ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଲୋଚନା ଚକ୍ରକୁ ରିଜିଓନାଲ ଡିଗ୍ରୀ କଲେଜ୍‌ର ଅଧକ୍ଷ ପ୍ରମୋଦ କୁମାର ରାଉତ ଏବଂ +୨ କଲେଜ୍‌ର ଅଧକ୍ଷ ପରମେଶ୍ୱର ନାୟକ ଅନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ବାଣିଜ୍ୟ ବିଭାଗର ଅଧାପକ ବିଜୟ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶ୍ରୀ ରାଉତଙ୍କ ସଭାପତିତ୍ୱରେ ଉକ୍ତ ଆଲୋଚନା ଚକ୍ରରେ ସାଧୁଗୌରେଶ୍ୱର କଲେଜର ବାଣିଜ୍ୟ ବିଭାଗର ପ୍ରାଧାପକ ଡ. ସୁଧାଂଶୁ କୁମାର ଦାସ ଓ ଅର୍ଥନୀତି ବିଭାଗର ଅଧାପକ ଡ. ସତ୍ୟରଞ୍ଜନ ନାୟକ ରିସୋର୍ସ୍ ପର୍ସନ ଭାବେ ଯୋଗଦେବା ସହିତ ବିଶିଷ୍ଟ ଶିକ୍ଷାବିତ +୨ କଲେଜର ପ୍ରାକ୍ତନ ଅଧକ୍ଷ ଡ. ଶାନ୍ତନୁ କୁମାର ନାୟକ, ବାଣିଜ୍ୟ ବିଭାଗର ମୁଖ୍ୟ ଅଧାପକ ଡ. ଶଶଧର ଦାଶ ଓ ଅର୍ଥନୀତି ବିଭାଗର ଅଧାପିକା କୃଷ୍ଣପ୍ରିୟା ସାହୁ ଓ ଅନିତା ପଣ୍ଡା ବିଷୟ ବସ୍ତୁ ଉପରେ ପେପର ପ୍ରେଜେଣ୍ଟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବାଣିଜ୍ୟ ବିଭାଗର ଅନ୍ୟତମ ଅଧାପକ ସନ୍ତୋଷ କୁମାର କର, ସମସ୍ତ ଛାତ୍ରଛାତ୍ରୀ, ଅଧାପକ, ଆଧାପିକା, ଶିକ୍ଷା କର୍ମଚାରୀ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଶେଷରେ ବାଣିଜ୍ୟ ବିଭାଗର ମୁଖ୍ୟ ଅଧାପକ ଡ. ଶଶଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ମହାପାତ୍ରଙ୍କ ଜୟନ୍ତୀ



**ଜଗତସିଂହପୁର,୨୪।୪/ଏନ୍ଏନ୍ଏସ୍:** ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ଓଡିଶାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାରରେ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ମହାପାତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସଭାର ଆରମ୍ଭରେ ଦିବଂଗତ ମହାନ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ମହାପାତ୍ରଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ପାଠାଗାରର ଉପଦେଷ୍ଟା ତଥା ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସାରସ୍ୱତ ପରିଷଦର ଅଧକ୍ଷ ହିମାଂଶୁ ଶେଖର ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ତଥା ଉତ୍କଳ ସମ୍ମିଳନୀ ଜଗତସିଂହପୁର ଜିଲ୍ଲା ଶାଖାର ସଭାପତି ଶିବପ୍ରସାଦ ମାଝୀ, ବରିଷ୍ଠ ରାଜନୀତି ବିଜ୍ଞାନ ଅଧାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ସତ୍ୟବାଦୀ ଦାସ, ପ୍ରତାପ କୁମାର ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୧୯୨୧ ମସିହା ଅସହଯୋଗ ଆନ୍ଦୋଳନ, ୧୯୩୦ ମସିହାର ଆଇନ୍ ଅମାନ୍ୟ ଆନ୍ଦୋଳନ ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନରେ ତାଙ୍କର ଭୂମିକା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ । ବିଶେଷ କରି ଅଲକାଶ୍ରମ ପ୍ରତିଷ୍ଠାରେ ତାଙ୍କର ଅବଦାନ ଜାତୀୟବାଦୀ ଚିନ୍ତା ଚେତନା ଓ ତ୍ୟାଗପୁତ ଜୀବନାଦର୍ଶ ଉତ୍ତରପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥିବ ବୋଲି ଅନୁରୂପ ଭାବେ ମତ ପୋଷଣ କରିଥିଲେ । ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ଲକ୍ ପରିସରରେ ଅବ୍ୟର୍ଥନା ଗୃହ ଉଦ୍‌ଘାଟିତ

**ଧର୍ମଶାଳା,୨୪।୪/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ୍ ପରିସରରେ ନବନିର୍ମିତ ଅବ୍ୟର୍ଥନା ଗୃହ ଆଜି ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ୍‌କୁ ବିଭିନ୍ନ ଅଭିଯୋଗ ନେଇ ଆସୁଥିବା ସାଧାରଣ ଲୋକମାନଙ୍କ ବସିବା ପାଇଁ ବ୍ଲକ୍ ପରିସରରେ କୌଣସି ବ୍ୟବସ୍ଥା ନଥିବାରୁ ଲୋକମାନେ ବିଶ୍ରାମ ନିମନ୍ତେ ବହୁ ଅସୁବିଧା ଭୋଗୁଥିଲେ । ଧର୍ମଶାଳା ବିଧାୟକ ଏହାକୁ ହୃଦୟଙ୍ଗମ କରି ସାଧାରଣ ଲୋକମାନଙ୍କ ପାଇଁ ବ୍ଲକ୍ ପରିସରରେ ଏକ ଅବ୍ୟର୍ଥନା ଗୃହ ନିର୍ମାଣ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଫଳସ୍ୱରୁପ ବ୍ଲକ୍ ପକ୍ଷରୁ ୫ ଲକ୍ଷ ଟଙ୍କା ବ୍ୟୟରେ ସେଠାରେ ଏକ ଅବ୍ୟର୍ଥନା ଗୃହ ନିର୍ମାଣ କରାଯାଇଛି । ଯାହାକୁ ଆଜି ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର , ବିଡିଓ ଜ୍ୟୋତିର୍ମୟ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଆଜି ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ବିଧାୟକଙ୍କ ପ୍ରତିନିଧି ଅଭିଶେକ ରାଉତ, ବିଜେପି ନେତା କାହ୍ନୁ ଚରଣ ଦାଶ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ରହିଥିଲେ । ଏହି ଗୃହ ହେବା ଫଳରେ ଜରୁରୀ କାମରେ ବ୍ଲକ୍‌କୁ ଆସୁଥିବା ସାଧାରଣ ଲୋକେ ସେଠାରେ ବିଶ୍ରାମ ନେଇପାରିବେ । ସାଧାରଣ ଲୋକମାନଙ୍କ ନିମନ୍ତେ ଅବ୍ୟର୍ଥନା ଗୃହରେ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି ।

# ଆଧାତ୍ମିକ ପତ୍ରିକା 'ମା' ହିଙ୍ଗୁଳା' ଲୋକାର୍ପିତ



**ତାଳଚେର,୨୪।୪/ଏନ୍ଏନ୍ଏସ୍:** ତାଳଚେର ବ୍ଲକ୍ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ପରିଷଦ ଉନ୍ନୟନ ପରିଷଦ ପକ୍ଷରୁ ପ୍ରକାଶିତ ବାର୍ଷିକ ଆଧାତ୍ମିକ ପତ୍ରିକା 'ମା' ହିଙ୍ଗୁଳା' ଲୋକାର୍ପିତ ହୋଇଯାଇଛି । ସାଉଥବଲଣ୍ଡା ସାହିତ୍ୟ ଘର ପକ୍ଷରୁ ମହାବିଷୁବ ମିଳନ ଉତ୍ସବ ସ୍ଥାନୀୟ ଆଇଏନ୍‌ଟିୟୁସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସାହିତ୍ୟ ଘରର ସଭାପତି ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ ଏବଂ ସମ୍ମାନୀତ ଅତିଥି ଭାବରେ ବର୍ଣ୍ଣାଳୀ ସାହିତ୍ୟ ସଂସଦର ସଭାପତି ଆଇନଜୀବୀ ଯଦୁମଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନଙ୍କ କରକମଳରେ ପତ୍ରିକାଟି ଲୋକାର୍ପିତ ହୋଇଥିଲା । ଏହି ସମାରୋହରେ ସାହିତ୍ୟ ଘରର ସଂପାଦକ କବି ତ୍ରିନାଥ ସାହୁ, କୋଷାଧ୍ୟକ୍ଷ ଅରୁଣ କୁମାର ରାଉତ, ସାଂଗଠନିକ ସଂପାଦକ ପତିତପାବନ ପ୍ରଧାନ, ଯୁଗ୍ମ ସଂପାଦକ ହରିହର ଭୁକ୍ତା ଓ ବିଭାବନା ସାହିତ୍ୟ ପତ୍ରିକାର ସଂପାଦକ ମାନସ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ମା' ହିଙ୍ଗୁଳା ପୀଠ ପରିଷଦ ଉନ୍ନୟନ ପରିଷଦ ପକ୍ଷରୁ ଦୀର୍ଘ ୨୯ ବର୍ଷ ଧରି ନିରବିଚ୍ଛିନ୍ନ ଭାବରେ ପ୍ରକାଶିତ ଏହି ଆଧାତ୍ମିକ ପତ୍ରିକାରେ ମା' ହିଙ୍ଗୁଳାଙ୍କ ସମ୍ପର୍କରେ ବହୁ ଜଣା ଅଜଣା ତଥ୍ୟ ସ୍ଥାନ ପାଇଛି ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା




**ଯାଜପୁର,୨୪।୪/ଏନ୍ଏନ୍ଏସ୍:** ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ସର୍ବଦା ଗୁରୁତ୍ୱ ଦେବା ସହ ସାମାଜିକ ଦାୟିତ୍ୱବୋଧତା ତଥା ସିଏସ୍‌ଆର ବିନିଯୋଗ କ୍ଷେତ୍ରରେ 'ଟିପିଏନ୍‌ଓଡିଏଲ' ଗୁରୁଦାୟିତ୍ୱ ବହନ କରୁଛି । ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡି ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି । ବିଗତ କିଛି ବର୍ଷ ମଧ୍ୟରେ ୧ଲକ୍ଷ ୭୦ ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇଛି ଟିପିଏନଓଡିଏଲ । ଟିପିଏନଓଡିଏଲ ପକ୍ଷରୁ ମାଗଣା ମୋବାଇଲ ସ୍ୱାସ୍ଥ୍ୟ ସେବା ନିମିତ୍ତ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବାଲେଶ୍ୱର ଜିଲ୍ଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ, ଓ ମୟୂରଭଞ୍ଜ ଜିଲ୍ଲାର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆରମ୍ଭ କରାଯାଇଛି । ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ଲେଖାଏଁ ମୋଟ ୫ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉପଲବ୍ଧ କରାଯାଇଥିବା ବେଳେ ଏଯାବତ ୧୩ଶହରୁ ଅଧିକ ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି । ଏହି ଆମ୍ବୁଲାନ୍ସ ଆଦିବାସୀ, ଉପାନ୍ତ ଓ ଗ୍ରାମାଞ୍ଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଉଛି । ଆମ୍ବୁଲାନ୍ସଗୁଡିକରେ ଅତ୍ୟାବଶ୍ୟକୀୟ ଚିକିତ୍ସା ଉପକରଣ ଓ ଔଷଧ ସହ ଜଣେ ଲେଖାଏଁ ଡାକ୍ତର, ଫାର୍ମାସିଷ୍ଟ, ଏଏନଏମ ନିୟୋଜିତ ହୋଇଛନ୍ତି । ଚିକିତ୍ସା ସେବା ସହିତ ଲୋକଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନ କରିବା ଦିଗରେ ମଧ୍ୟ ଏହି ଆମ୍ବୁଲାନ୍ସ କାର୍ଯ୍ୟ କରୁଛି । ଏଥିରେ ଅଭିଜ୍ଞ ଡାକ୍ତର, ଫର୍ମାସିଷ୍ଟ ଏବଂ ଅନ୍ୟ କର୍ମଚାରୀ ପ୍ରତ୍ୟେକ ଆମ୍ବୁଲାନ୍ସରେ ନିୟୋଜିତ କରିଛୁ । ଏହି ଆମ୍ବୁଲାନ୍ସ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି । ଆବଶ୍ୟକ ସ୍ଥଳେ ଚିକିତ୍ସା ସେବା ଓ ଔଷଧ ଯୋଗାଉଥିବା ବେଳେ ଏ ସମସ୍ତ ପ୍ରକ୍ରିୟା ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ସମ୍ପାଦିତ ହେଉଛି । ସମ୍ପୂର୍ଣ୍ଣ ମାଗଣାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଓ ଔଷଧ ଯୋଗାଇ ଦିଆଯାଉଛି । ତେବେ ସିଏସଆର ବିନିଯୋଗ କ୍ଷେତ୍ରରେ ଅନେକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଟିପିଏନଓଡିଏଲ ଗ୍ରହଣ କରିଛି । ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ, ନିରକ୍ଷର ମହିଳାମାନଙ୍କୁ ଶିକ୍ଷାଦାନ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଆୟୋଜନ କରୁଛି । ଟିପିଏନଓଡିଏଲ ପକ୍ଷରୁ ୫ଟି ଜିଲ୍ଲାରେ ଥିବା ୬ଟି ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରୁ ପ୍ରାୟ ୩ହଜାର ଯୁବବର୍ଗ ତାଲିମ ନେଇ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ ନିଯୁକ୍ତି ପାଇବାର ସୁଯୋଗ ପାଇଛନ୍ତି । ସେହିଭଳି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନଙ୍କୁ ଟେଲରିଂ, ବ୍ୟୁଟିସିଆନ ଆଦି ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଦିଗରେ ମଧ୍ୟ ଟିପିଏନଓଡିଏଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବିଶେଷତଃ ଜନ ସାଧାରଣଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ଅବଗତ କରାଇବା ଲାଗି ଆରମ୍ଭ ହୋଇଥିବା 'ଅଧିକାର କାର୍ଯ୍ୟକ୍ରମ' ବେଶ୍ ଜନାଦୃତ ହୋଇ ପାରିଛି ।

# 'ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କଲେ ବିକଶିତ ଓଡ଼ିଶା ସମ୍ଭବ'



**ଅନୁଗୋଳ,୨୪।୪/ଏନ୍ଏନ୍ଏସ୍:** ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ଲକ ଡାଇମଣ୍ଡ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପଞ୍ଚାୟତିରାଜ ଦିବସ -୨୦୨୬ ପାଳିତ ହୋଇଯାଇଛି । ଗ୍ରାମାଞ୍ଚଳର ବିକାଶ ଓ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ କହି ପଞ୍ଚାୟତରାଜରେ ଗ୍ରାମର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ।ନିସ୍ୱାର୍ଥପର ଭାବେ କାମ କଲେ ବିକଶିତ ଅନୁଗୋଳ ଓ ବିକଶିତ ଓଡ଼ିଶା ସମ୍ଭବ ବୋଲି ସେ କହିଥିଲେ । ଏହି ଅବସରରେ ଜନହିତକର ଯୋଜନା ଗୁଡିକରେ ଅଗ୍ରଣୀ ପ୍ରଦର୍ଶନ କରିଥିବା ବ୍ଲକ ଓ ପଞ୍ଚାୟତଗୁଡ଼ିକୁ ମାନ୍ୟବର ଅତିଥିମାନେ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମାନ୍ୟବର ଢେଙ୍କାନାଳ ସଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ,ମାନ୍ୟବର ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ,ମାନ୍ୟବର ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର

**ପଞ୍ଚାୟତିରାଜ ଦିବସ**

ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ପଞ୍ଚାୟତ ସମିତି କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟସ୍ତରରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଧାପ୍ରସାରଣରେ ଯୋଗ ଦେଇଥିଲେ ।

## ୨୭ରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି

**କଟକ,୨୪।୪/ଏନ୍ଏନ୍ଏସ୍:** ଆସନ୍ତା ୨୭ ତାରିଖ ସୋମବାର ଟାଙ୍ଗୀ-ଚୌଦ୍ୱାର ବ୍ଲକଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟା ସମୟରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଯାଏଁ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡ଼ିକ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣି ଗୁଡ଼ିକ ମଧ୍ୟ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ସାମ୍ବାଦିକ ଶୈଳେଶ କୁମାର ବର୍ମା ସମ୍ମାନିତ



**କଟକ,୨୪।୪/ଏନ୍ଏନ୍ଏସ୍:** ପ୍ରସିଦ୍ଧ ମିଡିଆ ସଂସ୍ଥା ଇଣ୍ଡୋ ଏସିଆନ୍ ଟାଇମ୍ସ ପକ୍ଷରୁ ଆୟୋଜିତ 'ମିଡିଆ ଏକ୍ସିଲେନ୍ସ ଅୱାର୍ଡ ଓଡିଶା ୨୦୨୬ (ସୃଜନ ସମ୍ମାନ ସମାରୋହ–୦୨)'ରେ ବରିଷ୍ଠ ସାମ୍ବାଦିକ ଶୈଳେଶ କୁମାର ବର୍ମାଙ୍କୁ ସମ୍ମାନିତ କରାଯାଇଛି। ମିଡିଆ କ୍ଷେତ୍ରରେ ତାଙ୍କର ଉତ୍କୃଷ୍ଟ କାର୍ଯ୍ୟ, ପ୍ରଭାବଶାଳୀ ସାମ୍ବାଦିକତା ଏବଂ ସମାଜକୁ ସଚେତନ ଓ ସଶକ୍ତ କରିବାରେ ତାଙ୍କର ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀ ବର୍ମା କଟକ ମହାନଗର ଛଠ ପୂଜା ସମିତିର ଅଧ୍ୟକ୍ଷ ଏବଂ ସାଲ୍ୟୁଟ୍ ତିରଙ୍ଗା ରାଷ୍ଟ୍ରବାଦୀ ସଂଗଠନର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ। ସମ୍ମାନ ପ୍ରାପ୍ତି ପରେ ଶ୍ରୀ ବର୍ମା ଇଣ୍ଡୋ ଏସିଆନ୍ ଟାଇମ୍ସର ସମ୍ପାଦକ ହେମନ୍ତ ତିୱାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ତୃତୀୟ ଓପନ୍ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍ ଉଦ୍‌ଘାଟିତ




**କଟକ,୨୪।୪/ଏନ୍ଏନ୍ଏସ୍:** ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ତୃତୀୟ ଓପନ୍ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ଶିପ୍ ଆଜିଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୬୦୦ ଖେଳାଳି, ପ୍ରଶିକ୍ଷକ ଓ ଅଧିକାରୀ ଏହି ଚାମ୍ପିଅନ୍‌ଶିପରେ ଯୋଗ ଦେଇଛନ୍ତି। ଆଜି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଅତିଥି ଭାବେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ୍ ସମ୍ପାଦକ ଅଭିଜିତ ପାଲ୍,ଏସିବି ମେଡିକାଲର ବରିଷ୍ଠ ଚିକିତ୍ସକ ଜୟନ୍ତ କୁମାର ପଣ୍ଡା ଓ ଭାରତୀୟ ଜୀବନ ବୀମା ଡିଭିଜନ୍‌ର ମ୍ୟାନେଜର ଅସୀମ କୁମାର ଯୋଗ ଦେଇଥିଲେ।

## ଆର୍ଯ୍ୟସମାଜର ଟ୍ରଷ୍ଟି ଭୀମସେନ ଜେନାଙ୍କ ପରଲୋକ

**ଭୁବନେଶ୍ୱର,୨୪।୪/ଏନ୍ଏନ୍ଏସ୍:** ଆର୍ଯ୍ୟସମାଜ, ଓଡ଼ିଶାର ଟ୍ରଷ୍ଟି, ନିଖିଳ ଉତ୍କଳ କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ଉପଦେଷ୍ଟା ତଥା ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ପ୍ରତି ସମର୍ପିତ ପ୍ରାଣ, ପୂର୍ବତନ ନାଉଗାଁ ହାଟର ପୋଷ୍ଟ ମାଷ୍ଟର ଭୀମସେନ ଜେନାଙ୍କର ଗତକାଲି ପ୍ରତ୍ୟୁଷରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ୮୯ବର୍ଷ ବୟସରେ କିଡ୍‌ନୀ ନିଷ୍କ୍ରିୟ ଯୋଗୁ ପରଲୋକ ହୋଇଯାଇଛି। ସ୍ୱର୍ଗତ ଜେନା ଜଗତସିଂହପୁର ଜିଲ୍ଲା ନାଉଗାଁ ଅଞ୍ଚଳର ଜଣେ ପ୍ରତିଷ୍ଠିତ ମୁଖିଆ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସୁପୁତ୍ର ବାବା ପ୍ରଣବାନନ୍ଦ ଦାସ (ମନୁଭାଇ) ଉପସ୍ଥିତ ଥିଲେ। ସ୍ୱର୍ଗତ ଜେନାଙ୍କ ମରଶରୀରକୁ ତେଲେଙ୍ଗାପେଣ୍ଠସ୍ଥିତ ନୂଆଗଡ଼ଠାରେ ଥିବା ଶିଶୁ ଅନନ୍ତ ଆଶ୍ରମକୁ ନିଆଯାଇଥିଲା। ସେଠାରେ ପୂର୍ବତନ ସରପଞ୍ଚ ପୀତବାସ ମହାପାତ୍ର, ବିଦ୍ୟାଲୋକର ସମ୍ପାଦକ ଶରତ ଚନ୍ଦ୍ର ରଥ, ନୂଆଗଡ଼ ଗ୍ରାମ୍ୟ କମିଟି ସଭାପତି ବିକ୍ରମ ଶତପଥୀ, ବାବା ରାଧେଶ୍ୟାମ ଦାସ (ରାଜୁଭାଇ) ପ୍ରମୁଖ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସଂସ୍କାର କାର୍ଯ୍ୟ ସମାପନ ହୋଇଥିଲା। ସ୍ୱର୍ଗତ ଜେନାଙ୍କ ଜ୍ୟେଷ୍ଠପୁତ୍ର ପ୍ରସନ୍ନ କୁମାର ଜେନା ମୁଖାଗ୍ନି ଦେଇଥିଲେ। ଅନ୍ୟ ଦୁଇ ପୁଅ ଅମୀୟ ଓ ଦିଲ୍ଲୀପ ଉପସ୍ଥିତ ଥିଲେ। ସ୍ୱର୍ଗତ ଜେନାଙ୍କ ବିୟୋଗ ଖବର ପାଇ ପଦ୍ମଶ୍ରୀ ଶ୍ରୀମଦ ବାବା ବଳିଆ, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ପ୍ରଶାନ୍ତ କୁମାର ମୁଦୁଲି, ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ହାଇୱା ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ବାରଙ୍ଗ,୨୪।୪/ଏନ୍ଏନ୍ଏସ୍:** ବାରଙ୍ଗ ଥାନା ଅନ୍ତର୍ଗତ ରତାଗଡ଼ ରେଳ ବ୍ରିଜ୍ ନିକଟରେ ଶୁକ୍ରବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୋରମ ବୋଝେଇ ହାଇୱା ଧକ୍କାରେ ଜଣେ ମୋଟରସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଆଠଗଡ଼ ରାଧାନାଥପୁର ଶାସନର ପାର୍ଥ ସାରଥୀ ଦାଶ (୨୭)। ସୂଚନା ଅନୁଯାୟୀ, ଶୁକ୍ରବାର ଭୋର ସମୟରେ ବାରଙ୍ଗ ପଟୁ ମୋରମ ବୋଝେଇ କରି ଆସୁଥିବା ଏକ ହାଇୱା ପାର୍ଥ ସାରଥୀଙ୍କ ମୋଟରସାଇକେଲକୁ ଶକ୍ତ ଧକ୍କା ଦେଇଥିଲା। ଧକ୍କା ଦେବା ପରେ ହାଇୱାଟି ତାଙ୍କୁ କିଛି ବାଟ ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଫଳରେ ସେ ଗୁରୁତର ଭାବେ ଆହତ ହୋଇ ସଂଜ୍ଞାହୀନ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଡାକ୍ତରଖାନା ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇବା ପରେ ହାଇୱା ଚାଳକ ଗାଡ଼ିଟିକୁ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଖବର ପାଇ ଗୋଡ଼ିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ମୋଟର ସାଇକେଲ ଏବଂ ହାଇୱାକୁ ଜବତ କରିଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିବା ସହ ଫେରାର ଚାଳକକୁ ଖୋଜୁଛି। ପାର୍ଥ ସାରଥୀଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଇପିଏଫ୍ ପେନ୍‌ସନର୍ସ ସଂଘର କୋର୍ କମିଟି ବୈଠକ

# ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି

**କଟକ,୨୪।୪/ଏନ୍ଏନ୍ଏସ୍:** ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର କୋର୍ କମିଟି ବୈଠକ ଗୌରୀ ନଗରସ୍ଥ ମହବୀର କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଇଂ. ବିଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। କେନ୍ଦ୍ର ସରକାର ଇପିଏଫ୍ ପେନ୍‌ସନ୍‌ଧାରୀଙ୍କ ଦାବି ସର୍ବନିମ୍ନ ପେନ୍‌ସନ୍ ୯୦୦୦ ଟଙ୍କାକୁ ବୃଦ୍ଧି, ମହଙ୍ଗା ଭତ୍ତା ପ୍ରଦାନ ଓ ନିଃଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ



ମୁତାବକ ବର୍ଦ୍ଧିତ ପେନସନ ପ୍ରଦାନରେ ଇପିଏଫ୍ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ଅନେକ ହିତାଧିକାରୀ ଙ୍କୁ ସେଥିରୁ ବଂଚିତ କରିଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୀର୍ଘ ୧୨ ବର୍ଷ ଧରି ସର୍ବନିମ୍ନ ପେନସନ ବୃଦ୍ଧି କରାନଯିବା ଅତ୍ୟନ୍ତ ବିଡ଼ମ୍ବନାର ବିଷୟ। ଏଣୁ ଏପରି ଅନ୍ୟାୟର ପ୍ରତିବାଦ ସ୍ୱରୂପ ଏକସଙ୍ଗେ ସଂଘର ରାଜ୍ୟ କମିଟି ଓ ଜିଲ୍ଲା କମିଟି ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ନିମନ୍ତେ ନିଷ୍ପତି ଗ୍ରହଣ କରାଯାଇଛି। ହିତାଧିକାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଭବିଷ୍ୟନିଧି ସଂଗଠନର ରାଜ୍ୟ ମୁଖ୍ୟଙ୍କ ସହ ସଂଘର ଏକ ପ୍ରତିନଧିମଣ୍ଡଳୀ ସାକ୍ଷାତ ଆଲୋଚନା ନିମନ୍ତେ ସ୍ଥିର କରାଯାଇଛି। ଦାବି ହାସଲ ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି। ଏହି ବୈଠକରେ କେନ୍ଦ୍ରୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା,ଉପଦେଷ୍ଟା ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବିକ୍ରମ ଛୋଟରାୟ, ସରୋଜକାନ୍ତ ମଲ୍ଲିକ, କୃଷ୍ଣଚନ୍ଦ୍ର ସାହୁ, ଧୀରେନ୍ଦ୍ର ପ୍ରତାପ, ପ୍ରକାଶ କୁମାର ପଟ୍ଟନାୟକ, ଗୀତାଞ୍ଜଳି ପାତ୍ର ଓ ଉର୍ବଶୀ ମିଶ୍ର , ଅଲେଖ ଚରଣ ରାଉତ, ଲୋକନାଥ ସାମନ୍ତରାୟ ଓ ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିପଣନ ଓ କ୍ଷମତା ବୃଦ୍ଧି କର୍ମଶାଳା

**କଟକ,୨୪।୪/ଏନ୍ଏନ୍ଏସ୍:** ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ଅଧିନସ୍ଥ ତିନି ଦିନିଆ ଜିଲ୍ଲାସ୍ତରୀୟ ବିପଣନ, ସଚେତନତା, କ୍ଷମତା ବୃଦ୍ଧି ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ବଜାର ସଂଯୋଗ, ଉତ୍ପାଦିତ ପଦାର୍ଥର ମୂଲ୍ୟ ବୃଦ୍ଧି କରିବା, ବ୍ରାଣ୍ଡିଂ, ପ୍ୟାକେଜିଂ, ଇ-ମାର୍କେଟିଂ, ଗ୍ରାହକମାନଙ୍କ ସହିତ ଉତ୍ତମ ସମ୍ପର୍କ ରଖିବାର ପ୍ରଣାଳୀ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯାଇଥିଲା। କଟକ ଜିଲ୍ଲାର ୬୦ଜଣ ମହିଳା ଉଦ୍ୟୋଗୀ ଏହି କର୍ମଶାଳାରେ ଅଂଶ ଗ୍ରହଣ କରିଥିଲେ। ତିନି ଦିନ ଧରି ଚାଲିଥିବା ଏହି କର୍ମଶାଳାରେ ବିଭିନ୍ନ ବିଷୟରେ ଅଭିଜ୍ଞ ବ୍ୟକ୍ତିମାନେ ବିସ୍ତୃତ ମାର୍ଗଦର୍ଶନ ଦେବା ସହ ଉପସ୍ଥିତ ଉଦ୍ୟୋଗୀମାନଙ୍କୁ ପ୍ରାୟୋଗିକ ଜ୍ଞାନ ପ୍ରଦାନ



କରିଥିଲେ। ଶେଷଦିନରେ ୫୦ଜଣ ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ଭାରତ ମସଲା ପ୍ରତିଷ୍ଠାନକୁ ଏକ କ୍ଷେତ୍ର ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଏହି ପରିଦର୍ଶନ ସମୟରେ ଉଦ୍ୟୋଗୀମାନେ ବିଭିନ୍ନ ଉତ୍ପାଦର ପ୍ରସ୍ତୁତି ଓ ପ୍ୟାକେଜିଂ, ଗୁଣମାନ ନିୟନ୍ତ୍ରଣ ଆଦି ବିଷୟରେ ପ୍ରାୟୋଗିକ ଅନୁଭବ ଅର୍ଜନ କରିଥିଲେ। ଏହି କ୍ଷେତ୍ର ପରିଦର୍ଶନ ସମୟରେ ଓରମାସର ଯୁଗ୍ମ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତ ଉପସ୍ଥିତ ଥିଲେ। ଭାରତ ମସଲାର ଚେୟାରମ୍ୟାନ୍ ସୁରେନ୍ଦ୍ରନାଥ ପଣ୍ଡା ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଉଦ୍ୟୋଗୀମାନେ ସକ୍ରିୟ ଭାଗ ନେବା ସହ ଏହି କର୍ମଶାଳାଟି ବ୍ୟବସାୟିକ କ୍ଷେତ୍ରରେ ଅତ୍ୟନ୍ତ ଉପଯୋଗୀ ହେବ ବୋଲି ମତ ପ୍ରକାଶ କରିଥିଲେ।

## ବ୍ରହ୍ମପୁର ଜେଲ୍ ଗଲା ଦୁର୍ଦ୍ଧାନ୍ତ ଅପରାଧୀ ରାଜା ସାହାଣୀ

**କଟକ,୨୪।୪/ଏନ୍ଏନ୍ଏସ୍:** ବ୍ରହ୍ମପୁର ସର୍କଲକୁ ଦୁର୍ଦ୍ଧାନ୍ତ ଅପରାଧୀ ରାଜା ସାହାଣୀକୁ ସ୍ଥାନାନ୍ତର କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପୁଲିସ ରାଜାକୁ ଚୌଦ୍ୱାର ସର୍କଲ ଜେଲରୁ ବ୍ରହ୍ମପୁର ସର୍କଲ ଜେଲକୁ ସ୍ଥାନାନ୍ତର କରିଛି। ବ୍ରହ୍ମପୁର ଜେଲକୁ ରାଜାକୁ ସ୍ଥାନାନ୍ତର ପାଇଁ ପୁଲିସ ଆଜି ତାକୁ କୋର୍ଟରେ ହାଜର କରିଥିଲା। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଜେଲରୁ କଡ଼ା ସୁରକ୍ଷା ମଧ୍ୟରେ ରାଜାକୁ ବ୍ରହ୍ମପୁର ସର୍କଲ ଜେଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବରୁ ଚୌଦ୍ୱାର ଜେଲରୁ ଫେରାର ହୋଇ ଧରା ପଡ଼ିଥିବା ଅନ୍ୟତମ ଦୁର୍ଦ୍ଧାନ୍ତ ଅପରାଧି ମଧୁକାନ୍ତ ରାଣାକୁ ସୁରକ୍ଷା ଦୃଷ୍ଟିରୁ ପୁଲିସ ଝାରପଡ଼ା ଜେଲକୁ ସ୍ଥାନାନ୍ତର କରିଛି। ସୂଚନାଯୋଗ୍ୟ, ୨୦୨୫ ଅକ୍ଟୋବର ୨ ତାରିଖ ରାତି ପ୍ରାୟ ୧ଟା ୪୦ ମିନିଟରେ ଚୌଦ୍ୱାର ଜେଲରୁ ୨ ଦୁର୍ଦ୍ଧାନ୍ତ ଅପରାଧୀ ମଧୁକାନ୍ତ ରାଣା ଓ ରାଜା ସାହାଣୀ ଜେଲରୁ ଫେରାର ହୋଇଯାଇଥିଲେ। ଉଭୟ ବିହାରର ବାସିନ୍ଦା। ଗତ ଫେବୃଆରୀ ୧୪ ତାରିଖରେ ଅଭିଯୁକ୍ତ ମଧୁକାନ୍ତକୁ କମିଶନରେଟ ପୁଲିସର ଏକ ସ୍ୱତନ୍ତ୍ର ଦଳ ବୃନ୍ଦାବନରୁ ଧରିବାରେ ସକ୍ଷମ ହୋଇଥିବାବେଳେ ରାଜା ସାହାଣୀ ପୁଲିସକୁ ଚକମା ଦେଇ ଖସି ପଳାଇ ଯାଇଥିଲା। ଫେରାର ହେବା ପରେ ରାଜା ସାହାଣୀ କର୍ଣ୍ଣାଟକ ରାଜ୍ୟ ମହୀଶୂର ଜିଲ୍ଲାର ହୁନୁର ଟାଉନରେ ୨୦୨୫ ଡିସେମ୍ବର ୮ରେ ଏକ ଗହଣା ଦୋକାନରୁ ୮କେଜି ଓଜନର ସୁନା ଓ ହୀରା ଅଳଙ୍କାର ଲୁଟି ନେଇଥିଲା। ଗତ ୨ ତାରିଖରେ ରାଜାକୁ କମିଶନରେଟ ପୁଲିସର ଏକ ସ୍ୱତନ୍ତ୍ର ଦଳ ଋଷିକେଶରୁ ଗିରଫ କରିଥିଲା।

## କଟକ ସଦର ବ୍ଲକ୍ କଂଗ୍ରେସର ପ୍ରସ୍ତୁତି ବୈଠକ



**କଟକ,୨୪।୪/ଏନ୍ଏନ୍ଏସ୍:** ଢିଙ୍କିଆର ବିସ୍ଥାପିତଙ୍କୁ ନ୍ୟାୟ ଦେବା ପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ଢିଙ୍କିଆଠାରୁ ବାହାରି ଥିବା କଂଗ୍ରେସ ପଦଯାତ୍ରା ଆସନ୍ତା ମେ ୧ ଓ ୨ ତାରିଖ ରେ କଟକ ଜିଲ୍ଲା ରେ ପହଞ୍ଚିବ। କଟକ ସଦର ବ୍ଲକ୍ କଂଗ୍ରେସ ପକ୍ଷରୁ ପଦଯାତ୍ରାକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ କଟକ ସଦର ଅଞ୍ଚଳରୁ କିପରି ଅଧିକରୁ ଅଧିକ କଂଗ୍ରେସ କର୍ମୀ ଓ ସାଧାରଣ ଲୋକ ସାମିଲ ହେବେ ଓ ପଦଯାତ୍ରାକୁ ସଫଳ କରିବାପାଇଁ କଟକ ସଦର ବ୍ଲକ୍ କଂଗ୍ରେସ ପକ୍ଷରୁ ସଭାପତି ସୀତାକାନ୍ତ ପଣ୍ଡାଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଟକ ସଦର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ତଥା ଜିଲ୍ଲା କଂଗ୍ରେସର ବରିଷ୍ଠ ଉପସଭାପତି ରାମ ଚନ୍ଦ୍ର ଗୋଛାୟତ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ କୁମାର ଦାସ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ କହିଥିଲେ। ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, କଟକ ନଗର(ଜିଲ୍ଲା) କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ଦୁର୍ଗା ଶଙ୍କର ଦାସ, ନିର୍ମଳ ସ୍ୱାଇଁ, ଜିଲ୍ଲା କଂଗ୍ରେସର ପ୍ରାକ୍ତନ ବରିଷ୍ଠ ଉପସଭାପତି ଶିଶିର ରଥ, ରାଜେଶ ସ୍ୱାଇଁ, ନିରଞ୍ଜନ ଲେଙ୍କା, ଶରତ ଦାସ, ଉଗ୍ରସେନ ଭୂୟାଁ, ମଧୁସୂଦନ ସେନାପତି, ମିହିର ଦାସ, ଇଲୁ ସିଂ, ଆଲୋକ ଜେନା, ସ୍ମୃତିରଞ୍ଜନ ଲେଙ୍କା, କୃଷ୍ଣ ଚନ୍ଦ୍ର ଭୋଇ, ତ୍ରିଲୋଚନ ଭୋଇ, ନାଜମିର ହୁସେନ ଖାନ, ପ୍ରଦୀପ କୁମାର ସାହୁ, ରଞ୍ଜିତା ସାହୁ, ତାହିର ବେଗ, କାହ୍ନୁଚରଣ ଦାସ, ଆଶିଷ ବର୍ମନ, ଋଷି କାଣ୍ଡି, ରଜନୀ ବସ୍ତିଆ, ସନ୍ତୋଷ ବିଶ୍ୱାଳ, ଲିପୁଲ୍ ରାଉତ ପ୍ରମୁଖ ଯୋଗଦେଇ ପଦଯାତ୍ରାକୁ ସଫଳ କରିବାକୁ ମତାମତ ଦେଇଥିଲେ।

## ବିଦ୍ୟାଳୟ ନିକଟରେ ଚାଲିଛି ଚୋରାମଦ କାରବାର

**ନୟାହାଟ,୨୪।୪/ଏନ୍ଏନ୍ଏସ୍:** ନୟାହାଟ ଅଞ୍ଚଳରେ ଚୋରା ମଦ କାରବାର ଏବେ କାୟା ବିସ୍ତାର କରିଥିବା ବେଳେ ଏହାକୁ ରୋକିବାରେ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିଭାଗୀୟ ଅଧିକାରୀମାନେ ଚୋରା ବେପାରୀଙ୍କୁ ଧରିବା ପରିବର୍ତ୍ତେ ସେମାନଙ୍କୁ ସୁରକ୍ଷା ଦେଉଥିବା ନେଇ ବରିଷ୍ଠ ନାଗରିକମାନେ ଅଭିଯୋଗ କରିଛନ୍ତି। ବିଶେଷ କରି ଶିକ୍ଷାନୁଷ୍ଠାନ ନିକଟରେ ଏହି କାରବାର ଚାଲିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି।

ସୂଚନା ଅନୁଯାୟୀ, ପାଞ୍ଚଣା ପ୍ରାଥମିକ ବିଦ୍ୟାଳୟର ପାଚେରି ପାର୍ଶ୍ୱରେ ଥିବା ଏକ କ୍ୟାବିନ ମଧ୍ୟରେ ଚୋରା ଦେଶୀ, ବିଦେଶୀ ଓ ନକଲି ମଦ କାରବାର ଜୋରଦାର ଚାଲିଛି। ମଦ୍ୟପମାନେ ମଦ୍ୟପାନ କରି ବିଦ୍ୟାଳୟ ନିକଟରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବାରୁ କୋମଳମତି ଶିଶୁଙ୍କ ଉପରେ ଏହାର ଖରାପ ପ୍ରଭାବ ପଡୁଛି। ସେହିପରି ବାଲିଦଣ୍ଡାର କିଛି ପାନ ଦୋକାନରେ ମଧ୍ୟ ବେଆଇନ ମଦ ବିକ୍ରି ହେଉଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମଝିରେ ମଝିରେ ଚଢ଼ଉ କରାଯାଉଥିଲେ ହେଁ ମଦ ବେପାର ଥମିବାର ନାମ ନେଉନାହିଁ। ସନ୍ଧ୍ୟା ହେଲେ ମହିଳାମାନେ ବାହାରକୁ ବାହାରିବା ଅସୁରକ୍ଷିତ ମଣୁଛନ୍ତି। ନୟାହାଟ ବ୍ୟତୀତ ଶୋରଭା ପଞ୍ଚାୟତର ଝଞ୍ଜାଳିଆ ଗ୍ରାମ ଏବଂ ବାଉଲାଙ୍ଗ ଭୀମାପଡ଼ା ଗ୍ରାମରେ ମଧ୍ୟ ପେଟି ପେଟି ମଦ କାରବାର ଚାଲିଛି। ଅବକାରୀ ବିଭାଗର କୋହଳ ମନୋଭାବ ଯୋଗୁଁ ବେପାରୀମାନେ ଦିବାଲୋକରେ ନିର୍ଭୟରେ କାରବାର ଚଳାଉଛନ୍ତି। ମଦ ପିଇ ଅନେକ ପରିବାର ସର୍ବସ୍ୱାନ୍ତ ହେଉଥିବା ବେଳେ ଅବକାରୀ ବିଭାଗ ନିଜର ଫାଇଦା ଉଠାଉଥିବା ନେଇ ଜନସାଧାରଣରେ ଚର୍ଚ୍ଚା ହେଉଛି। ଏ ଦିଗରେ ଅବକାରୀ ବିଭାଗର ପୁରୀ ଏସପି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ପ୍ରଶାସନ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ଜନ ଅସନ୍ତୋଷ ତୀବ୍ର ହେବାର ସମ୍ଭାବନା ରହିଛି।

## ଛାତ ଉପରୁ ପଡ଼ି ମହିଳାଙ୍କ ମୃତ୍ୟୁ

**କୋଣାର୍କ,୨୪।୪/ଏନ୍ଏନ୍ଏସ୍:** ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ଜଣେ ମହିଳାଙ୍କ ଜୀବନ ନେଇଛି। କୋଣାର୍କ ଏନ୍ଏସି ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ବେରୁହଁ ଗ୍ରାମରେ ଅଂଶୁଘାତ ଯୋଗୁଁ ଜଣେ ମହିଳା ଛାତ ଉପରୁ ତଳକୁ ପଡ଼ି ପ୍ରାଣ ହରାଇଥିବା ଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମୃତକ ଜଣକ ହେଲେ ବେରୁହଁ ଗ୍ରାମର ଦାଶରଥି ମଲ୍ଲିକଙ୍କ ପତ୍ନୀ ବିଦ୍ୟୁଲତା ମଲ୍ଲିକ (୫୭)। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ସମୟରେ ବିଦୁଲତା ନିଜ ଘର ଛାତ ଉପରେ ଧାନ ଶୁଖାଉଥିଲେ। ସେହି ସମୟରେ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ସେ ହଠାତ୍ ଚେତାଶୂନ୍ୟ ହୋଇ ଛାତ ଉପରୁ ତଳକୁ ଟଳି ପଡ଼ିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋଣାର୍କ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ମୃତଦେହକୁ ଗୋପ ମେଡିକାଲ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ଚାରିଛକ ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ ପଢ଼ିହାରୀ ସୂଚନା ଦେଇଛନ୍ତି। ବିଦ୍ୟୁଲତାଙ୍କ ମୃତ୍ୟୁ ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଶୋକସନ୍ତପ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଅଂଶୁଘାତ ପାଇଁ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ବାରମ୍ବାର ପରାମର୍ଶ ଦିଆଯାଉଥିଲେ ହେଁ ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

### ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁଲିସର ପ୍ରସ୍ତୁତି ସମୀକ୍ଷା

## ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ଉପରେ ଗୁରୁତ୍ୱ



**ପୁରୀ,୨୪।୪/ଏନ୍ଏନ୍ଏସ୍:** ଆସନ୍ତା ଜୁନ୍ ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପାଇଁ ପୁରୀ ପୁଲିସ ପକ୍ଷରୁ ପ୍ରସ୍ତୁତି ପର୍ବ ଜୋରଦାର ହୋଇଛି। ଭକ୍ତଙ୍କ ସୁରକ୍ଷା, ଯାତାୟାତ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ ଏବଂ ଜରୁରୀକାଳୀନ ସେବାକୁ ଦୃଷ୍ଟିରେ ରଖି ଆଜି ଆଇପିସିଆର୍‌ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ପୁରୀ ଏସ୍‌ପି ପ୍ରତୀକ ସିଂ ଅଧ୍ୟକ୍ଷତା କରି ସମସ୍ତ ବିଭାଗୀୟ ପ୍ରସ୍ତୁତିର ତଦାରଖ କରିଥିଲେ। ବୈଠକରେ ଅତିରିକ୍ତ ଏସପି ଦେବ ପ୍ରସାଦ, ସିଟି ଡିଏସପି ରଶ୍ମିରଞ୍ଜନ ମହାପାତ୍ର, ଡିଏସପି କଳ୍ପନା କାଉରୀ, ଟାଉନ ଆଇଆଇସି ଗୋକୁଳ ରଞ୍ଜନ ଦାସ, ଆଇପିସିଆର ଆଇଆଇସି ସସ୍ମିତା ଧଳ ଏବଂ ଆରଆଇ ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଏସପି ଶ୍ରୀ ସିଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ସ୍ନାନ ପୂର୍ଣ୍ଣିମା ସମୟରେ ପୁରୀକୁ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହେବ। ତେଣୁ ସେମାନଙ୍କ ସୁରକ୍ଷା ପାଇଁ ପୁଲିସ ଉପସ୍ଥିତି ବୃଦ୍ଧି କରିବା ସହ ୧୧୨ ଜରୁରୀକାଳୀନ ସେବା ମନିଟରିଂକୁ ଅଧିକ ସକ୍ରିୟ କରାଯିବ। ସିସିଟିଭି ମାଧ୍ୟମରେ ରିଅଲ-ଟାଇମ୍ ନିରୀକ୍ଷଣ ବ୍ୟବସ୍ଥାକୁ ଶକ୍ତିଶାଳୀ କରାଯିବ। ବିଶେଷ କରି ଶ୍ରୀମନ୍ଦିର ଓ ତାହା ସଂଲଗ୍ନ ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ଟ୍ରାଫିକ ପ୍ଲାନ ପ୍ରସ୍ତୁତ କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଆଇପିସିଆର୍ ମାଧ୍ୟମରେ ସମସ୍ତ କାର୍ଯ୍ୟକଳାପର ନିରନ୍ତର ମନିଟରିଂ କରାଯିବ ଏବଂ ଯେକୌଣସି ଜରୁରୀ ପରିସ୍ଥିତିରେ ୧୧୨ ସେବା ଦ୍ୱାରା ତୁରନ୍ତ ସହାୟତା ଯୋଗାଇ ଦିଆଯିବ। ପୁରୀ ପୁଲିସ ପକ୍ଷରୁ ସାଧାରଣ ଜନତା ଓ ଭକ୍ତମାନଙ୍କୁ ଅନୁରୋଧ କରାଯାଇଛି ଯେ, ପୁଲିସ ଦ୍ୱାରା ଜାରି କରାଯିବାକୁ ଥିବା ନିୟମାବଳୀକୁ ପାଳନ କରି ଶାନ୍ତିପୂର୍ଣ୍ଣ ଭାବେ ଉତ୍ସବ ସମାପନ କରିବାରେ ସହଯୋଗ କରନ୍ତୁ। ଏହି ସାମୂହିକ ପ୍ରୟାସ ଦ୍ୱାରା ଉତ୍ସବକୁ ସୁରକ୍ଷିତ ଓ ସୁଚାରୁ ରୂପେ ପାଳନ କରାଯିବା ନିଶ୍ଚିତ କରାଯିବ।

# ଏସ୍‌ୟୁସିଆଇର ପ୍ରତିଷ୍ଠା ଦିବସ ଉପଲକ୍ଷେ ଜନସଭା

**କଟକ,୨୪।୪/ଏନ୍ଏନ୍ଏସ୍:** ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟିର ୭୯ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆଜି ସହିଦ ଭବନଠାରେ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ତଥା ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶମ୍ଭୁ ନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଦଳର କେନ୍ଦ୍ରୀୟ କମିଟି ସଦସ୍ୟ ଦ୍ୱାରିକାନାଥ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ପାର୍ଟି ପ୍ରତିଷ୍ଠା ଦିବସ ଉପଲକ୍ଷେ ଓ ପାର୍ଟି ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ଶିବଦାସ ଘୋଷଙ୍କ ଉପରେ ରଚିତ ସଙ୍ଗୀତ ପରିବେଷଣ ପରେ ସଭାକାର୍ଯ୍ୟ



ଆରମ୍ଭ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ କମ୍ପାନୀମାନଙ୍କ ସ୍ୱାର୍ଥରେ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଦ୍ୱାରା ବଳପୂର୍ବକ ବିସ୍ଥାପନ ଓ ଏହାର ବିରୋଧ କରୁଥିବା ସାଧାରଣ ଲୋକ ବିଶେଷକରି ଆଦିବାସୀ ଓ ଦଳିତ ଲୋକଙ୍କ ଉପରେ ଚାଲିଥିବା ଅକଥନୀୟ ପୁଲିସ ଅତ୍ୟାଚାର ବିରୁଦ୍ଧରେ ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ ମିଶ୍ର ଏକ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ସମର୍ଥନରେ ବିଶ୍ୱବନ୍ଧୁ ଦାସ ବକ୍ତବ୍ୟ ରଖିଥିଲେ। ଏହା ପରେ ପାର୍ଟି ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ ଶଙ୍କର ଦାସଗୁପ୍ତା ଓ ତାଙ୍କ ପରେ ସଭାର ମୁଖ୍ୟ ବକ୍ତା ଦ୍ୱାରିକା ନାଥ ରଥ ନିଜ ନିଜର ଅଭିଭାଷଣ ରଖିଥିଲେ। ପାର୍ଟି ଗଢ଼ି ଉଠିବାର ଇତିହାସ ତଥା ପାର୍ଟିର ଦୀର୍ଘ ସଂଗ୍ରାମର ଇତିହାସ ଉପରେ ଆଲୋଚନା କରିବା ସହିତ ବକ୍ତାମାନେ ବର୍ତ୍ତମାନ ରାଜନୈତିକ ପରିସ୍ଥିତିରେ ବାମ ଓ ଧର୍ମନିରପେକ୍ଷ ଶକ୍ତି ମାନଙ୍କ ନେତୃତ୍ୱରେ ଦୀର୍ଘ ସ୍ଥାୟୀ ଶକ୍ତିଶାଳୀ ଗଣ ଆନ୍ଦୋଳନ ଗଢ଼ି ତୋଳିବାକୁ ଡାକରା ଦେଇଥିଲେ।

ଶାରୀରିକ ଉପବାସ ସହିତ ମନର ଉପବାସ ନହେଲେ ତାହା ହାନିକାରକ ହୋଇପାରେ।
- ଗାନ୍ଧୀ ବାଣୀ

ନିତିଦିନ NITIDIN

## ଧରଣୀ ହୋଇବ ତୋଷ



ମହେନ୍ଦ୍ର କୁମାର ମଲ୍ଲିକ

ମକରରୁ ଦିନ ବଢ଼ିବଢ଼ି ଯାଏ
କମିକମି ଯାଏ ରାତି
ମଳୟ ପବନ ହୁଅଇ ଉଭାନ
ବଢ଼ଇ ସୂରୁଯ ତାତି
ବହେ ଗମଗମ ଝାଳ
ଶୋଷରେ ଆଉଟୁ ପାଉଟୁ ପଥିକ
ମନ ଖୋଜୁଥାଏ ଜଳ।
ଗଡ଼ିଆ ପୋଖରୀ ଶୁଖି ଠୋଉ ଠାଆ
ବହୁଥାଇ ଝାଞ୍ଜି ବାଆ
ଚାଲି ଆସେ କାହୁଁ ଖଣ୍ଡିଆଭୂତଟା
ଦୁଲୁକାଇ ଦିଏ ହିଆ
ଖେଳଇ ଚକା ଭଉଁରୀ
ତଳରୁ ଉପର କାଠି କୁଟା ଯେତେ
ବୁଲୁଥାନ୍ତି ଘିରି ଘିରି।
ଗରମ ପବନ ବାଜଇ ଦେହରେ
କାନ ମୁଣ୍ଡ ଝାଇଁ ଝାଇଁ
ବାଟୋଇ ବିଚରା ଓହଳ ବିକଳ
ଖୋଜନ୍ତି ଶୀତଳ ଛାଇ
ତରଭୁଜ ସରବତ
ଟଙ୍କ ତୋରାଣିକୁ ଲସି ଘୋଳଦହି
ଅଂଶୁଘାତ ପାଇଁ ହିତ।
ଆସ ମିଳିମିଶି ଭାଇ ଭଉଣୀଏ
ଲଗାଇବା ନାନା ଗଛ
ଅମ୍ଳଜାନ ଦେବ ଛାଇ ଯୋଗାଇବ
ପରିବେଶ ହେବ ସ୍ୱଚ୍ଛ
ପ୍ରାଣୀଙ୍କ ମନ ହରଷ
ମେଘ ବରଷିବ ତାପ କମିଯିବ
ଧରଣୀ ହୋଇବ ତୋଷ।

**ଜି ଏ-୪୨୩, କୈଳାଶ ବିହାର, ଭୁବନେଶ୍ୱର-୨୧**
**ମୋ: ୯୪୩୭୨୮୧୧୫୫**

## ଖରା ଆସିଲାଣି ମାଡ଼ିମାଡ଼ି



ଦୀନବନ୍ଧୁ ପୋଇ

ଖରା ଆସିଲାଣି ମାଡ଼ି ମାଡ଼ି
ପିଲାଠାରୁ ବୁଢ଼ା ସଭିଏଁ ଧରାରେ
ହୋଇଲେଣି ଖାଲି ଚିଡ଼ି ଚାଡ଼ି
ଗଛଲତା ସବୁ ଖାଲି ଦିଶିଲେଣି
ପତର ଯିବାରୁ ଝଡ଼ି ଝାଡ଼ି ।
ଖରା ଆସିଲାଣି ମାଡି ମାଡି
ଚନ୍ଦନ ଯାତରା ଦେଖି ଯିବେ ପିଲା
ଖେଳନା କିଣିବେ ଗାଡ଼ି ଗାଡ଼ି
କଖାରୁ ଲତାରେ ଯେତେ ପାଣି ଦେଲେ
ବେଗେ ଯାଉନାହିଁ ମାଡ଼ି ମାଡ଼ି।
ଖରା ଆସିଲାଣି ମାଡ଼ି ମାଡ଼ି
ସୂରୁଯ ଆକାଶେ ପୂରୁବରେ ଥିଲେ
ଛାଇ ଯାଇଥାଏ ବଢି ବଢି
ଯେତିକି ଯେତିକି ଉପରକୁ ଉଠେ
ସେଇ ଛାଇ ଯାଏ ଛିଡ଼ି ଛିଡ଼ି ।
ଖରା ଆସିଲାଣି ମାଡ଼ି ମାଡ଼ି
ଖରା ବଢିଗଲେ କାଳ ବଇଶାଖୀ
ମାରିଥାଏ କେତେ ଘଡ଼ଘଡ଼ି
ପାଚିଲା ଆମ୍ବର ବାସନା ପାଇକି
କାଇ ଚାଲୁଥାନ୍ତି ଧାଡ଼ି ଧାଡ଼ି ।
ଖରା ଆସିଲାଣି ମାଡ଼ି ମାଡ଼ି
ଖରାରୁ ସୁରକ୍ଷା ପାଇବାକୁ ହେଲେ
ଗଛ ଲଗାଇବା ଧାଡ଼ି ଧାଡ଼ି
ଯେତେ ହୋଇଲେ ବି ଖରା ତାତି ନିତି
ହୋଇବାନି କେହି ଚିଡ଼ି ଚାଡ଼ି ।

**ଗୋରଡ଼ା ପାଳ, କରମୂଳ, ଢେଙ୍କାନାଳ**
**ମୋ: ୯୯୩୮୮୦୨୪୧୨**

କ'ଣ, କେମିତି, କାହିଁକି ?

# ଆଗ୍ନେୟଗିରି ଉଦ୍ଗୀରଣ



ନିହାର ରଞ୍ଜନ ସାବତ



ଆଗ୍ନେୟଗିରି ମଧ ଦେଇ ପୃଥିବୀ ଭିତରର ଉତ୍ତପ୍ତ ଶକ୍ତି ବାହାରିଥାଏ। ପୃଥିବୀର ଭିତର ଭାଗ ଭୂଅଂଶ ପଥର ବହୁତ ଗରମ ଓ ଚାପରେ ଥାଏ। କେତେକ ସ୍ଥାନରେ ଏହି ପଥର ଅଳ୍ପ ତରଳିଯାଏ ଓ ମାଗ୍ମା ନାମକ ଗରମ ତରଳ ପଦାର୍ଥ ତିଆରି ହୁଏ। ପୃଥିବୀର ବଡ଼ ବଡ଼ ପଥର ଖଣ୍ଡ ଧୀରେ ଧୀରେ ଗତି କରୁଥିବା ଟେକ୍ଟୋନିକ୍ ପ୍ଲେଟ୍ ସୀମାରେ ଏହା ବେଶୀ ପରିମାଣରେ ହୋଇଥାଏ। ଉଦାହରଣ ସ୍ୱରୂପ, ଏକ ପ୍ଲେଟ୍ ଅନ୍ୟ ପ୍ଲେଟ୍ ତଳେ ରହିଲେ ପାଣି ଓ ଚାପ ଯୋଗୁଁ ପଥର ତରଳି ମାଗ୍ମା ହୁଏ। ମାଗ୍ମା ଆଖପାଖର ପଥରଠାରୁ ହାଲୁକା ଓ ଗରମ ହୋଇଥିବାରୁ ଭାସମାନ ଅବସ୍ଥାରେ ଉପରକୁ ଉଠେ, ଯେମିତି ପାଣି ଉପରେ ତେଲ ଭାସିଥାଏ। ଏହା ଫାଟ ଦେଇ ଉଠି ଭୂଗର୍ଭରେ ମାଗ୍ମା କକ୍ଷରେ ଜମା ହୋଇଥାଏ।

ମାଗ୍ମାରେ ଜଳୀୟ ବାଷ୍ପ, ଅଙ୍ଗାରକାମ୍ଳ ଆଦି ବାଷ୍ପ ମିଶିଥାଏ। ପୃଥିବୀ ଅଭ୍ୟନ୍ତରରେ ବହୁତ ଚାପ ଥିବାରୁ ଗ୍ୟାସ୍ ଦ୍ରବୀଭୂତ ଅବସ୍ଥାରେ ରହେ। ଉପରକୁ ଆସିବା ସମୟରେ ଚାପର ପରିମାଣ କମିଯିବାରୁ ଗ୍ୟାସ୍ ବୁଦ୍‌ବୁଦ୍ ଆକାର ଧାରଣ କରେ ତଥା ଭିତରେ ବହୁତ ଚାପ ସୃଷ୍ଟି କରେ ଯେମିତି ସୋଡ଼ା ବୋତଲ ଖୋଲିଲେ ଫେଣ ବାହାରେ। ଯେତେବେଳେ ଏହି ଚାପ ପଥରକୁ ଭାଙ୍ଗିବା ଅବସ୍ଥାକୁ ଆଣେ, ମାଗ୍ମା ବାହାରକୁ ବହିଯାଏ ଓ ଲାଭା ହୋଇଥାଏ। ମାଗ୍ମା ପତଳା ହେଲେ ଗ୍ୟାସ୍ ସହଜରେ ବାହାରି ଶାନ୍ତ ଭାବରେ ପ୍ରବାହିତ ହୁଏ, ଲାଭା ଧୀର ଗତିରେ ବହିଥାଏ। ମାଗ୍ମା ଗାଢ଼ ହେଲେ ଗ୍ୟାସ୍ ଭିତରେ ରହି ଚାପ ବଢ଼ିଯିବା ଫଳରେ ଭୟଙ୍କର ବିସ୍ଫୋରଣ ହୋଇଥାଏ, ପାଉଁଶ ଓ ପଥର ଆକାଶରେ ଉଡ଼ିଥାଏ।

ଏହି ପ୍ରକ୍ରିୟାରେ ପୃଥିବୀ ପୃଷ୍ଠରେ ନୂଆ ଭୂମି ସୃଷ୍ଟି ହୋଇ ପରିବେଶ ସୁନ୍ଦର ହୋଇଥାଏ। ଏହା ଏକ ବଡ଼ ଚକ୍ରାକାର ପ୍ରାକୃତିକ ପ୍ରକ୍ରିୟାର ଅଂଶ।

**ସଂଗଣକ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ**
**ସାଇମ୍, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦**
**ମୋ: ୯୭୭୭୦୧୧୯୬୮**

ଗପ

# ରଙ୍ଗିନ ପେନସିଲ ବାକ୍ସ



ନଗେନ୍ଦ୍ର ନାଥ ପଟ୍ଟନାୟକ

ଦିନେ ସକାଳେ ଚିତ୍ରାଙ୍ଗନ ପାଇଁ କବୀର ତା' ରଙ୍ଗିନ ପେନସିଲ ବାକ୍ସଟି ଖୋଲିଲା। ହେଲେ କିଛିଟା ଭୁଲଭଟକା ରହିଥିଲା। ରଙ୍ଗିନ ପେନସିଲଗୁଡିକ ଭିତରୁ କୌଣସିଟି କାମ କଲାନି। ସେ ନାଲି ପେନସିଲଟି ହାତରେ ଧରିଥିଲା। ଗୋଟିଏ ହାତଲେଖା ଚିଠା ସର୍‌କିନା ଖସିପଡିଲା। ଚିଠାଟି କହିଲା: ମୁଁ ଖୁବ୍ ହାଲିଆ ହୋଇଗଲିଣି। ସଦାବେଳେ ତୁମେ ସେଓଫଳ, କାର ହେରିକା ଅଙ୍କନ କରିବାରେ ମତେ ବ୍ୟବହାର କରୁଛ। ମୁଁ ବିଶ୍ରାମ ନେବାକୁ ଚାହୁଁଚି। ଏହା ଶୁଣି କବୀର କାବା। ତାପରେ ସେ ତୋଳିଧରିଲା ନୀଳ ପେନସିଲ୍‌ଟିକୁ। ସେ ବି ପ୍ରତିବାଦ କଲା : ଏବେ ମୁଁ ବହୁତ ଛୋଟିଆ ହୋଇଗଲିଣି। ତୁମେ ମତେ ମାତ୍ରାଧିକ ବ୍ୟବହାର କରିସାରିଲଣି। ମୁଁ ଆଉ ସୁନୀଳ ଆକାଶର ରଙ୍ଗରେ ରଙ୍ଗିନ କରିପାରିବିନି। ଗୋଟିଏ ପରେ ଗୋଟିଏ ସବୁ ରଙ୍ଗର ପେନସିଲ ପାଖରେ କୌଣସି ନା କୌଣସି କାରଣ ଥିଲା। ତେବେ ଶାଗୁଆ ପେନସିଲଟ୍‌କୁ ଅଣଦେଖା କରାଯାଇଥିଲା। ହଳଦିଆ ପେନସିଲଟି କହିଲା ଯେ ସେ ସ୍ୱଚ୍ଛ ଧଳା ହୋଇଗଲାଣି। ସେହିପରି କଳା ପେନସିଲ ଅନୁଭବ କଲା ରେଖାମାନଙ୍କୁ ଆଙ୍କିବାରେ ସେ କେବଳ ବ୍ୟବହାର ହୋଇପାରିବ। ଶାନ୍ତସ୍ଥିର କବୀର ବସିଗଲା। ମନେମନେ କହିଲା: ମୁଁ ଜାଣି ନଥିଲି ଯେ ସେମାନେ ଏମିତି ଭାବିବେ ବୋଲି। ତେଣୁ ସେ ଗୋଟିଏ ଉପାୟ ପାଞ୍ଚିଲା। ସେଦିନ ସବୁଦିନ ପରିଚିତ୍ର ନଆଙ୍କି ପ୍ରତିଟି ରଙ୍ଗିନ ପେନସିଲ ବିଭିନ୍ନ ବାଗରେ ବ୍ୟବହାର କଲା। ସେ ହାଲକା ବାଇଗଣୀ ରଙ୍ଗର ଗଛବୃଛ, କମଳା ରଙ୍ଗର ମେଘମାଳା ଆଉ ଇନ୍ଦ୍ରଧନୁ ସୂରୁଜ ଆଦି ଆଙ୍କିଚାଲିଲା। ସବୁଯାକ ରଙ୍ଗ ପୃଥକ ଭାବେ ବ୍ୟବହାର କଲା। ଏଥର ନାନା ରଙ୍ଗର ପେନସିଲ୍‌ଙ୍କ ଖୁସି ଦେଖେ କିଏ! ସମସ୍ତେ ଭାବିଲେ ଆମେ ସବୁ ଗୁରୁତ୍ୱପୂର୍ଣ୍ଣ। ସଭିଏଁ କିରିକିରି ହୋଇ ହସିବାକୁ ଲାଗିଲେ। କବୀର ତା' ଚିତ୍ରାଙ୍ଗନ ଅନେଇ ଖିଲ୍‌ଖିଲ ହସୁଥିଲା।



**ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର**
**ମୋ: ୯୪୩୮୩୩୨୧୩୮**

ରେକର୍ଡ଼

# ଡେଙ୍ଗା ମହିଳା

ପୃଥିବୀର ସବୁଠୁ ଡେଙ୍ଗା ମହିଳା ହେଉଛନ୍ତି ଚୀନର ଜେଙ୍ଗ୍ ଜିନ୍‌ଲିଆନ। ତାଙ୍କ ଉଚ୍ଚତା ଥିଲା ୮ଫୁଟ୍ ୧ ଇଞ୍ଚ (୨୪୬.୩ ସେଣ୍ଟିମିଟର)। ତେବେ ୧୭ ବର୍ଷ ବୟସରେ ୧୯୮୨ ଫେବୃଆରୀ ୧୩ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଚୀନର ହୁନାନ ପ୍ରଦେଶରେ ୧୯୬୪ ଜୁନ ୨୬ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ୪ ବର୍ଷ ବୟସ ହେବା ବେଳକୁ ତାଙ୍କ ଉଚ୍ଚତା ୫ଫୁଟ ଟପିଯାଇଥିଲା। ୧୩ ବର୍ଷ ବୟସରେ ସେ ହୋଇଥିଲେ ସାଢ଼େ ୭ ଫୁଟ। କିଛି ବର୍ଷ ପରେ ସେ ବିଶ୍ୱର ସବୁଠୁ ଡେଙ୍ଗା ମହିଳା ଜେନ୍ ବନ୍‌ଫୋର୍ଡ଼ଙ୍କ ରେକର୍ଡ଼ ଭଙ୍ଗ କରିଥିଲେ। ବନ୍‌ଫୋର୍ଡ଼ଙ୍କ ଉଚ୍ଚତା ଥିଲା ୭ ଫୁଟ ୮.୮ ଇଞ୍ଚ (୨୪୧ ସେଣ୍ଟିମିଟର)।



ତେବେ ସ୍କୋଲିଓସିସ ଓ ମଧୁମେହ ରୋଗରେ ପୀଡ଼ିତ ହେବା ଯୋଗୁ ଜେଙ୍ଗ ଶରୀର ଧୀରେ ଧୀରେ ବଙ୍କା ହେବାରେ ଲାଗିଲା ଏବଂ ସେ ସିଧା ଛିଡ଼ା ହେବା ବା ମୁଣ୍ଡ ଉଠାଇ ସିଧା ଚାଲିବା ସମ୍ଭବ ହେଲାନାହିଁ। ଶେଷରେ ସେ ଅକାଳରେ ପ୍ରାଣ ହରାଇଥିଲେ।

ପଶୁପକ୍ଷୀ କାହାଣୀ

# ଫୁଲ କାହାର



ରାଜେଶ୍ ରାୟ

ବଗିଚାରେ ଦୁଇଟି ପ୍ରଜାପତି ପରସ୍ପର ସହ ଝଗଡ଼ା କରୁଥିଲେ। କାରଣ ହେଲା ସେହି ବଗିଚାରେ ଫୁଟିଥିବା ଗୋଟିଏ ଧଳା ରଙ୍ଗର ଫୁଲ, ତାର ମିଠା ରସ କିଏ ଖାଇବ ଏହାକୁ ନେଇ ଦୁହେଁ ଚିନ୍ତାରେ ପଡ଼ି ଯାଇଥିଲେ। ଫୁଲର ମହମହ ବାସ୍ନାରେ ପୁରା ବଟିଚାଟି ମହକି ଉଠୁଥିଲା। ଜଣେ ପ୍ରଜାପତି କହିଲା ସେ ଫୁଲ ଉପରେ ମୋର ଅଧିକାର ଅଛି କାରଣ ମୁଁ ସବୁଦିନ ଆସି ସେହି ଫୁଲଗଛ ଚାରିପଟେ ଘୂରି ବୁଲୁଥିଲି। କେତେବେଳେ ଫୁଲ ଫୁଟିବ ଜଗିକି ରହୁଥିଲି। ଏକଥା ଶୁଣି ଅନ୍ୟଜଣେ ପ୍ରଜାପତି ଜୋରରେ ହସି ହସି ଉତ୍ତର ଦେଲା 'କଣ, ବାୟା ହେଇ ଗଲୁକି ! ତୁ କେବଳ ସେହି ଗଛ ଚାରିପଟେ ବୁଲିଛୁ ହେଲେ ମୁଁ ତା ଦେହରେ ଜନ୍ମରୁ ରହି ଆସୁଛି ତେଣୁ ସେହି ଗଛ ମୋର ବାପା, ମାଆ ସବୁକିଛି ଏବଂ ତାର ଫୁଲ ଉପରେ କେବଳ ମୋର ହିଁ ଅଧିକାର ରହିଛି। ଏମିତି ଦୁଇଜଣ ଆହୁରି ଉଗ୍ର ଭାବେ ଯୁକ୍ତିତର୍କ କଲେ। ଚାହୁଁ ଚାହୁଁ ଦିନ ଗଡ଼ି ଯାଇ ସନ୍ଧ୍ୟା ଆସିଲା। ଫୁଲର ବାସ୍ନା ଧୀରେ ଧୀରେ କମିବାକୁ ଲାଗିଲା। ଠିକ୍ ଏତିକିବେଳେ ପ୍ରଜାପତି ଦୁଇଟି ଦେଖିଲେ କିଛି ପିମ୍ପୁଡ଼ି ଧାର ହୋଇ ଆସି ଫୁଲର ମିଠାରସ ଖାଇ ଖୁସି ଆନନ୍ଦରେ ଚାଲିଯାଉଛନ୍ତି। ଏହା ଦେଖି ଦୁଇଜଣ ମନଦୁଃଖରେ ଫୁଲ ଗଛକୁ କହିଲେ 'ଆମେ ସକାଳୁ ଏହି ମିଠାରସ ପାଇଁ ଏତେ ଝଗଡ଼ା କରୁଛୁ ହେଲେ ତୋର ଆମ ପ୍ରତି ଦୟା ହେଲାନି, ସାମାନ୍ୟ ପିମ୍ପୁଡ଼ିମାନଙ୍କୁ କେମିତି ମିଠାରସ ଦେଇଦେଲୁ! ଫୁଲ ଗଛ ଉତ୍ତର ଦେଲା 'ତୁମେ ଦୁଇଜଣ ମୋ ପାଖକୁ ସ୍ୱାର୍ଥ ରଖି କିଛିଦିନ ପାଇଁ ଆସିଛ କିନ୍ତୁ ଏହି ପିମ୍ପୁଡ଼ିମାନେ ଛୋଟବେଳୁ ନିଃସ୍ୱାର୍ଥପର ଭାବେ ମୋ ସାଥିରେ ଅଛନ୍ତି ଏବଂ ମତେ ଅନ୍ୟ କ୍ଷତିକାରକ କୀଟ ପାଖରୁ ସୁରକ୍ଷା ଦେଉଛନ୍ତି। ତେଣୁ ସେମାନେ ହିଁ ଏହାର ପ୍ରକୃତ ଯୋଗ୍ୟ। ଆମେ ମନେରଖିବା ଦରକାର ଯେ ଯେଉଁ ବସ୍ତୁ ଉପରେ ଯାହା ନାଁ ଲେଖା ହୋଇଥିବ ସିଏ ତାଙ୍କୁ ହିଁ ମିଳିବ।



**ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୬୩୭୧୫୫୫୯୪୦**

ଜ୍ଞାନବିଜ୍ଞାନ

# ଆମ୍ବ ନଗରୀ



ପଶ୍ଚିମବଙ୍ଗର ମାଲଦା ଭାରତର 'ଆମ୍ବ ନଗରୀ' ରୂପେ ପରିଚିତ। ମାଲଦା ଓ ତାହାର ଆଖପାଖ ଅଞ୍ଚଳରେ ପ୍ରଚୁର ଆମ୍ବ ଫଳିଥାଏ। ସେ ସବୁ ମଧ୍ୟରେ ରହିଛି ହିମସାଗର, ଫଜିଲ, ଲେଙ୍ଗଡ଼ା, ଲକ୍ଷ୍ମଣଭୋଗ ଆଦି ଜାତିର ଆମ୍ବ। ତେବେ ଆମ୍ବଗୁଡ଼ିକର ସ୍ୱାଦ ଭିନ୍ନ ଭିନ୍ନ। ଏଠାରୁ ପ୍ରତିବର୍ଷ କ୍ୱିଣ୍ଟାଲ କ୍ୱିଣ୍ଟାଲ ଆମ୍ବ ଦେଶର ଅନ୍ୟ ଅଞ୍ଚଳ ଏପରିକି ବିଦେଶକୁ ରପ୍ତାନି କରାଯାଇଥାଏ। ଉର୍ବର ମାଟି ଓ ଅନୁକୂଳ ଜଳବାୟୁ ଯୋଗୁ ମାଲଦାରେ ଏତେ ଜାତିର ଆମ୍ବ ପ୍ରଚୁର ପରିମାଣରେ ଉତ୍ପାଦିତ ହୋଇଥାଏ। ଏ ଅଞ୍ଚଳର ପ୍ରାୟ ୩୦ ହଜାର ହେକ୍ଟର ଜମିରେ ଆମ୍ବ ଚାଷ କରାଯାଉଛି। ସେଠାରେ ପ୍ରାୟ ୪ ଲକ୍ଷ ରୁ ୫ ଲକ୍ଷ ଲୋକ ଆମ୍ବ ଚାଷ ଓ ବ୍ୟବସାୟରେ ସଂପୃକ୍ତ ଥାଆନ୍ତି। ଅନ୍ୟପକ୍ଷରେ ତାମିଲନାଡୁର ସାଲେମ ଦକ୍ଷିଣ ଭାରତର ଆମ୍ବ ନଗରୀ ରୂପେ ପରିଚିତ। ସେଠାରେ ମଧ ବିଭିନ୍ନ ଜାତିର ସୁଆଦିଆ ଆମ୍ବ ଉତ୍ପାଦିତ ହୋଇଥାଏ।



## କୁନି କଙ୍କିର ସକାଳ



ଧନଞ୍ଜୟ ସ୍ୱାଇଁ

କୁଆଡ଼େ ଥିଲା କୁନି କଙ୍କିଟେ
ଉଡ଼ି ଉଡ଼ିକା ଆସି
ଭୋର୍ ବେଳାରେ ନହକା କଣି
ଉପରେ ଗଲା ବସି
କୁନି ଚଢ଼େଇ ପରି,
ଉଡ଼ି ବୁଲିଲା ଦୁଆର, ଦାଣ୍ଡ
ଅଗଣା, ଘର, ବାରି।
ଡେଣାରେ ତା'ର ଖୋସି ଦେଇଛି
କିଏ ଝାଲେରି ଜରି
ଉଡ଼ିଲେ ଦିଶେ ଲଢୁଆ ଉଡ଼ା
ଜାହାଜଟିଏ ପରି
ଛୁଇଁବି ଟିକେ ବୋଲି,
ଛପିଛପିକା ଯେତେ ମୁଁ ଗଲି
ଦୂରକୁ ଗଲା ଚାଲି।
ତା' ଦେଖି ସୁନା କିରଣ ଗଲା
ମାଟି ଉପରେ ଝରି
ଟୋପାକୁ ଟୋପା କାକର ଘାସେ
ସକାଳ ଦେଲା ପାରି
ଗାଁ ଉଠିଲା ଚେଇଁ,
ଫୁଲକୁ ଦେଖି ପରଜାପତି
ଟିକିଏ ଦେଲା ଛୁଇଁ।
କେବେ ତା' ଲାଞ୍ଜେ ସୂତାବାନ୍ଧି ମୁଁ
ଖେଳିଛି ମନଭରି
ଛାଡ଼ିନି ବୋଲି ଖାଇଛି କେତେ
ବୋଉଠୁ ଶୋଧା, ଗାଳି
ବାଟ ଅବା ସେ ଭୁଲି,
ଦୂରରାଇଜୁ ଆସିଛି ଆମ
ଗାଆଁକୁ ସିଏ ବୁଲି।
ସୂତାରେ ବାନ୍ଧି ନିରୀହ ମୁହଁ
ଦେଖିଲି ଯେବେ ତା'ର
ଭାବିଲି, ତା' ମା' ନପାଇ ଖୋଜୁ
ଥିବ ସେ ଘର, ଦ୍ୱାର
ଫିଟେଇ ଦେଲି ସୂତା,
ଉଡ଼ିବା ତା'ର ଦେଖି ହସିଲେ
ଫୁଲ ଓ ତରୁଲତା।

**ରାଜେନ୍ଦ୍ର ନଗର, କଟକ-୧୦**
**ମୋ: ୯୪୩୭୦୦୦୬୩୬**

## ଖରାକୁ କିଆଁ ଡର ?



ପ୍ରଭାତ ଚନ୍ଦ୍ର ରଥ

ଆସିଲା ଖରା ତାତିଲା ଧରା
ସୂର୍ଯ୍ୟ ଢାଳେ ତାତି
ତଥାପି ଦେଖ ଫୁଟିଛି କେତେ
ଫୁଲ ଜାତିକି ଜାତି।
ବଉଳ, ମଲ୍ଲୀ, ଚମ୍ପକ, ହେନା
ଫୁଟି ଝରାନ୍ତି ବାସ
ଯେ ବାସହାସେ ଚହଟେ ଧରା
ଚହଟେ ମଧୁହାସ।
ଡେମ୍ଫରେ କେତେ କାକୁଡ଼ି କଷି
ତରଭୁଜର ଧାଡ଼ି
କାଟିବା ପାଇଁ ଖରାର ତାତି
ପତେଇଛନ୍ତି ଆଡ଼ି।
ପଇଡ଼, ଆମ୍ବ, ଖଜୁରି, କୋଳି
ଆଖୁ, ସପୁରି, ତାଳ
କୁହନ୍ତି-କେହି ନ ଯାଅ ଡରି
ଖରାର ଆମେ କାଳ।
ସତରେ ପିଲେ ଏସବୁ ଥିଲେ
ଖରାକୁ କିଆଁ ଡର
ଖରା ଆସିଛି ଖରା ଫେରିବ
ସରଗରେ ତା' ଘର।

**ମାଟିଆପଡ଼ା, ସର୍ବୋଦୟନଗର**
**ପୁରୀ-୭୫୨୦୦୨**
**ମୋ: ୮୭୬୩୩୦୨୫୦୭**

## ତୁମ ପାଇଁ ବହି




**ପୁରାଣ କଥା**
**ଲେଖକ: ଲକ୍ଷ୍ମୀପ୍ରିୟା ଦାଶ**
**ପ୍ରକାଶକ: ଶିକ୍ଷାଶ୍ରୀ ପବ୍ଲିକେଶନ, ପୁରୀ**
**ମୂଲ୍ୟ: ୮୦ ଟଙ୍କା**


ଏଥିରେ ଅନେକ ନୀତିକଥା ଓ ଶାସ୍ତ୍ର ଆଧାରିତ କାହାଣୀ ରହିଛି। କାହାଣୀଗୁଡ଼ିକରେ ରଚନା ଶୈଳୀ ଖୁବ୍ ଚମତ୍କାର। ଏଥିରେ ରହିଛି ଶିବଙ୍କ ମସ୍ତିକେ ଚନ୍ଦ୍ର, ମୃଗ ଉଦ୍ଧାର, ଚମ୍ପା, ମାର୍କଣ୍ଡ ହ୍ରଦ, ଭକ୍ତ ଓ ଭକ୍ତି, ନରାନ୍ତକ ବଧ, ମହୀରାବଣ ବଧ ଆଦି ୧୩ଟି ଗଳ୍ପ। ପିଲାମାନେ ବହିଟିରୁ ଆନନ୍ଦ ପାଇବା ସହ ଅନେକ ନୀତିଶିକ୍ଷା ମଧ ପାଇପାରିବେ।

## କୁନାକୁନିଙ୍କ ଚିତ୍ର





ସାନ୍ୱୀ ନାୟକ,
କ୍ଲାସ୍-୯, ସେଣ୍ଟ ଜାଭିୟର ହାଇସ୍କୁଲ, କେଦାର ଗୌରୀ, ଭୁବନେଶ୍ୱର



ଦେବାଂଶୀ ଜେନା,
କ୍ଲାସ୍-୬, ବି.ଜେ.ଇ.ଏମ ସ୍କୁଲ, ଭୁବନେଶ୍ୱର



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

ନିତିଦିନ NITIDIN

## ଆଜିର ମ୍ୟାଚ୍



ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗସ
ସମୟ: ଅପରାହ୍ଣ ୩.୩୦, ସ୍ଥାନ: ଦିଲ୍ଲୀ

ରାଜସ୍ଥାନ ରୟାଲ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଜୟପୁର

# ଦିଲ୍ଲୀ କ୍ୟାପିଟାଲ୍ସରେ ଡକେଟ୍‌ଙ୍କ ସ୍ଥାନରେ ରେହାନ୍



**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ଆଇପିଏଲ୍ ୨୦୨୬ ମଝିରେ ଦିଲ୍ଲୀ କ୍ୟାପିଟାଲ୍ସ ଏକ ବଡ଼ ନିଷ୍ପତ୍ତିକ୍ରମେ ଇଂଲଣ୍ଡର ଯୁବ ଅଲ୍‌ରାଉଣ୍ଡର୍ ରେହାନ୍ ଅହମଦଙ୍କୁ ଟିମ୍‌ରେ ସାମିଲ କରିଛି। ପାକିସ୍ତାନୀ ବଂଶୋଦ୍ଭବ ରେହାନ୍‌ଙ୍କୁ ଟିମ୍ ବେନ୍ ଡକେଟ୍‌ଙ୍କ ବଦଳ ଖେଳାଳି ଭାବେ ୭୫ ଲକ୍ଷ ଟଙ୍କାରେ ସ୍ୱାକ୍ଷର କରିଛି। ଏବେ ସେ ପୂରା ସିଜନ୍ ପାଇଁ ଟିମ୍ ସହ ରହିବେ। ରେହାନ୍‌ଙ୍କର ଏହା ପ୍ରଥମ ଥର ଆଇପିଏଲ୍ ହେବ। ବେନ୍ ଡକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର ଠିକ୍ ପୂର୍ବରୁ ନାମ ପ୍ରତ୍ୟାହାର କରିନେଇଥିଲେ। ଆଶେସ୍ ପରେ ସେ ଅନ୍ତର୍ଜାତୀୟ କ୍ରିକେଟ୍ ଉପରେ ଧ୍ୟାନ ଦେବାକୁ ନିଷ୍ପତ୍ତି ନେଇଥିଲେ। ଅବଶ୍ୟ ଟିମ୍ ତୁରନ୍ତ ତାଙ୍କ ବଦଳ ଖେଳାଳି ଚୟନ କରିନଥିଲା ଏବଂ ପ୍ରାରମ୍ଭିକ ମ୍ୟାଚ୍‌ଗୁଡ଼ିକରେ ଶ୍ରୀଲଙ୍କା ପଥୁମ ନିଶଙ୍କା ସହ କେଏଲ୍ ରାହୁଲ ଓପ୍ନିଂ ଦାୟିତ୍ୱ ସମ୍ଭାଳିଥିଲେ। ଡକେଟ୍‌ଙ୍କ ଏହି ନିଷ୍ପତ୍ତିର ପ୍ରଭାବ ତାଙ୍କ କ୍ୟାରିୟର୍ ଉପରେ ମଧ୍ୟ ପଡ଼ିପାରେ। ରିପୋର୍ଟ ଅନୁସାରେ ତାଙ୍କୁ ଲିଗ୍‌ରୁ ଦୁଇବର୍ଷ ପାଇଁ ବ୍ୟାନ୍ କରାଯାଇପାରେ। ଏହା ପୂର୍ବରୁ ଏହି ପ୍ରକାର ଲିଗ୍‌ରୁ ହଟିବା କାରଣରୁ ଇଂଲଣ୍ଡର ହ୍ୟାରୀ ବ୍ରୁକ୍‌ଙ୍କୁ ମଧ୍ୟ ନିଲମ୍ବନର ସମ୍ମୁଖୀନ ହେବାକୁ ପଡ଼ିଥିଲା।

**ସୁଦର୍ଶନଙ୍କ ଶତକ ବେକାର, ୫ ୱିକେଟ୍‌ରେ ହାରିଲା ଗୁଜରାଟ**

# ରୟାଲ୍ ଚ୍ୟାଲେଞ୍ଜର୍ସର ପଞ୍ଚମ ବିଜୟ

**ବେଙ୍ଗାଲୁରୁ,୨୪।୪/ଏଜେନ୍ସି:** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଗୁଜରାଟ ଟାଇଟନ୍ସକୁ ୫ ୱିକେଟ୍‌ରେ ହରାଇ ଚଳିତ ଆଇପିଏଲ୍‌ରେ ପଞ୍ଚମ ବିଜୟ ହାସଲ କରିଛି। ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ୨୦୬ ରନ୍‌ର ଲକ୍ଷ୍ୟକୁ ଟିମ୍ ୧୮.୫ ଓଭର୍‌ରେ ୫ ୱିକେଟ୍ ହରାଇ ହାସଲ କରିନେଇଛି। ବିରାଟ କୋହଲି ଚମତ୍କାର ଫର୍ମ ଜାରିରଖି ୩୦ ବଲ୍‌ରେ ନିଜର ୬୬ତମ ଅର୍ଦ୍ଧଶତକ ପୂରଣ କରିବା ସହିତ ୮୧ ରନ୍ କରିଥିଲେ। ସେହିପରି ଦେବଦତ୍ତ ପାଡିକ୍କଲ୍ ମଧ୍ୟ ମାତ୍ର ୨୧ ବଲ୍‌ରେ ଅର୍ଦ୍ଧଶତକ ପୂରଣ ସହିତ ୫୫ ରନ୍ କରିଥିଲେ। ଟସ୍ ହାରି ପ୍ରଥମେ ଗୁଜରାଟ ସାଇ ସୁଦର୍ଶନଙ୍କ ଶତକ (୧୦୦ ରନ୍) ବଳରେ ୩ ୱିକେଟରେ ୨୦୫ ରନ୍‌ର ବଡ଼ ସ୍କୋର୍ କରିଥିଲା। ଏହି ବିଜୟ ସହ ଆର୍‌ସିବି ପଏଣ୍ଟ ଟେବଲ୍ ଦ୍ୱିତୀୟକୁ ଉଠିଛି।

ଲକ୍ଷ୍ୟର ପିଛା କରୁଥିବା ଆର୍‌ସିବିକୁ ଜ୍ୟାକବ୍ ବେଥେଲ୍ (୧୪)ଙ୍କ ରୂପରେ ପ୍ରଥମ ଝଟ୍‌କା ଲାଗିଥିଲା। ଏହାପରେ ଦେବଦତ୍ତ ପାଡିକ୍କଲ୍‌ଙ୍କ ସହ ବିରାଟ କୋହଲି ସତର୍କତାର ସହ ବ୍ୟାଟିଂ କରି ଦ୍ୱିତୀୟ ୱିକେଟ୍ ପାଇଁ ୧୧୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ପାଡିକ୍କଲ୍‌ଙ୍କୁ ଆଉଟ୍ କରି ରଶିଦ୍ ଖାନ୍ ଏଥିରେ ବ୍ରେକ୍ ଲଗାଇଥିଲେ। ପାଡିକ୍କଲ୍ ୨୭ ବଲ୍‌ରେ ୨ ଚୌକା ଓ ୬ ଛକା ସହାୟତାରେ ୫୫ ରନ୍ କରିଥିଲେ। ପରେ କୋହଲି ମଧ୍ୟ ୮୧ ରନ୍ କରି ଜେସନ୍ ହୋଲ୍ଡର୍‌ଙ୍କ ଶିକାର ହୋଇଥିଲେ। ତାଙ୍କ ୪୪ ବଲ୍‌ର ଇନିଂସ୍‌ରେ ୮ ଚୌକା ଓ ୪ ଛକା ସାମିଲ ଥିଲା। ଇତିମଧ୍ୟରେ କୋହଲି ଆଇପିଏଲ୍‌ରେ ୩୦୦ ଛକାରେ ତୃତୀୟ ବ୍ୟାଟର୍

**କୋହଲି ଓ ପାଡିକ୍କଲ୍‌ଙ୍କ ଅର୍ଦ୍ଧଶତକ**

ହୋଇଛନ୍ତି। ସେହିପରି ଟୁର୍ଣ୍ଣାମେଣ୍ଟରେ କୋହଲିଙ୍କର ୮୦୦ ଚୌକା ମଧ୍ୟ ପୂରଣ ହୋଇଛି। ସେ ରବାଡାଙ୍କ ଓଭର୍‌ରେ ବାଉଣ୍ଡାରୀ ଲଗାଇ ଏହି ମାଇଲ୍‌ଷ୍ଟୋନ୍ ହାସଲ କରିଛନ୍ତି।


ଜିତେଶ ଶର୍ମା (୧୦) ଓ କ୍ୟାପ୍ଟେନ୍ ରଜତ ପାଟିଦାର (୮) ଶସ୍ତାରେ ଆଉଟ୍ ହୋଇଥିଲେ। ପରେ ଟିମ୍ ଡେଭିଡ୍ (୧୦*) ଓ କୃଣାଳ ପାଣ୍ଡ୍ୟା (୨୩*) ଟିମ୍‌କୁ ୭ ବଲ୍ ପୂର୍ବରୁ ବିଜୟୀ କରାଇଥିଲେ। ଗୁଜରାଟ ପକ୍ଷରୁ ରଶିଦ୍ ଖାନ୍ ୨ଟି ୱିକେଟ୍ ନେଇଥିଲେ।



ଗୁଜରାଟ ଟାଇଟନ୍ସକୁ ଦୁଇ ଓପ୍ନର୍ କ୍ୟାପ୍ଟେନ୍ ଶୁଭମନ ଗିଲ୍ ଓ ସାଇ ସୁଦର୍ଶନ ଚମତ୍କାର ଆରମ୍ଭ ଦେଇଥିଲେ। ଦୁହେଁ ୭୬ ବଲ୍‌ରେ ୧୨୮ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ଗୁଜରାଟ କ୍ୟାପ୍ଟେନ୍‌ଙ୍କୁ କ୍ୟାଚ୍ ଆଉଟ୍ କରାଇ ସୁୟଶ ଶର୍ମା ଏଥିରେ ବ୍ରେକ୍ ଲଗାଇଥିଲେ। ଗିଲ୍ ୨୪ ବଲ୍‌ରେ ଦୁଇ ଚୌକା ଓ ଗୋଟିଏ ଛକା ସହାୟତାରେ ୩୨ ରନ୍ କରିଥିଲେ। ୧୬ଶ ଓଭର୍‌ରେ ସୁଦର୍ଶନ୍‌ଙ୍କୁ ଜୋଶ୍ ହେଜଲ୍‌ଉଡ୍ ପ୍ୟାଭିଲିୟନ୍ ଫେରାଇଥିଲେ। ଇତିମଧ୍ୟରେ ୫୭ ବଲ୍‌ରେ ଆଇପିଏଲ୍ କ୍ୟାରିୟର୍‌ର ତୃତୀୟ ଶତକ ପୂରଣ କରିଥିବା ସୁଦର୍ଶନ ୫୮ ବଲ୍‌ରେ ୧୧ ଚୌକା ଓ ୫ ଛକା ବଳରେ ୧୦୦ ରନ୍ କରି ଫେରିଥିଲେ। ଏହା ସହିତ ମ୍ୟାଚ୍ ଅବସରରେ ସେ ଆଇପିଏଲ୍‌ରେ ଦ୍ରୁତତମ ୨୦୦୦ ହଜାର ରନ୍‌ର ରେକର୍ଡ ମଧ୍ୟ ନିଜ ନାମରେ କରିଥିଲେ। ସୁଦର୍ଶନଙ୍କ ପରେ ଜୋଶ୍ ବଟ୍‌ଲର୍ ୧୬ ବଲ୍‌ରେ ୨୫ ରନ୍ କରି ଭୁବନେଶ୍ୱର କୁମାରଙ୍କ ଶିକାର ହୋଇଥିଲେ। ଶେଷ ଆଡ଼କୁ ୱାଶିଂଟନ୍ ସୁନ୍ଦର (୧୯*) ଓ ଜେସନ୍ ହୋଲ୍ଡର୍ (୨୩*) ଗୁଜରାଟ ସ୍କୋର୍ ୨୦୫ ରନ୍‌ରେ ପହଞ୍ଚାଇଥିଲେ।

**ଆଇଏସ୍ଏସ୍ଏଫ୍ ଜୁନିୟର ବିଶ୍ୱକପ୍**


# ବିଶ୍ୱ ରେକର୍ଡ ସହ ଶାମ୍ଭବୀ-ଦିବ୍ୟାଂଶୁଙ୍କୁ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** କାହିରାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ଜୁନିୟର୍ ବିଶ୍ୱକପ୍ ଶୁଟିଂ (ରାଇଫଲ୍/ପିସ୍ତଲ/ଶଟ୍‌ଗନ୍)ରେ ଭାରତକୁ ଶୁକ୍ରବାର ଚତୁର୍ଥ ସ୍ୱର୍ଣ୍ଣ ପଦକ ମିଳିଛି। ୧୦ ମିଟର ଏୟାର୍ ରାଇଫଲ୍ ଟିମ୍ ଇଭେଣ୍ଟରେ ଶାମ୍ଭବୀ କ୍ଷୀରସାଗର ଓ ଦିବ୍ୟାଂଶୁ ଦେବଗନ୍‌ଙ୍କ ଯୋଡ଼ି ୪୯୯.୯ର ଜୁନିୟର୍ ବିଶ୍ୱ ରେକର୍ଡ ସ୍କୋର୍ ସହ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ଏହି ଯୋଡ଼ି ଏହା ପୂର୍ବରୁ କ୍ୱାଲିଫିକେସନ୍ ରାଉଣ୍ଡରେ ୬୩୨.୦ ସ୍କୋର୍ ସହ ଶୀର୍ଷ ସ୍ଥାନ ହାସଲ କରିଥିଲା। ଚୀନା ତାଇପେଇର ସାଇ ଚିହ-ୟିଙ୍ଗ୍ ଓ ଚେନ୍ ୟୁ-ଏନ୍ (୪୯୮.୪) ରୌପ୍ୟ ଏବଂ ଟିଫେନ୍ ପୋମ୍ସ ଓ ଗାସପାର୍ଡ ଲେସିୟର୍‌ଙ୍କ ଫ୍ରେଞ୍ଚ୍ ଯୋଡ଼ି ୪୩୪.୪ ସ୍କୋର୍ ସହ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଏବେ ଭାରତ ମୋଟ ୧୨ ପଦକ ସହ ଶୀର୍ଷରେ ରହିଛି। ଏହା ମଧ୍ୟରେ ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଏବଂ ୩ ବ୍ରୋଞ୍ଜ୍ ସାମିଲ। ଏହା ପୂର୍ବରୁ ଗୁରୁବାର ପ୍ରାଚୀ ଗାଏକୱାଡ୍ ମହିଳା ୫୦ ମିଟର ରାଇଫଲ୍ ୩-ପୋଜିସନ୍‌ରେ ୩୫୪.୬ ସ୍କୋର୍ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ଏପ୍ରିଲ୍ ୨୧ରେ ଶିବ ନରୱାଲ୍ ଉନ୍ନତ ପ୍ରଦର୍ଶନ ସହ ୧୦ ମିଟର ଏୟାର୍ ପିସ୍ତଲ ଇଭେଣ୍ଟର ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିଲେ। ଅନ୍ୟପକ୍ଷରେ ନାରାୟଣ ପ୍ରଣବ (୨୨୯.୫)ଙ୍କୁ ଏହି ଇଭେଣ୍ଟର ବ୍ରୋଞ୍ଜ୍ ପଦକ ମିଳିଥିଲା।


**ଗ୍ରାସ୍‌ହପର୍ କପ୍ ସ୍କ୍ୱାଶ୍ ଟୁର୍ଣ୍ଣାମେଣ୍ଟ**

# କ୍ୱାର୍ଟର୍ ଫାଇନାଲ୍‌ରେ ଅଭୟ ସିଂହ



**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ଭାରତର ଅଭୟ ସିଂହ ଜୁରିକ୍‌ରେ ଚାଲିଥିବା ଗ୍ରାସ୍‌ହପର୍ କପ୍ ସ୍କ୍ୱାଶ୍ ଟୁର୍ଣ୍ଣାମେଣ୍ଟରେ ମିଶର ବିଶ୍ୱ ନମ୍ବର-୧୩ ଅଲି ଅବୁ ଏଲେଇନିନ୍‌ଙ୍କୁ ହରାଇ ପ୍ରଥମ ଥର ପିଏସ୍ଏ ଗୋଲ୍ଡ ଲେଭଲ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୪ତମ ସ୍ଥାନରେ ଥିବା ଅଭୟ ଦ୍ୱିତୀୟ ରାଉଣ୍ଡର ପ୍ରଥମ ଗେମ୍‌ରେ ୫-୮ରେ ପଛୁଆ ରହିଥିଲେ। ତେବେ ଚମତ୍କାର ପ୍ରଦର୍ଶନ କରି ସପ୍ତମ ସିଡ୍ ଏଲେଇନିନ୍‌ଙ୍କୁ ୧୨-୧୦, ୧୧-୯ରେ ମାତ୍ ଦେଇଥିଲେ। ଚଳିତ ମାସ ପ୍ରାରମ୍ଭରେ ଅଭୟ ମିଶରରେ ଆୟୋଜିତ ଏଲ୍ ଗୁନା ଓପନ୍‌ରେ ମଧ୍ୟ ଏଲେଇନିନ୍‌ଙ୍କୁ ହରାଇଥିଲେ। ଏବେ ଅଭୟ କ୍ୱାର୍ଟର୍ ଫାଇନାଲ୍‌ରେ ମିଶରର ବିଶ୍ୱ ନମ୍ବର-୪ କରିମ୍ ଗଭାଡ୍‌ଙ୍କୁ ଭେଟିବେ। ସେ ପ୍ରଥମ ରାଉଣ୍ଡରେ ସ୍ୱିଜରଲାଣ୍ଡର ଡେଭିଡ୍ ବେର୍ନେଟ୍‌ଙ୍କୁ ୧୧-୯, ୯-୧୧, ୧୧-୮ରେ ହରାଇଥିଲେ। ତେବେ ଭାରତର ରମିତ୍ ଟଣ୍ଡନ୍ ମିଶର୍‌ର ଫାରେସ୍ ଦେସୌକିଙ୍କ ଠାରୁ ୧୧-୬, ୧୧-୯ରେ ପରାଜିତ ହୋଇଛନ୍ତି।

# ୨୦୩୮ ଏସିଆନ୍ ଗେମ୍ସ ଆୟୋଜନ ଦୌଡ଼ରେ ଭାରତ



**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ୨୦୨୬ ଅଲିମ୍ପିକ୍‌ର ମଜଭୁତ ଦାବିଦାରୀ ଏବଂ ୨୦୨୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ହାସଲ କରିବା ପରେ ଭାରତର ନଜର ଏବେ ୨୦୩୮ ଏସିଆନ୍ ଗେମ୍ସ ଉପରେ। ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ଏଥିପାଇଁ ଆଧିକାରିକ ଭାବେ ଆଗ୍ରହ ପ୍ରକାଶ କରିଛି। ଗୁରୁବାର ଚୀନ୍‌ର ସାନ୍ୟାରେ ଅଲିମ୍ପିକ୍ କାଉନ୍‌ସିଲ୍ ଅଫ୍ ଏସିଆ (ଓସିଏ)ର କାର୍ଯ୍ୟକାରୀ ବୋର୍ଡ ବୈଠକରେ ଭାରତର ପ୍ରସ୍ତାବ ଉପରେ ଆଲୋଚନା କରାଯାଇଛି। ଭାରତର ପ୍ରସ୍ତୁତିର ସମୀକ୍ଷା ପାଇଁ ଖୁବ୍‌ଶୀଘ୍ର ଏକ ଇଭାଲ୍ୟୁଏସନ୍ ଟିମ୍ ପଠାଇବାକୁ ବୋର୍ଡ ନିଷ୍ପତ୍ତି ନେଇଛି। ୨୦୩୮ ସ୍ଲଟ୍ ପାଇଁ ଭାରତ ବ୍ୟତୀତ ଦକ୍ଷିଣ କୋରିଆ ଓ ମଙ୍ଗୋଲିଆ ମଧ୍ୟ ନିଜ ନିଜର ରୁଚି ଦେଖାଇଛନ୍ତି। ୨୦୩୬ ଅଲିମ୍ପିକ୍ ଏବଂ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପରି ୨୦୩୮ ଏସିଆନ୍ ଗେମ୍ସର କେନ୍ଦ୍ର ମଧ୍ୟ ଅହମଦାବାଦ ହେବ। ଗୁଜରାଟ ସରକାର ଏଥିପାଇଁ ବଡ଼ ସ୍ତରରେ ସ୍ପୋର୍ଟ୍ସ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ନିର୍ମାଣ ଆରମ୍ଭ କରିଦେଇଛନ୍ତି। ଭାରତ ୧୯୫୧ରେ ପ୍ରଥମ ଥର ଏସିଆନ୍ ଗେମ୍ସର ଆୟୋଜନ କରିଥିଲା। ଏହାପରେ ଶେଷଥର ପାଇଁ ୧୯୮୨ରେ ଏହି ଗେମ୍ସ ହୋଇଥିଲା। ଉଭୟ ଥର ଆୟୋଜନ ଦିଲ୍ଲୀ କରିଥିଲା। ଯଦି ଭାରତ ୨୦୩୮ ବିଡ୍ ଜିତେ, ତେବେ ୫୬ ବର୍ଷ ପରେ ଦେଶରେ ଏସିଆନ୍ ଗେମ୍ସରେ ପ୍ରତ୍ୟାବର୍ତ୍ତନ ଘଟିବ। ଆଇଓଏ ଅଧିକାରୀଙ୍କ ଅନୁସାରେ ୨୦୩୮ ଏସିଆନ୍ ଗେମ୍ସ ଆୟୋଜନ ଭାରତ ପାଇଁ ତାର୍ତିକ ପଦକ୍ଷେପ ହେବ। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ୨୦୩୬ ଅଲିମ୍ପିକ୍ ପାଇଁ ଅହମଦାବାଦରେ ପୂର୍ବରୁ ହିଁ ଇନ୍‌ଫ୍ରାଷ୍ଟ୍ରକର୍ ପ୍ରସ୍ତୁତ ହେବ। ଏପରି ସ୍ଥିତିରେ ଏସିଆନ୍ ଗେମ୍ସ ଆୟୋଜନର ଖର୍ଚ୍ଚ ବହୁତ କମିଯିବ। ଯଦି ଭାରତକୁ ୨୦୩୬ ଅଲିମ୍ପିକ୍ ଆୟୋଜନ ଅଧିକାର ମିଳେ, ତେବେ ଏସିଆନ୍ ଗେମ୍ସ ପାଇଁ ସେହି ଭେନ୍ୟୁର ବ୍ୟବହାର କରାଯାଇପାରେ।

# ଏସିଆଡ୍ ଖେଳିପାରିବେନି ଗୋଲ୍‌କିପର୍ ପ୍ରିନ୍ସଦୀପ୍



**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ଏସିଆନ୍ ଗେମ୍ସ ୨୦୨୬ ପୂର୍ବରୁ ଭାରତୀୟ ପୁରୁଷ ହକି ଟିମ୍‌କୁ ଝଟ୍‌କା ଲାଗିଛି। ଏସିଆଡ୍ କ୍ୟାମ୍ପରେ ସାମିଲ ଗୋଲ୍‌କିପର୍ ପ୍ରିନ୍ସଦୀପ୍ ସିଂହ ଆହତ ହୋଇଛନ୍ତି। ତାଙ୍କ ବାମକାନ୍ଧର ଲେବ୍ରଲ୍‌ରେ ଲାଗିଥିବା ଆଘାତର ସର୍ଜରୀ କରାଯିବ। ପ୍ରିନ୍ସଦୀପ୍‌ଙ୍କ କାନ୍ଧ ସର୍ଜରୀ ଚଳିତ ସପ୍ତାହରେ ମୁମ୍ବାଇରେ ଚର୍ଚ୍ଚିତ ଚିକିତ୍ସକ ଦିନ୍‌ଶା ପାରଦୀୱାଲା କରିବେ। ସର୍ଜରୀ ପରେ ତାଙ୍କୁ ସମ୍ପୂର୍ଣ୍ଣ ଠିକ୍ ହେବାକୁ ଛଅମାସ ସମୟ ଲାଗିପାରେ। ଏପରି ସ୍ଥିତିରେ ସେପ୍ଟେମ୍ବର ୧୯ରୁ ଜାପାନର ଏଚି-ନାଗୋୟାରେ ଆରମ୍ଭ ହେବାକୁ ଥିବା ଏସିଆନ୍ ଗେମ୍ସରେ ତାଙ୍କ ଖେଳିବା ସମ୍ଭାବନା ବହୁ କମ୍। ପ୍ରିନ୍ସଦୀପ୍ ଜୁନିୟର୍ ବିଶ୍ୱକପ୍ କ୍ୱାର୍ଟର୍ ଫାଇନାଲ୍‌ରେ ବେଲ୍‌ଜିୟମ୍ ବିପକ୍ଷ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କର ଏହି ପ୍ରଦର୍ଶନ ବଳରେ ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିଥିଲା। ଚେନ୍ନାଇରେ ଗତବର୍ଷ ଡିସେମ୍ବରରେ ଖେଳାଯାଇଥିବା ଜୁନିୟର୍ ବିଶ୍ୱକପ୍‌ରେ ଭାରତର ବ୍ରୋଞ୍ଜ୍ ପଦକ ବିଜୟରେ ପ୍ରିନ୍ସଦୀପ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ପଞ୍ଜାବର ୨୧ ବର୍ଷୀୟ ଗୋଲ୍‌କିପର୍‌ଙ୍କୁ ପିଆର୍ ଶ୍ରୀଜେଶଙ୍କ ବିକଳ୍ପ ଭାବେ ଦେଖାଯାଉଛି। ସେ ୨୦୨୪ ଜୁନିୟର୍ ଏସିଆ କପ୍ ଜିତିଥିବା ଟିମ୍‌ର ମଧ୍ୟ ସଦସ୍ୟ ଥିଲେ।

**ଥୋମାସ୍ କପ୍ ବ୍ୟାଡ୍‌ମିଣ୍ଟନ୍**

# କାନାଡାକୁ ୪-୧ରେ ହରାଇଲା ଭାରତ



**ନୂଆଦିଲ୍ଲୀ,୨୪।୪/ଏଜେନ୍ସି:** ଭାରତୀୟ ପୁରୁଷ ଟିମ୍ ଶୁକ୍ରବାର କାନାଡାକୁ ୪-୧ରେ ହରାଇ ଥୋମାସ୍ କପ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିଛି। କିଦାମ୍ବୀ ଶ୍ରୀକାନ୍ତ ଡେନ୍‌ମାର୍କର ଫୋରମ୍ ହର୍ସେନ୍ସ କୋଟ-୨ରେ ପ୍ରଭାବଶାଳୀ ପ୍ରଦର୍ଶନ କରିଛନ୍ତି। ସେହିପରି ଆୟୁଷ ସେଟ୍ଟୀ ଏବଂ ସାତ୍ତ୍ୱିକ୍‌ସାଇରାଜ୍ ରାଙ୍କିରେଡ୍ଡୀ-ଚିରାଗ ସେଟ୍ଟୀ ଏବଂ ହରିହରନ୍ ଆମ୍ସାକରୁଣାନ୍-ଏମ୍‌ଆର୍ ଅର୍ଜୁନଙ୍କ ଡବଲ୍ସ ଯୋଡ଼ି ନିଜ ନିଜର ମ୍ୟାଚ୍ ଜିତିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଯୁବ ଶଟ୍‌ଲର୍ ଆୟୁଷ ସେଟ୍ଟୀ ୨୧-୧୩, ୨୧-୧୭ ସିଧା ଗେମ୍‌ରେ ବ୍ରିଆନ୍ ୟଙ୍ଗ୍‌ଙ୍କୁ ହରାଇଥିବା ବେଳେ ସାତ୍ତ୍ୱିକ୍-ଚିରାଗଙ୍କ ଯୋଡ଼ି ଜୋନାଥନ୍ ଲାଇ ଓ କେଭିନ୍ ଲି'ଙ୍କ ବିପକ୍ଷରେ ୨୧-୧୦, ୨୧-୧୧ରେ ବିଜୟୀ ହୋଇଛି। ସେହିପରି ଆମ୍ସାକରୁଣାନ୍ ଓ ଅର୍ଜୁନ୍ ୨୧-୭, ୨୧-୧୫ରେ ଟାଇ ଆଲେକ୍‌ଜାଣ୍ଡର୍ ଲିଣ୍ଡମ୍ୟାନ୍ ଓ ନିଲ୍ ୟାକୁରାଙ୍କୁ ମାତ୍ ଦେଇଛନ୍ତି। ଏହାପରେ ଅନ୍ତିମ ମ୍ୟାଚ୍‌ରେ କିଦାମ୍ବୀ ଶ୍ରୀଲଙ୍କା ୨୧-୧୭, ୨୧-୧୨ରେ ଜୋଶୁଆ ଏନ୍‌ଗୁଏନ୍‌ଙ୍କୁ ହରାଇଥିଲେ। ତେବେ ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ୟ ସେନ୍ ୨୧-୧୮, ୨୧-୨୧, ୧୦-୨୧ରେ ଭିକ୍ଟର ଲାଇଙ୍କଠାରୁ ପରାଜିତ ହୋଇଥିଲେ।

**ଦେଶ ବିଦେଶ**

# ନୌକା ବିହାରର ମଜା ନେଲେ ପ୍ରଧାନମନ୍ତ୍ରୀ





**କୋଲକାତା, ୨୪।୪/ଏଜେନ୍ସି:** ମାରାଥନ୍ ନିର୍ବାଚନୀ ପ୍ରଚାର ମଧ୍ୟରେ ନଦୀରେ ନୌକା ବିହାରର ମଜା ଉଠାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ ଆଜି ସକାଳେ କୋଲକାତା ପ୍ରବାହିତ ହୁଗୁଳୀ ନଦୀରେ ନୌକା ବିହାର କରିଛନ୍ତି। ନୌକାରେ ବସି ସେ ନିଜେ ଏହି ସମୟକୁ କ୍ୟାମେରା ମାଧ୍ୟମରେ କଏଦ କରିଛନ୍ତି। ନୌକା ବିହାର ସମୟରେ ସେ ଫଟୋ ଉଠାଇଛନ୍ତି ଏବଂ ସେସବୁକୁ ନିଜ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ନୌକା ବିହାର ସମୟରେ ପ୍ରଧାନମନ୍ତ୍ରୀ ବିଦ୍ୟାସାଗର ସେତୁ ଏବଂ ହାଓଡା ବ୍ରିଜ୍‌କୁ ନିକଟରୁ ଦେଖି ବେଶ୍ ଖୁସି ହୋଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ ତାଙ୍କୁ ନିଜ ନୌକାରେ ନୌକା ବିହାର କରାଇଥିବା ନାବିକ ଗୌରାଙ୍ଗ ବିଶ୍ୱାସଙ୍କୁ ଆଲିଙ୍ଗନ କରିବା ସହ ପାରିଶ୍ରମିକ ବାବଦ ୧୦୦୦ ଟଙ୍କା ମଧ୍ୟ ଦେଇଛନ୍ତି। ଏହା ଏବେ ବେଶ୍ ଚର୍ଚ୍ଚାର ବିଷୟ ସାଜିଛି। ପ୍ରଧାନମନ୍ତ୍ରୀଙ୍କ ନୌବିହାର ଯାତ୍ରାର ଫଟୋ ମଧ୍ୟ ସୋସିଆଲ ମିଡିଆରେ ବେଶ ଭାଇରାଲ୍ ହେଉଛି। ମୋଦୀ ହୁଗୁଳି ନଦୀରେ ପ୍ରାୟ ଏକ ଘଣ୍ଟା ଧରି ଭ୍ରମଣ କରିଥିଲେ। ନୌକା ବିହାର ପରେ ପ୍ରଧାନମନ୍ତ୍ରୀ ସ୍ଥାନୀୟ ଲୋକଙ୍କୁ ମଧ୍ୟ ଭେଟିଥିଲେ। ପ୍ରଧାନମନ୍ତ୍ରୀ ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ଏହି ଭ୍ରମଣର ଫଟୋ ସେୟାର କରି ଲେଖିଛନ୍ତି ଯେ, 'ପ୍ରତ୍ୟେକ ବଙ୍ଗାଳୀଙ୍କ ପାଇଁ ଗଙ୍ଗାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ଏବଂ ଏହା କହିବା ଭୁଲ ହେବ ନାହିଁ ଯେ ଗଙ୍ଗା ବଙ୍ଗଳାର ଆତ୍ମାରେ ପ୍ରବାହିତ ହୁଏ। ଗତ ୫ଦିନ ପୂର୍ବେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗର ଝାଡଗ୍ରାମ ଅଞ୍ଚଳରେ ଜଣେ ଝାଲ୍‌ମୁଢ଼ି ବିକାଳିଙ୍କ ଦୋକାନକୁ ଯାଇ ସେଠାରୁ ଝାଲ୍‌ମୁଢ଼ି କିଣି ଖାଇବା ଏବଂ ବିକାଳି ଯୁବକଙ୍କୁ ୧୦ଟଙ୍କା ଦେବା ମଧ୍ୟ ବେଶ୍ ଚର୍ଚ୍ଚାରେ ଥିଲା।

# ଇସଲାମାବାଦ ଗସ୍ତରେ ଇରାନ୍ ବିଦେଶ ମନ୍ତ୍ରୀ



**ତେହରାନ୍,ଇସଲାମାବାଦ୍, ୨୪।୪/ଏଜେନ୍ସି:** ଇରାନର ବିଦେଶ ମନ୍ତ୍ରୀ ଅବ୍ବାସ୍ ଅରାଘଚି ଇସଲାମାବାଦ ଗସ୍ତରେ ବାହାରିଛନ୍ତି। ସେ ସେଠାରେ ପହଞ୍ଚି ପାକିସ୍ତାନୀ ଅଧିକାରୀଙ୍କ ସହ ଆଲୋଚନା କରିବେ। ଏହି ବୈଠକକୁ ଆମେରିକା ଏବଂ ଇରାନ ମଧ୍ୟରେ ସମ୍ଭାବ୍ୟ ବାର୍ତ୍ତା ପାଇଁ ପ୍ରସ୍ତୁତି ଭାବରେ ଦେଖାଯାଉଛି। ରିପୋର୍ଟ ଅନୁଯାୟୀ, ଏହି ଆଲୋଚନାରେ ଆମେରିକା ସାମିଲ ହେବ ନାହିଁ। ଏହା ପୂର୍ବରୁ ଅରାଘଚି ଆଜି ଅପରାହ୍ନରେ ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିର ଏବଂ ବିଦେଶ ମନ୍ତ୍ରୀ ମହମ୍ମଦ ଇଶାକ ଡାରଙ୍କ ସହ ପୃଥକ ଭାବେ ଆଲୋଚନା କରିଥିଲେ। ଏଥିରେ ଆମେରିକା ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତି ବଜାୟ ରଖିବା ଉପରେ ଚର୍ଚ୍ଚା ହୋଇଥିଲା। ପ୍ରକାଶ, ପାକିସ୍ତାନ ଏହି ସମ୍ପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟସ୍ଥ ଭୂମିକା ଗ୍ରହଣ କରୁଛି ଏବଂ ଏହି ବୈଠକ ପରେ ଆମେରିକା ଓ ଇରାନ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ପଥ ପରିଷ୍କାର ହୋଇପାରେ ବୋଲି ଆଶା କରାଯାଉଛି। ଇରାନ ଗଣମାଧ୍ୟମ ଅନୁଯାୟୀ, ପାକିସ୍ତାନ ପରେ ଅରାଘଚି ଓମାନର ରାଜଧାନୀ ମସ୍କାଟ ଏବଂ ତା'ପରେ ରୁଷ ଗସ୍ତ କରିବେ।

# ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ୍ ଲାଇସେନ୍ସ ରଦ୍ଦ





**ଆପ୍ ମାଧ୍ୟମରେ ୟୁପିଆଇ ଟ୍ରାଞ୍ଜାକ୍‌ସନ୍ ଜାରି ରହିବ**

**ନୂଆଦିଲ୍ଲୀ, ୨୪।୪/ଏଜେନ୍ସି:** ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କର କାର୍ଯ୍ୟକଳାପକୁ ଆଜି ଅର୍ଥାତ୍ ୨୪ ଏପ୍ରିଲରୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ଲିମିଟେଡ୍ (ପିପିବିଏଲ୍)ର ବ୍ୟାଙ୍କିଙ୍ଗ୍ ଲାଇସେନ୍ସକୁ ତତ୍କାଳ ପ୍ରଭାବରେ ରଦ୍ଦ କରିଦେଇଛି। ଆର୍‌ବିଆଇ ଅନୁସାରେ ପେଟିଏମ୍‌ର ବ୍ୟାଙ୍କିଂ କାର୍ଯ୍ୟଧାରା ଦ୍ୱାରା ଗ୍ରାହକଙ୍କ ଟଙ୍କା ସୁରକ୍ଷିତ ନଥିଲା। ତେବେ, ପେଟିଏମ୍‌ର ୟୁପିଆଇ ଟ୍ରାଞ୍ଜାକ୍‌ସନ୍ ଆପ୍ ମାଧ୍ୟମରେ ପୂର୍ବପରି ଚାଲୁ ରହିବ। ତେବେ ପେଟିଏମ୍‌ର ପେମେଣ୍ଟସ ବ୍ୟାଙ୍କ୍‌ରେ ନିଜ ଅର୍ଥ ଜମା ରଖିଥିବା ଉପଭୋକ୍ତାଙ୍କୁ ଆଶ୍ୱସ୍ତ କରିବାକୁ ଯାଇ ଆରବିଆଇ ସ୍ପଷ୍ଟ କରିଛି ଯେ, ପିପିବିଏଲ୍ ପାଖରେ ଏତେ ପରିମାଣର ନଗଦ ଅର୍ଥ ଅଛି ଯେ ବ୍ୟାଙ୍କ ବନ୍ଦ ହେବା ପ୍ରକ୍ରିୟା ମଧ୍ୟରେ ଏହା ନିଜର ସମସ୍ତ ଗ୍ରାହକଙ୍କ ଜମା ରାଶି ଫେରସ୍ତ କରିପାରିବ। ଏହାର ଅର୍ଥ ହେଉଛି ଜମାକାରୀଙ୍କ ଟଙ୍କା ବୁଡ଼ିବ ନାହିଁ।

ଆରବିଆଇ ଦର୍ଶାଇଛି ଯେ, ବ୍ୟାଙ୍କ ପରିଚାଳନା କରୁଥିବା ଅଧିକାରୀଙ୍କ ଆଭିମୁଖ୍ୟ ଏବଂ ନିଷ୍ପତ୍ତି ସାଧାରଣ ଜନତା ତଥା ଖାତାଧାରୀଙ୍କ ସ୍ୱାର୍ଥରେ ନଥିଲା। ରିଜର୍ଭ ବ୍ୟାଙ୍କ ଅନୁଭବ କଲା ଯେ ଏହି ବ୍ୟାଙ୍କକୁ ଅଧିକ ଦିନ ଚଲାଇବା ଦ୍ୱାରା ଜନସାଧାରଣଙ୍କର କୌଣସି ଲାଭ ହେବ ନାହିଁ, ବରଂ ବିପଦ ବଢ଼ିବ। ବ୍ୟାଙ୍କିଂ ଲାଇସେନ୍ସ ନେବା ସମୟରେ ପେଟିଏମ୍ ଯେଉଁ ସବୁ ପ୍ରତିଶ୍ରୁତି ଏବଂ ନିୟମ ମାନିବାକୁ ସ୍ୱୀକାର କରିଥିଲା ସେସବୁକୁ କ୍ରମାଗତ ଭାବେ ଉଲ୍ଲଂଘନ କରିଥିବା ଆରବିଆଇ ଜାଣିବାକୁ ପାଇଥିଲା। ଆରବିଆଇର ଏପ୍ରକାର କାର୍ଯ୍ୟାନୁଷ୍ଠାନ ସମ୍ପର୍କୀତ ସୂଚନା ବ୍ୟାପିବା ପରେ ପରେ ଶୁକ୍ରବାର ଶେୟାର ବଜାରରେ ପେଟିଏମ୍‌ର ମୂଳ କମ୍ପାନୀ 'ୱାନ୍ ୯୭ କମ୍ୟୁନିକେସନ୍'ର ସେୟାରରେ ହ୍ରାସ ଦେଖିବାକୁ ମିଳିଛି। ପେଟିଏମ୍‌ର ସେୟାର ୦.୫% ହ୍ରାସ ପାଇ ସେୟାର ପିଛା ୧,୧୫୩ ଟଙ୍କାରେ ବନ୍ଦ ହୋଇଛି। ବ୍ୟାଙ୍କିଙ୍ଗ୍ ଲାଇସେନ୍ସ ରଦ୍ଦ ହେବା ଖବରର ପ୍ରଭାବ ଆଗାମୀ ଦିନରେ ଷ୍ଟକ୍ ଉପରେ ଅଧିକ ଦେଖିବାକୁ ମିଳିପାରେ।

**ଆସ୍ଥା ଭୋଟ୍ ଜିତିଲେ ସମ୍ରାଟ ଚୌଧୁରୀ**

# ନୀତୀଶ କୁମାରଙ୍କ ପଦାଙ୍କ ଅନୁସରଣ ପାଇଁ ପ୍ରତିଶ୍ରୁତିବଦ୍ଧ

**ପାଟନା, ୨୪।୪/ଏଜେନ୍ସି:** ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସରକାର ଆଜି ବିଧାନସଭାରେ ବାଚନିକ ଭୋଟ୍ ଦ୍ୱାରା ଆସ୍ଥା ଭୋଟ୍ ଜିତିବାରେ ସଫଳ ହୋଇଛି। ଏହାପରେ ଗୃହରେ ନିଜ ଭାଷଣ ରଖିବା ପରିପ୍ରେକ୍ଷୀରେ ସମ୍ରାଟ୍, ନୀତୀଶ କୁମାରଙ୍କ ପଦାଙ୍କ ଅନୁସରଣ କରିବେ ବୋଲି ଦୃଢ଼ ପ୍ରତିଜ୍ଞା କରିଛନ୍ତି। ସମ୍ରାଟ୍‌ଙ୍କ କହିବାନୁସାରେ ନୀତୀଶ କୁମାରଙ୍କ ଅଧୀନରେ ଏନ୍‌ଡିଏ ସରକାର ଗତ ୨ ଦଶନ୍ଧି ମଧ୍ୟରେ ସମାଜର ସବୁ ବର୍ଗର ଲୋକଙ୍କ ପାଇଁ କାମ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବିକଶିତ ଭାରତ ପାଇଁ ପ୍ରୟାସ କରିଥିବାବେଳେ ନୀତୀଶ କୁମାର ସମୃଦ୍ଧ ବିହାର ପାଇଁ କାମ କରିଛନ୍ତି। ସୁତରାଂ ବିହାରର ବିକାଶ ଦିଗରେ ସେ ମଧ୍ୟ ଏହି ପ୍ରକ୍ରିୟାକୁ ଜାରି ରଖିବାକୁ ପ୍ରତିଶ୍ରୁତିବଦ୍ଧ। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ, ନୀତୀଶଙ୍କ ନେତୃତ୍ୱ ଅଧୀନରେ ପରିବର୍ତ୍ତନ ଯାତ୍ରା ଆଗକୁ ଅତି ଦ୍ରୁତ ଗତିରେ ଜାରି ରହିବାର ଆବଶ୍ୟକତା ଅଛି। ସେହିପରି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧାରୀଙ୍କୁ ଲାଲୁ ସ୍କୁଲ୍‌ର ଉତ୍ପାଦ ବୋଲି କହିଥିବାରୁ ସେ ଆଜି ତେଜସ୍ୱୀ ଯାଦବଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସମ୍ରାଟ୍, ତେଜସ୍ୱୀଙ୍କୁ ଟାର୍ଗେଟ୍ କରି କହିଛନ୍ତି, ସେ ଏବଂ ତାଙ୍କ ପରିବାର ସଦସ୍ୟ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ହାତରେ ଯେଉଁ ଅତ୍ୟାଚାର ସହିଛନ୍ତି ତା'ର ଫଳ ସ୍ୱରୂପ ସେ ମୁଖ୍ୟମନ୍ତ୍ରୀ ପଦକୁ ପଦୋନ୍ନତି ପାଇଛନ୍ତି। ଗଣତନ୍ତ୍ରରେ କିଏ କେଉଁଠାରେ ପହଞ୍ଚିବ ସେ ନିଷ୍ପତ୍ତି ଲୋକ ନେବେ। ଏଠି କୌଣସି ସ୍କୁଲ୍ ନାହିଁ। ବିଜେପି ତାଙ୍କୁ ବିହାରରେ ଦଳର ମୁଖ୍ୟ କରିଛି ଏବଂ ୨ ଥର ଉପମୁଖ୍ୟମନ୍ତ୍ରୀ କରିବାପରେ ମୁଖ୍ୟମନ୍ତ୍ରୀ ପଦକୁ ପଦୋନ୍ନତି କରିଛି। ସମ୍ରାଟ୍‌ଙ୍କ କହିବାନୁସାରେ ନୀତୀଶ କୁମାର ଯଦି ନଥାନ୍ତେ ତେବେ ଲାଲୁ ଯାଦବ କେବେ ବି ନେତା ହୋଇପାରିନଥାନ୍ତେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra